## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଜଳିଗଲା ଦୁଇବଖରା ଘର



ଆଳି,୨୩।୩(ଡି.ଏନ୍.ଏ.): ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତ ଅନ୍ତର୍ଗତ କଳାପାହାଡ(ଗ୍ୱାଳିସାହି) ଗ୍ରାମର ଅର୍ସତ ଖାଁଙ୍କ ଘରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଜଳିଯାଇଛି। ସୂଚନା ଅନୁଯାୟୀ, ଅର୍ସତଙ୍କ ପରିବାର ଲୋକ ରାତିରେ ଶୋଇଥିବା ବେଳେ ହଠାତ୍ ଘରେ ନିଆଁ ଲାଗିଯାଇଥିଲା।ଏହାଦେଖି ପରିବାର ଲୋକେ ଭୟରେ ଘରୁ ବାହାରକୁ ପଳାଇ ଆସିଥିଲେ। ଖବରପାଇ ଆଳି ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ମିଶି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଅର୍ସତଙ୍କ ଘରେ ଥିବା ଟଙ୍କା, ସୁନା ଗହଣା, ଧାନ ଓ ଅନ୍ୟାନ୍ୟ ଆସବାବପତ୍ର ସବୁ ଜଳିପୋଡି ପାଉଁଶ ହୋଇଯାଇଛି। ପରିବାର ଲୋକ ପିନ୍ଧା ଲୁଗା ବ୍ୟତିତ ଅନ୍ୟ କୌଣସି ସାମଗ୍ରୀ ଉଦ୍ଧାର କରିପାରି ନ ଥିଲେ। ଗୁରୁବାର ସକାଳେ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା, ପଞ୍ଚାୟତ ସମିତି ଅଧକ୍ଷା ଝରଣା ଦାଶ, ସମାଜିକ କର୍ମୀ କୃଷ୍ଣଚନ୍ଦ୍ର ପଣ୍ଡା ଓ ମେଣ୍ଟପୁର ସରପଞ୍ଚ ପ୍ରତାପ ସାହୁ ପ୍ରମୁଖ ବିପନ୍ନ ପରିବାରୁ ଭେଟି ସହଯୋଗର ହାତ ବଢାଇବା ସହ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

### ପୂର୍ବତନ ବିଧାୟକ ଡା.ସରୋଜକାନ୍ତ କାନୁନ୍‌ଗୋଙ୍କ ସ୍ମୃତିସଭା

**କେନ୍ଦ୍ରାପଡା ଅଫିସ, ୨୩।୩:** କେନ୍ଦ୍ରାପଡା ସହରର ମାଧପୁରସ୍ଥିତ କଲ୍ୟାଣ ମଣ୍ଡପରେ ଜିଲା ପ୍ରତିଭା ପୂଜା ସଂସଦ ପକ୍ଷରୁ କେନ୍ଦ୍ରାପଡା ପୂର୍ବତନ ବିଧାୟକ ଡା.ସରୋଜକାନ୍ତ କାନୁନଗୋଙ୍କ ସ୍ମୃତିସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତି, ଗଣେଶ୍ୱର ବେହେରା, ଡ. ବାସୁଦେବ ଦାସ, ଡା. ଅଲେଖ ଚନ୍ଦ୍ର ଦାସ, ଆଇନଜୀବି ସରୋଜରାଜ ସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ମାନବସେବା ପରମ ଧର୍ମ ବୋଲି ଏହି ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭାରେ ଗୁରୁ ପ୍ରସାଦ ମହାନ୍ତି, ଧିରେନ ସାହୁ, ବାବାଜୀ ଧଳ, ଡା. ବିଶ୍ୱ ପ୍ରକାଶ କାନୁନଗୋ, ଅଜୟ ସାମଲ, ଶୁଭାଂଶୁ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହାକୁ ଗୋଲୋଖ ଚନ୍ଦ୍ର ପଢ଼ିହାରୀ ଓ ସଂସଦର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

### ଶହୀଦ ଭଗତ ସିଂଙ୍କ ଫାଶୀ ଦିବସରେ ଆଲୋଚନା ଚକ୍ର

**କେନ୍ଦ୍ରାପଡା ଅଫିସ, ୨୩।୩:** ଶହୀଦ ଭଗତ ସିଂଙ୍କ ୮୮ତମ ଫାଶୀ ଦିବସରେ ଶନିବାର ଅଖିଳ ଭାରତ ଯୁବଛାତ୍ର ସଙ୍ଘ ପକ୍ଷରୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ବ୍ଲକ କଳପଡା ପଞ୍ଚାୟତ ଅନ୍ତର୍ଗତ ଖସାଡି ଗ୍ରାମରେ ଆୟୋଜିତ ଆଲୋଚନା ଚକ୍ରକୁ ପବିତ୍ର କୁମାର ସାହୁ ସଞ୍ଚାଳନ କରିଥିଲେ। ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ସୀତାକାନ୍ତ ନାୟକ, କ୍ରାନ୍ତିପ୍ରଭା ନାୟକ, ଅର୍ଜ୍ଜୁନ ଲେଙ୍କା ଏଥିରେ ଆଲୋଚକ ଭାବେ ଯୋଗ ଦେଇଥିଲେ। ଆଲୋଚକମାନେ ଶହୀଦ ଭଗତ ସିଂ, ସୁଖଦେବ ଓ ରାଜଗୁରୁଙ୍କ ବଳିଦାନ ଦେଶକୁ ସ୍ୱାଧୀନତା ଆଣି ଦେଇଥିବା କହିଥିଲେ। କାର୍ଯ୍ୟକ୍ରମକୁ ପରେଶ ଲେଙ୍କା ପରିଚାଳନା କରିଥିଲେ।

### ବିଜେଡିରେ ଯୋଗଦେଲେ ୨୦ କଂଗ୍ରେସ ପରିବାର

**ଆଳି,୨୩।୩(ଡି.ଏନ୍.ଏ.):** ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀଙ୍କ ମଧରେ ଦଳ ପରିବର୍ତ୍ତନ ବଢ଼ି ଚାଲିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସନ୍ଧ୍ୟାରେ ମେଣ୍ଟପୁର ପଞ୍ଚାୟତର ୨୦ କଂଗ୍ରେସ ପରିବାର ଦଳ ପରିବର୍ତ୍ତନ କରି ବିଜେଡିରେ ସାମିଲ ହୋଇଛନ୍ତି। ମେଣ୍ଟପୁର ସରପଞ୍ଚ ପ୍ରତାପ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ମିଶ୍ରଣ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସଦସ୍ୟ ପ୍ରତାପ ଦେବ ଯୋଗଦେଇ ଦଳର ନୂତନ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସେକ ସରିଫ, ସେକ ନାଜିର, ସେକ ହାଫିଜୁଲ୍ଲା, ସେକ ଅକ୍ତାର, ସେକ ଅନୱାର, ଗ୍ୟାସୁଦିନ, ସେକ ହବିବ, ସେକ ତାଜୁ, ଶ୍ୟାମସୁନ୍ଦର ବେହେରା ପ୍ରମୁଖ ବିଜେଡିରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ୪ନଂ ଜୋନ ଜିଲା ପରିଷଦ ସଭ୍ୟଙ୍କ ପ୍ରତିନିଧି ଦୁର୍ଯ୍ୟୋଧନ ମଲିକ,ସେକ କାଦର ପ୍ରମୁଖ ଉପସ୍ଥିତ ଥିଲେ।

# ଅବକ୍ଷୟମୁଖୀ ପରିବେଶ ପାଇଁ ଉଦ୍‌ବେଗ

**କେନ୍ଦ୍ରାପଡା ଅଫିସ, ୨୩।୩**



କେନ୍ଦ୍ରାପଡା ଡିଆରଡିଏ ସଭା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

କେନ୍ଦ୍ରାପଡା ଡିଆରଡିଏ ସଭା ଗୃହରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଓ ରାଜନଗର ଲୁଣା ଜଙ୍ଗଲ ବନଖଣ୍ଡ (ବନ୍ୟଜୀବ) ପକ୍ଷରୁ ବିଶ୍ୱ ବନ ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଡିଏଫଓ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟ ବନ ସଂରକ୍ଷକ ଶଶୀଭୂଷଣ ସାମଲ, ମୁଖ୍ୟବକ୍ତା ଜିଲାପାଳ ଦାଶରଥି ଶତପଥୀ ଯୋଗଦେଇଥିଲେ। ସାମ୍ପ୍ରତିକ ସମୟରେ ଅବକ୍ଷୟମୁଖୀ ପରିବେଶ ପାଇଁ ଅତିଥି ଓ ପରିବେଶବିତମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲାପାଳ କହିଥିଲେ ଯେ, ଗ୍ଲୋବାଲ ୱାର୍ମିଂକୁ ସବୁଜ ପତ୍ର ବା ଗଛ ପ୍ରତିହତ କରିପାରିବ। ଏନେଇ ବୈଜ୍ଞାନିକମାନେ ସର୍ବଦା ସତର୍କ ସୂଚନା ଦେଇଆସିଛନ୍ତି। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟ ବନ ସଂରକ୍ଷକ ରାମଚନ୍ଦ୍ର ପତି, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ରବୀନ୍ଦ୍ର ପ୍ରସାଦ ଜେନା, ଗୋପୀନାଥ ଦାସ ଓ ମହେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହାକୁ ମହାକାଳପଡା ରେଞ୍ଜର ବିଜୟ କୁମାର ପରିଡ଼ା ପରିଚାଳନା କରିଥିଲେ।

### ଖରସ୍ରୋତାରେ ବୁଡି ଛାତ୍ର ମୃତ

ଆଳି,୨୩।୩(ଡି.ଏନ୍.ଏ.)- ଆଳି ବ୍ଲକ ଗୁଙ୍ଗା ପଞ୍ଚାୟତ ଅନ୍ତର୍ଗତ ଲେଙ୍କାଡିହା ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମ ନିକଟରେ ପ୍ରବାହିତ ଖରସ୍ରୋତା ନଦୀକୁ ଗାଧୋଇବାକୁ ଯାଇ ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର କୁଳଦିପ ନାୟକଙ୍କ ପୁଅ ସୌମ୍ୟରଞ୍ଜନ ନାୟକ(୧୪)। ସୂଚନା ଅନୁଯାୟୀ, ସୋମ୍ୟ ସାଙ୍ଗମାନଙ୍କ ସହ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେ ନଦୀରେ ଗାଧୋଇବା ନିମନ୍ତେ ଲମ୍ଫ ପ୍ରଦନା କରିବା ପରେ ଭାରସାମ୍ୟ ହରାଇ ବୁଡିଯାଇଥିଲେ। ସାଙ୍ଗମାନେ ଏହା ଦେଖି ଚିତ୍କାର କରିବାରୁ ନିକଟରେ ଯାଉଥିବା ଜଣେ ଗ୍ରାମବାସୀ ସେଠାରେ ପହଞ୍ଚି ଅନ୍ୟମାନଙ୍କ ସହ ମିଶି ତାଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଆଳି ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ସୋମ୍ୟଙ୍କୁ ମୃତ ଘୋଷଣା କରି ଥିଲେ। ଏହାପରେ ଆଳି ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସୌମ୍ୟ ନିକଟସ୍ଥ ହାବଳଗଣ୍ଡ ପାଟଣା ୟୁଜିଏମଇ ସ୍କୁଲରେ ସପ୍ତମ ଶ୍ରେଣୀ ଛାତ୍ର ଥିଲେ।

■ ମାର୍ଚ୍ଚ ୨୫ରୁ ମାଟ୍ରିକ ଖାତା ମୂଲ୍ୟାୟନ

# କେନ୍ଦ୍ରାପଡ଼ାରେ ୨ଟି କେନ୍ଦ୍ର

**କେନ୍ଦ୍ରାପଡା ଅଫିସ, ୨୩।୩**

ମାର୍ଚ୍ଚ ୮ରେ ଚଳିତ ଶିକ୍ଷାବର୍ଷର ମାଟ୍ରିକ ପରୀକ୍ଷା ଶେଷ ହୋଇଥିଲା। ଏହି ପରୀକ୍ଷାର ଖାତା ମୂଲ୍ୟାୟନ ପାଇଁ ମାର୍ଚ୍ଚ୨୫ ତାରିଖ ଧାର୍ଯ୍ୟ ହୋଇଛି। ରବିବାରଠାରୁ ପରୀକ୍ଷକଙ୍କ ନିଯୁକ୍ତି ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଜିଲାର ୨ ପରୀକ୍ଷା କେନ୍ଦ୍ରରେ ଖାତା ମୂଲ୍ୟାୟନ ପାଇଁ ସ୍ଥିର କରାଯାଇଛି। ସେଗୁଡିକ ହେଲା କେନ୍ଦ୍ରପଡା ଟାଉନ ହାଇସ୍କୁଲ ଓ ପଟ୍ଟାମୁଣ୍ଡାଇର କଷଣଅଣ୍ଟାସ୍ଥିତ ପଞ୍ଚାୟତ ହାଇସ୍କୁଲ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସ୍କୁଲ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁଯାୟୀ, ୧୨ ଦିନ ପର୍ଯ୍ୟନ୍ତ ଜିଲାର ଏହି ଦୁଇ ପରୀକ୍ଷା କେନ୍ଦ୍ରରେ ଖାତା ମୂଲ୍ୟାୟନ ଚାଲିବ। ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ କେନ୍ଦ୍ର ଖୋଲା ରହିବ। ଏଥିପାଇଁ କେନ୍ଦ୍ରାପଡା ହାଇସ୍କୁଲ ମୂଲ୍ୟାୟନ କେନ୍ଦ୍ରରେ ମୋଟ ୩୭୮ ପରୀକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ସେହିପରି କଷଣଅଣ୍ଟା ମୂଲ୍ୟାୟନ କେନ୍ଦ୍ରରେ ୩୩୬ ଜଣ ଶିକ୍ଷୟତ୍ରୀ ଓ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ଜିଲା ଶିକ୍ଷା ବିଭାଗରୁ ଅଭୟ କୁମାର ପ୍ରତିହାରୀ ସୂଚନାଦେଇଛନ୍ତି। ଏଥିଲାଗି ଉଭୟ କେନ୍ଦ୍ରରେ ଜିଲା ପୋଲିସ ମୁତୟନ ହୋଇଛନ୍ତି ବୋଲି ସେ ଶନିବାର ସୂଚନା ଦେଇଛନ୍ତି।

■ ନୟନବାଳା ଦାଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

# ହାଣ୍ଡିଭଙ୍ଗା ଚାମ୍ପିୟନ



ଅତିଥିମାନେ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

**ପାଟକୁରା,୨୩।୩(ଡି.ଏନ୍.ଏ.)**

ତେଣ୍ଡାକୁଡ଼ା ପଞ୍ଚାୟତ ଅନ୍ତର୍ଗତ ଜୟତଳଙ୍ଗ ଗ୍ରାମରେ ପ୍ରତିଷ୍ଠିତ ହରିହର ପାଠାଗାର ଓ ଜୟତଳଙ୍ଗ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ୫ମ ବାର୍ଷିକ ନୟନବାଳା ଦାଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୧୫ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ମା'ବିଂଶଭୂଜା କ୍ରିକେଟ ଟିମ୍ ବଡ଼ କ୍ଷୀର (ନିଶ୍ଚିନ୍ତକୋଇଲି ) ଓ ମା'ନାରାୟଣୀ କ୍ରିକେଟ ଟିମ୍ ହାଣ୍ଡିଭଙ୍ଗା ମଧ୍ୟରେ ଖେଳାଯାଇଥିଲା। ବଡ଼କ୍ଷୀର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୩୫ ରନ୍ ସଂଗ୍ରହ କରିଥିଲା ଜବାବରେ ମା'ନାରାୟଣୀ କ୍ରିକେଟ ଟିମ୍ ହାଣ୍ଡିଭଙ୍ଗା ନିର୍ଦ୍ଧାରିତ ଓଭର ପୂର୍ବରୁ ୧୫ ବଲ ବାକି ଥାଇ ୬ ଉଇକେଟ୍‌ରେ ବିଜୟ ଲକ୍ଷ୍ୟ ହାସଲକରି ନେଇଥିଲା। ଟୁର୍ନାମେଣ୍ଟରେ ପ୍ଲେୟାର ଅଫ ଦି ଟୁର୍ନାମେଣ୍ଟ ଭାବେ ବଡକ୍ଷୀର ଦଳର ଆଶୁତୋଷ ସାହୁ ଓ ହାଣ୍ଡିଭଙ୍ଗା ଦଳର ନୌସାଦ ମ୍ୟାନ ଅପ୍ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଶାରଦା ପ୍ରସାଦ ତ୍ରିପାଠୀ, ମୁଖ୍ୟବକ୍ତାଭାବେ ରବିନାରାୟଣ ପାଢ଼ୀ ଓ ରବୀନ୍ଦ୍ରନାଥ ମହାନ୍ତି ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ତେଣ୍ଡାକୁଡ଼ା ସରପଞ୍ଚ ମଳୟାବାସିନୀ ମହାନ୍ତି, ଅବସରପ୍ରାପ୍ତ ସେନା ଅଧିକାରୀ ଆଲିଆସ୍ ଖାନ୍, ରତ୍ନାକର ମହାନ୍ତି, ଉପେନ୍ଦ୍ରନାଥ ଦାଶ, ନୟନକିଶୋର ମହାନ୍ତି ଓ ବରିଷ୍ଠ ଖବରଦାତା ଦୀପ୍ତିରଞ୍ଜନ କାନୁନଗୋ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଚାମ୍ପିୟନ ଦଳ ମା'ନାରାୟଣୀ କ୍ରିକେଟ ଟିମ୍‌କୁ ଟ୍ରଫି ସହ ୩୦୦୧ ଟଙ୍କା ଓ ରନର୍ସଅପ୍ ବିଂଶଭୂଜା କ୍ରିକେଟ ଟିମକୁ ଟ୍ରଫି ସହ ୨୦୦୧ ଟଙ୍କା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଲକ୍ଷ୍ମୀକାନ୍ତ ଦାଶ,ସତ୍ୟରଞ୍ଜନ ଦାଶ, ଚନ୍ଦ୍ରଶେଖର ମହାନ୍ତି, ଚନ୍ଦ୍ରକାନ୍ତ ଦାଶ, ଅମିୟ ସେଠୀ ଓ ରାଜେଶ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ମାଣପଡା ଓ ନୁରୁଗାଁରେ ଗୋମାତା ପୂଜା



ମହିଳାମାନେ ଗୋମାତାଙ୍କୁ ପୂଜା କରୁଛନ୍ତି।

**ରାଜନଗର, ୨୩।୩ (ଡିଏନଏ)**

ଶୁକ୍ରବାର ରାଜନଗର ବ୍ଲକର ନୁରୁଗାଁଠାରେ ଗୋମାତା ପୂଜା ଅନୁଷ୍ଠିତ ହୋଇଯାଇଛି। ଦୋଲପୂର୍ଣ୍ଣିମା ଅବସରରେ ଗ୍ରାମର ରାଧାକୃଷ୍ଣ ପୂଜା କମିଟି ତରଫରୁ ରାଧାକୃଷ୍ଣଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ହେବା ସହିତ ୧୦୮ ଗୋମାତାଙ୍କୁ ପୂଜା କରାଯାଇଥିଲା। ୩୩ ବର୍ଷ ଧରି ଏହି ଧାର୍ମିକ କାର୍ଯ୍ୟ କରାଯାଉଛି। କମିଟିର ମୁଖ୍ୟ ବଟକୃଷ୍ଣ ସାହୁ, ଦାମୋଦର ସ୍ୱାଇଁ, ଗୋଲେଖ ସ୍ୱାଇଁ, ଅଲେଖ ରାଉତଙ୍କ ସମେତ ଗ୍ରାମବାସୀ ଏହାକୁ ପରିଚାଳନା କରିଥିଲେ। ଏହି ଅବସରରେ ଗ୍ରାମର ଯୁବକମାନଙ୍କ ପକ୍ଷରୁ ୨ଦିନ ଧରି ନାଟକ ପରିବେଷଣ କରାଯାଇଥିଲା। ସେହିପରି ମାଣପଡାରେ ପାରମ୍ପାରିକ ଗୋ'ମାତା ପୂଜା ଓ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗାୟତ୍ରୀ ମହାଯଜ୍ଞ ଅବସରରେ ସୂର୍ଯ୍ୟପୂଜା, ରାଧାକୃଷ୍ଣଙ୍କ ଷୋଡଶ ଉପଚାର ପୂଜା, ଗୀତାପାଠ, ଚଣ୍ଡୀପାଠ, ତୁଳସୀ ରାମାୟଣ ପାଠ ଓ ଅଖଣ୍ଡ ନାମସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୬ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଦୋଳ ପୂର୍ଣ୍ଣମୀ ଦିନ ଉଦ୍‌ଯାପିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ୧୦୮ ଗୋମାତାଙ୍କୁ ପୂଜା କରାଯାଇଥିଲା। ଏହାକୁ ସୁଶାନ୍ତ କୁମାର ରାଉତ, ଆଦିକନ୍ଦ ଦାସଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

# ଦୋଳ ମେଳଣରେ ଠାକୁରଙ୍କ ଗାଁ ପରିକ୍ରମା

**ମହାକାଳପଡା, ୨୩।୩ (ଡି.ଏନ.ଏ.)**



ମହାକାଳପଡାରେ ଠାକୁରଙ୍କୁ ମେଳଣରେ ନିଆଯାଉଛି।

ଦୋଳପୂର୍ଣ୍ଣିମା ଓ ହୋଲି ଉତ୍ସବ ମହାକାଳପଡା ବ୍ଲକ ଅନ୍ତର୍ଗତ ରାମନଗର ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା' ରାମଚଣ୍ଡୀଙ୍କ ଚଳନ୍ତି ପ୍ରତିମା କୁଜଙ୍ଗ, ପଲୀଗଡ, ବରଜ, ବାହାକୁଦ ଆଦି ଗ୍ରାମ ପରିକ୍ରମା କରିଥିଲା। ମା'ଙ୍କ ବିମାନ ସମ୍ମୁଖରେ ସଂକୀର୍ତ୍ତନ, ବାଦ୍ୟ, ଘଣ୍ଟାଘଣ୍ଟ ଆଦି ବାଦ୍ୟ ପରିବେଶଣ କରାଯାଇଥିଲା। ପରେ ମା'ଙ୍କ ବିମାନ ବିଳମ୍ବିତ ରାତିରେ ମନ୍ଦିର ଝୁଲଣରେ ଅବସ୍ଥାପିତ କରାଯାଇଥିଲା ବୋଲି ମୁଖ୍ୟ ପୂଜକ ପ୍ରମୋଦ କୁମାର ସାମନ୍ତରାୟ ସୂଚନା ଦେଇଥାନ୍ତି।

**ପାଟକୁରା,(ଡ଼ି.ଏନ୍.ଏ.)–** ଗରଦପୁର ବ୍ଲକ ଅଧୀନ ପାଟକୁରା ହାଟରେ କହ୍ନେଇଲାଲ ଜୀଉଙ୍କ ଗାଦୀ ମେଳଣ ଗୁରୁବାର ଦୋଳପୂର୍ଣ୍ଣିମାରେ ଅନୁଷ୍ଠିତ ହୋଇଯାଇଛି। ବୁଧବାର ରାତିରେ କହ୍ନେଇଲାଲ ଜୀଉଙ୍କୁ ମନ୍ଦିରରୁ ବିମାନରେ ବସାଇ ଶୋଭାଯାତ୍ରାରେ ମେଳଣ ପଡ଼ିଆକୁ ନିଆଯାଇଥିଲା। ଏହି ଅବସରରେ ଗାଁ ପରିବେଶ ଉତ୍ସବ ମୁଖରିତ ହୋଇ ଉଠିଥିଲା। ମେଳଣପଡ଼ିଆକୁ ବିଭିନ୍ନ ଗ୍ରାମରୁ ନିମନ୍ତ୍ରୀତ ହୋଇଥିବା ଠାକୁରମାନେ ବିମାନରେ ଆସିଥିଲେ। ଏହାକୁ ଦେଖିବାକୁ ଭକ୍ତଙ୍କ ଭିଡ ଜମିଥିଲା।

**ରାଜକନିକା, (ଡି.ଏନ୍.ଏ)–** ରାଜକନିକା ବ୍ଲକ ଅନ୍ତର୍ଗତ କଣ୍ଡିଆ, ନମତରା ,ରସିକନଗର , ଦେଉଳତରା , ଅବଦୁଲପୁର , ପାରିନୂଆପଡା , ହାବୁଳଗଣ୍ଡ , ପେଗରପଡା , ହାଟସାହି , ସିହୋପଡା .ଆଗପଡା , ପଧାନପଡା , ପଣସଗଣ୍ଡ , ରାମଚନ୍ଦ୍ରପୁରପଟଣା, ନହୁଣି ଓ ଫାଜିଲପୁର ଆଦି ଅଞ୍ଚଳରେ ଦୋଳ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଅବଦୁଲପୁରରେ ଯାଦବ ସମିତି ପକ୍ଷରୁ ରାଧାକୃଷ୍ଣଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା କରାଯାଉଛି। ସେହିପରି ହାବୁଳଗଣ୍ଡ ପାଟଣା ଶ୍ରୀ ଶ୍ରୀ ଗୋପବନ୍ଧୁଜୀଉ ସେବା ସମିତି ପକ୍ଷରୁ ବିଗ୍ରହପୂଜା , କୃଷ୍ଣରାସଲୀଳା, ଭାଗବତପଠନ, ପ୍ରବଚନ ଓ ପାଲା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ରାଜମେଳଣରେ ୮୦ରୁ ଉର୍ଦ୍ଧ୍ୱ ବିମାନ

**ରାଜକନିକା,୨୩।୩ (ଡି.ଏନ୍.ଏ.)**

କନିକା ପସିଦ୍ଧ ପଞ୍ଚୁଦୋଳ ମେଳଣ ହୋଇଯାଇଛି। ପାଞ୍ଚଦିନ ଧରି ବିଭିନ୍ନ ସ୍ଥାନରେ ଏହି ମେଳଣ ଅନୁଷ୍ଠିତ ହେବା ପରେ ରାଜପ୍ରାସାଦ ଆଗରେ ମେଳଣ ଉତ୍ସବ ଶେଷ ହୋଇଛି। ରାଜମେଳଣରେ ୮୦ରୁ ଉର୍ଦ୍ଧ୍ୱ ବିମାନ ଯୋଗଦେଇଥିଲେ। ଏହି ଅବସରରେ ପାରମ୍ପରିକ ହୋଲି ଗୀତର ତାଳେ ତାଳେ ଭକ୍ତମାନେ ଝୁମି ଉଠିଥିଲେ। ବଡ଼ାଗର ପ୍ରଭୁ ଗୋପୀନାଥ ଜୀଉଙ୍କ ଶୋଭାଯାତ୍ରା ସହ ଗଞ୍ଜା ଗ୍ରାମର ଇଷ୍ଟଦେବ ନୃସିଂହନାଥଙ୍କ ଶୋଭାଯାତ୍ରା ବେଶ ଚିତାକର୍ଷକ ହୋଇଥିଲା। କନିକାରାଜା ଶିବେନ୍ଦ୍ରନାରାୟଣ ଭଞ୍ଜଦେବ ଏବଂ ରାଣୀ ମୃଣାଳିନୀ ଦେବୀ ମେଳଣ ପଡ଼ିଆରେ ପାରମ୍ପରିକ ଭାବେ ରାଧାକୃଷ୍ଣଙ୍କ ଦର୍ଶନ ସହିତ ଚାମର ସେବା କରିଥିଲେ। ପରେ ରାଜପ୍ରାସାଦରେ ଅବିରରେ ହୋଲି ଖେଳ ହୋଇଥିଲା। ଏହି ଅବସରରେ ରାଜପ୍ରସାସାଦରେ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଭିଡ ଜମିଥିଲା। ମେଳଣ ଉତ୍ସବରେ ୨୦ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ମେଳଣକୁ ମାୟାଧର ବାରିକଙ୍କ ସହ ରାଜକର୍ମଚାରୀମାନେ ପରିଚାଳନା କରିଥିଲେ। କନିକା ତହସିଲଦାର ଶୁଭଦର୍ଶନ ଯୋଶୀ ମାଜିଷ୍ଟ୍ରେଟ ଭାବେ ଦାୟିତ୍ୱ ସମ୍ପାଦନା କରିଥିଲେ। ଆଇଆଇସି ଜ୍ୟୋତି ରଞ୍ଜନ ସାମନ୍ତରାୟଙ୍କ ସମେତ ଏକ ପ୍ଲାଟୁନପୋଲିସ ଫୋର୍ସ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଉପସ୍ଥିତ ଥିଲେ।


**ଆଲ୍ଲାହାବାଦ ବ୍ୟାଙ୍କ**
(ଭାରତ ସରକାରଙ୍କ ଉପକ୍ରମ)
**ଭୁବନେଶ୍ୱର ମୁଖ୍ୟ ଶାଖା, ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯**

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ (ସିକ୍ୟୁରିଟି) ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା ଓ ଜାମିନଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତି ଗୁଡ଼ିକୁ ଦଖଲକୁ ନେଇଛନ୍ତି।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।
***ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଋଣଗ୍ରହୀତା/ ଜାମିନଦାରଙ୍କ ନାମ ଓ ଠିକଣା/ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ନୀଳାଚଳ ପେଟ୍ରୋପ୍ରଡକ୍ଟସ୍ (ପ୍ରା.) ଲିଃ,** ୫୬୪, ଲୁଇସ୍ ରୋଡ, ସାମନ୍ତରାପୁର, ଭୁବନେଶ୍ୱର-୭୫୧୦୦୨, **(୧) ଶ୍ରୀ ନରସିଂହ ପୂଜାପଣ୍ଡା**, ପିତା-ଶ୍ରୀ ଗୋପିନାଥ ପୂଜାପଣ୍ଡା, ବାସେଳିସାହି, ପୁରୀ-୭୫୨୦୦୧, **(୨) ଶ୍ରୀମତୀ ଝରଣା ପୂଜାପଣ୍ଡା,** ସ୍ୱା-ହରିହର ପୂଜାପଣ୍ଡା, ବାସେଳିସାହି, ପୁରୀ-୭୫୨୦୦୧, **(୩) ଶ୍ରୀମତୀ ଶୁଭଲକ୍ଷ୍ମୀ ପୂଜାପଣ୍ଡା,** ପିତା- ଗୋପିନାଥ ପୂଜାପଣ୍ଡା, ବାସେଳିସାହି, ପୁରୀ-୭୫୨୦୦୧, **(୪) ଶ୍ରୀ ଜଗନ୍ନାଥ ପୂଜାପଣ୍ଡା,** ପିତା-ଶ୍ରୀ ଗୋପିନାଥ | **(୧) ନରସିଂହ ପୂଜାପଣ୍ଡା**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୧୯୨୪, ଖାତା ନଂ.୩୯୭, ଏରିଆ-ଏକର୦.୦୫୦ ଡିସିମିଲି, ମୌଜା-ପୁରୀ ସଦର, ଜିଲ୍ଲା-ପୁରୀ, ଚଉହଦି: ଉତର-କେ ପଣ୍ଡା, ଦକ୍ଷିଣ- ହରି ସାହୁ, ପଶ୍ଚିମ-ବି ବିଶ୍ୱାଳ, ପୂର୍ବ-ରାସ୍ତା, **(୨) ଗୋପିନାଥ ପୂଜାପଣ୍ଡା**ଙ୍କ ନାମରେ ଥିବା ଜମି ଯାହାର ପ୍ଲଟ ନଂ.-୧୦୪୦/୧୪୭୬, ଖାତା ନଂ.-୭୮୬/୧୦୭, ଏରିଆ-ଏକର୦.୦୦୯୫ ଡିସିମିଲି, ମୌଜା-ପୁରୀ ସହର, ୟୁନିଟ୍ ନଂ.-୮, ବାସୁଳି ସାହି, ଜିଲ୍ଲା-ପୁରୀ। **(୩) ହରିହର ପୂଜାପଣ୍ଡା**ଙ୍କ ନାମରେ ଥିବା ଜମି ଯାହାର ପ୍ଲଟ ନଂ.-୧୦୪୦/୧୪୭୬, ଖାତା ନଂ.-୭୮୬/୧୦୭, ଏରିଆ-ଏକର୦.୦୦୯୫ ଡିସିମିଲି, ମୌଜା-ପୁରୀ ସହର, ୟୁନିଟ୍ ନଂ.-୮, ବାସୁଳି ସାହି, ଜିଲ୍ଲା-ପୁରୀ। (ସମ୍ପତ୍ତି କ୍ର.ନଂ.୨ ଏବଂ ୩ ର କମନ୍ ଚଉହଦି: ଉତର-ରାମଚନ୍ଦ୍ର କର, ଦକ୍ଷିଣ-ରଘୁନାଥ ପୂଜାପଣ୍ଡା, ପଶ୍ଚିମ- ଜଗନ୍ନାଥ ପୂଜାପଣ୍ଡା, ପୂର୍ବ-ରାସ୍ତା। | ୨୯.୧୨.୨୦୧୮ ଏବଂ ୧୯.୦୧.୨୦୧୯ (ଖବରକାଗଜ ପ୍ରକାଶନ ମାଧମରେ) | ୨୧.୦୩.୨୦୧୯ | ତା.୨୮.୧୨.୨୦୧୮ ସୁଦ୍ଧା ଟ.୩,୦୩,୫୩,୩୭୮/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ପୂଜାପଣ୍ଡା, ପ୍ରଭୁକୃପା ଦିଗମ୍ବର ନଗର, ଗିନାରୀବନ୍ତ, ଖଦୀପଡା, ସଙ୍କରପୁର, ପୁରୀ-୭୫୨୦୦୨, **(୫) ଶ୍ରୀ ହରିହର ପୂଜାପଣ୍ଡା,** ପିତା-ଶ୍ରୀ ଶ୍ୟାମ ସୁନ୍ଦର ପୂଜାପଣ୍ଡା, ବାସେଳିସାହି, ପୁରୀ-୭୫୨୦୦୧, **(୬) ଶ୍ରୀ ଗୋପିନାଥ ପୂଜାପଣ୍ଡା,** ପିତା-ଶ୍ରୀ ବନମାଳୀ ପୂଜାପଣ୍ଡା, ବାସେଳିସାହି, ପୁରୀ-୭୫୨୦୦୧, **(୭) ଶ୍ରୀ ଅମରକାନ୍ତ ପଣ୍ଡା,** ୫୬୪, ଲୁଇସ୍ ରୋଡ, ସାମନ୍ତରାପୁର, ଭୁବନେଶ୍ୱର, ଖୋର୍ଦ୍ଧା-୭୫୧୦୦୨, **(୮) ଶ୍ରୀ ଶୁଭ୍ରକାନ୍ତ ପଟ୍ଟନାୟକ,** ପ୍ଲଟ ନଂ.-ପିପି-୧୬, ପାଣ୍ଡବ ନଗର, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮, **(୯) ଶ୍ରୀ ଉଗ୍ରସେନ ଦାଶ,** ୯୪/୧୦୧୭, ସାମନ୍ତରାପୁର, ବିସାଲ୍ ସିଟି, ପୋ-ଶିଶୁପାଳଗଡ, ଭୁବନେଶ୍ୱର-୭୫୧୦୦୨। **ସମ୍ପତ୍ତି ନଂ.-୧ର ମାଲିକ: ନରସିଂହ ପୂଜାପଣ୍ଡା, ସମ୍ପତ୍ତି ନଂ.-୨ର ମାଲିକ: ଗୋପିନାଥ ପୂଜାପଣ୍ଡା, ସମ୍ପତ୍ତି ନଂ.-୩ର ମାଲିକ: ହରିହର ପୂଜାପଣ୍ଡା।**

**ସ୍ଥାନ-ଭୁବନେଶ୍ୱର, ତାରିଖ-୨୧.୦୩.୨୦୧୯** **କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ**





ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୪ ମାର୍ଚ୍ଚ, ୨୦୧୯



ଧନ ଥିଲେ ଦାରିଦ୍ର୍ୟର ଭୟ ଅଛି। ଜ୍ଞାନରେ ଅଜ୍ଞାନର ଭୟ, ସର୍ବୋପରି ଦେହ ଥିଲେ ମୃତ୍ୟୁର ଭୟ ଅଛି। ଏହି ଜଗତର ସମୁଦାୟ ବସ୍ତୁ ଭୟଯୁକ୍ତ। କିନ୍ତୁ ଯେଉଁ ବ୍ୟକ୍ତି ସର୍ବସ୍ୱ ତ୍ୟାଗ କରିଛି ତାହାର କୌଣସି ଭୟ ନାହିଁ। ସେ ଭୟ ଶୂନ୍ୟ ନିର୍ଭୀକ। - ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଧର୍ମଶାଳା,୨୩।୩ (ଡି.ଏନ୍.ଏ.):** ଧର୍ମଶାଳା ଥାନା ୧୬ନଂ ଜାତୀୟ ରାଜପଥ ଜାରକାନିକଟରେ ଶନିବାର ଏକ କଣ୍ଟେନର ଚାପାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଯାଜପୁର ଜିଲା ମଙ୍ଗଳପୁର ଥାନା ଅନ୍ତର୍ଗତ ନୂଆଗାଁର ଦେବପ୍ରସାଦ ରାୟ(୨୫) ବୋଲି ଜଣାପଡିଛି। ସେ ମେଡିସିନ୍ ରିପ୍ରେଜେଣ୍ଟେଟିଭ୍ ଭାବେ କାର୍ଯ୍ୟ କରୁଥିଲେ। ସେ ବାଇକ ନଂ-(ଓଡି୦୨-ଟି- ୭୭୭୩) ଯୋଗେ ଚଣ୍ଡିଖୋଲ ଅଭିମୂଖେ ଯାଉଥିବା ସମୟରେ ଏକ ଡମ୍ଫର ତାଙ୍କୁ ସାଇଡ ମାରିବାରୁ ସେ ତଳେ ପଡିଯାଇଥିଲେ। ଏହି ସମୟରେ ପଛପଟୁ ଦ୍ରୁତଗତିରେ ଆସୁଥିବା ଏକ କଣ୍ଟେନର(ଏମଏଚ୍୪୦- ଏକେ- ୭୬୦୩) ତାଙ୍କ ଉପରେ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଧର୍ମଶାଳା ପୋଲିସ ମୃତଦେହକୁ ଉଦ୍ଧାରକରି ଧର୍ମଶାଳା ଡାକ୍ତରଖାନାକୁ ଆଣି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଏନେଇ ଏକ ମାମଲା(ନଂ.୧୩୪/୧୯) ରୁଜୁ କରିବା ସହ ଦୁର୍ଘଟଣା ଘଟାଇଥିବା କଣ୍ଟେନରକୁ ଜବତ କରିଛି।

### ହୋଲି ଖେଳରୁ ଗୋଷ୍ଠୀ ସଂଘର୍ଷ : ୫ ଗିରଫ

**ଧର୍ମଶାଳା/ରସୁଲପୁର,୨୩। ୩(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ମାଝିପାଟଣା ଗ୍ରାମରେ ଶୁକ୍ରବାର ହୋଲିଖେଳକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଜଣେ ଗୁରୁତର ଆହତ ହୋଇଥିବାବେଳେ ୫ଜଣ ଗିରଫ ହୋଇଛନ୍ତି। ମାଝିପାଟଣା ଗ୍ରାମର ଅକ୍ରୁର ମଲିକଙ୍କ ଅଭିଯୋଗ ଅନୁସାରେ ରଙ୍ଗଖେଳକୁ ନେଇ ସେହି ଗ୍ରାମର ରତ୍ନାକର ମଲିକ, ଅକ୍ଷୟ ମଲିକ, ଦୁଷ୍ମନ୍ତ ମଲିକ, ଗୋବିନ୍ଦ ମଲିକ, ରଣଜିତ ମଲିକ ପ୍ରମୁଖ ନିର୍ମଳ ମଲିକ ଓ ଅନ୍ୟମାନଙ୍କୁ ମାରାଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ନିର୍ମଳଙ୍କ ମୁଣ୍ଡଫାଟି ଗୁରୁତର ଆହତ ହୋଇଥିବାବେଳେ ଅନ୍ୟ ୪ଜଣ ଆହତ ହୋଇଛନ୍ତି। ଆହତମାନେ ଧର୍ମଶାଳା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସିତ ହୋଇଛନ୍ତି। ଗୁରୁତର ଆହତ ନିର୍ମଳଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଅକ୍ରୁରଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୧୨୮।୧୯) ରୁଜୁ କରି ୫ଜଣଙ୍କୁ ଗିରଫ କରିବା ସହ ଶନିବାର କୋର୍ଟଚାଲାଣ କରିଛି।

### ପତଞ୍ଜଳି ପକ୍ଷରୁ ଚିକିତ୍ସା ଶିବିର

**ଧର୍ମଶାଳା,୨୩। ୩(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜାରକା ପୋଷ୍ଟ ଅଫିସ ଉପର ମହଲାରେ ପରମପୂଜ୍ୟ ରାମଦେବଜୀ ମହାରାଜଙ୍କ ପତଞ୍ଜଳୀ ଯୋଗ ପ୍ରଶିକ୍ଷଣ ଶିବିର ପକ୍ଷରୁ ଆସନ୍ତା ୨୮ତାରିଖ ନିଃଶୁଳ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ବିଶେଷ କରି ମଧୁମେହ, ରକ୍ତଚାପ, ମେଧବହୁଳ ଓ ଅନ୍ୟାନ୍ୟ ରୋଗ ପରୀକ୍ଷା କରାଯିବ। ଏହି ଯୋଗ ପ୍ରଶିକ୍ଷଣ ଶିବିର ଗୁରୁବାର ପ୍ରାତଃ ୫ଟା ୩୦ରୁ ୭ଟା ପର୍ଯ୍ୟନ୍ତ ଚାଲିବ ଓ ଦିବା ୯ଘଟିକାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବରିଷ୍ଠ ଡାକ୍ତରମାନେ ଚିକିତ୍ସା କରିବେ ବୋଲି ପତଞ୍ଜଳୀ ଯୋଗ ସମିତି ପକ୍ଷରୁ ତ୍ରିଲୋଚନ ବିଶ୍ୱାଳ ସୂଚନା ଦେଇଛନ୍ତି।

# ପ୍ରାର୍ଥୀ ଘୋଷଣାରେ ବିଳମ୍ବ, ଆଶଙ୍କାରେ କର୍ମୀ

**ରଞ୍ଜିତ କୁମାର ରାଉତ**
**ରସୁଲପୁର,୨୩।୩(ଡି.ଏନ୍.ଏ.)**

- ଚର୍ଚ୍ଚାରେ ବରୀ, ଧର୍ମଶାଳା ଏବଂ କୋରେଇ ନିର୍ବାଚନମଣ୍ଡଳୀ
- ପ୍ରାର୍ଥୀ ତାଲିକା ଘୋଷଣାରେ ବିଜେଡି ପଛରେ
- ଟିକେଟ ପାଇଁ ରାଜଧାନୀ ମୁହାଁ ପ୍ରାର୍ଥୀ

ରସୁଲପୁର ବ୍ଲକ ଅଧୀନସ୍ଥ ୨୮ ପଞ୍ଚାୟତ ଯାଜପୁର ଜିଲାର ୩ଟି ପ୍ରମୁଖ ନିର୍ବାଚନମଣ୍ଡଳୀରେ ବିଭାଜିତ ହୋଇଛି। ବରୀ, ଧର୍ମଶାଳା ଓ କୋରେଇ ନିର୍ବାଚନମଣ୍ଡଳୀରେ ବିଭିନ୍ନ ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ଘୋଷଣାରେ ବିଳମ୍ବ ଘଟୁଛି। ଯାହାକୁ ନେଇ କର୍ମୀଙ୍କ ମହଲରେ ଆଶା ଆଶଙ୍କା ବଢିବାରେ ଲାଗିଛି।

ଚଳିତ ସାଧାରଣ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଜିଲାରେ ୪ର୍ଥ ତଥା ଶେଷ ପର୍ଯ୍ୟାୟ(୨୯ ଅପ୍ରେଲ)ରେ ନିର୍ବାଚନ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ରାଜ୍ୟର ୬ଟି ଲୋକ ସଭା ଓ ୪୨ଟି ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବ। ଏଥିସକାଶେ ଏପ୍ରିଲ ୨ରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ସେହି ଦିନରୁ ପ୍ରାର୍ଥୀପତ୍ର ଦାଖଲ କାର୍ଯ୍ୟ ଆରମ୍ଭ ହୋଇ ଏପ୍ରିଲ ୯ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ୧୦ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ ଏବଂ ୧୨ତାରିଖକୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯିବ ବୋଲି ଦର୍ଶାଯାଇଛି। ସେହି ମୁତାବକ ଉପରୋକ୍ତ ୩ ନିର୍ବାଚନମଣ୍ଡଳୀରେ ପ୍ରମୁଖ ଦଳ ବିଜେଡି, ଭାଜପା, କଂଗ୍ରେସ ମଧ୍ୟରେ ତ୍ରିମୁଖୀ ଲଢେଇ ହେବ ବୋଲି ସ୍ପଷ୍ଟ ହୋଇଛି। ଏହି ନିର୍ବାଚନମଣ୍ଡଳୀରେ ଶାସକ ବିଜେଡି ଓ ବିରୋଧୀ କଂଗ୍ରେସ ଦଳ ପକ୍ଷରୁ ଦଳୀୟ ପ୍ରାର୍ଥୀ ଘୋଷଣାରେ ବିଳମ୍ବ ଘଟିବାରେ ଲାଗିଛି। ସବୁ ରାଜନୈତିକ ଦଳ ଅନ୍ୟଦଳର ପ୍ରାର୍ଥୀଙ୍କୁ ଦେଖି ଟିକେଟ ଘୋଷଣା କରିବା ପାଇଁ ଅପେକ୍ଷା କରିଥିବାବେଳେ ଭାଜପା ଆଗୁଆ ଦଳୀୟ ପ୍ରାର୍ଥୀ ଘୋଷଣା କରିଛି। ଟିକେଟରୁ ବଞ୍ଚିତ ଆଶାୟୀଙ୍କ ମଧ୍ୟରେ ନିରାଶାଭାବ ପ୍ରକାଶ ପାଇଛି। ଏହା ଦଳ ପାଇଁ କ୍ଷତି ପହଞ୍ଚାଇବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ସେହିପରି କଂଗ୍ରେସ ପକ୍ଷରୁ କୋରେଇ ନିର୍ବାଚନମଣ୍ଡଳୀ ପାଇଁ ବନ୍ଦିତା ପରିଡା, ଭାଜପାରୁ ବିଶ୍ୱଜିତ ନାୟକଙ୍କୁ ପ୍ରାର୍ଥୀ ଭାବରେ ଘୋଷଣା କରାଯାଇଛି। ମାତ୍ର ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସର ପୁରୁଖା ନେତା ରାମ ଚନ୍ଦ୍ର ଖୁଣ୍ଟିଆଙ୍କ ସହ ପରିଡାଙ୍କ ମଧ୍ୟରେ ରାଜନୈତିକ ତିକ୍ତତା ବହୁ ପୁରୁଣା। କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇ ଥିବା ବିଶ୍ୱଜିତ ନାୟକଙ୍କୁ ଦଳ ପ୍ରାର୍ଥୀ କରିଛି। ବିଶ୍ୱଜିତ୍ ପୂର୍ବରୁ ରାମଚନ୍ଦ୍ରଙ୍କ ଏକାନ୍ତ ଅନୁଗତ ଥିଲେ। ଗତ ସାଧାରଣ ନିର୍ବାଚନରେ ରାମଚନ୍ଦ୍ରଙ୍କ ଯୋଗୁ ବିଶ୍ୱଜିତ୍ କଂଗ୍ରେସରୁ ଟିକେଟ ହାତେଇ ବିଜେଡି ଠାରୁ ପରାଜୟ ବରଣ କରିଥିଲେ। ରାମଚନ୍ଦ୍ରଙ୍କ ଶିଷ୍ୟ ଭାଜପାରୁ ପ୍ରାର୍ଥୀ ହୋଇଥିବାବେଳେ ତାଙ୍କର ଜଣାଶୁଣା ବିରୋଧୀ ବନ୍ଦିତା କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି। ତେଣୁ ବର୍ତ୍ତମାନ ପରିସ୍ଥିତିରେ ରାମଚନ୍ଦ୍ରଙ୍କ ଭୂମିକା କ'ଣ ରହିବ ତା ଉପରେ ସମସ୍ତଙ୍କ ନଜର ରହିଛି। ଅନ୍ୟପକ୍ଷରେ ଏହି ଆସନରେ ଦବଦବା ରଖିଥିବା ବିଜେଡି ତାର ପ୍ରାର୍ଥୀ ଘୋଷଣା କରିନାହିଁ। ଏହି ଆସନ ପାଇଁ ବିଜେଡିରୁ ଏକାଧିକ ନେତା ଦଳୀୟ ଟିକେଟ ଆଶାୟୀ ଅଛନ୍ତି। ବିଧାୟକ ଆକାଶ ଦାସନାୟକଙ୍କ ସମେତ ବିଜେଡି ନେତା ଅଶୋକ ବଳ, ପିୟୁଷ ପାଣି ପ୍ରମୁଖ ଦୌଡ଼ରେ ଅଛନ୍ତି। ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ କ୍ଷେତ୍ରରେ ଦଳ ମହିଳାଙ୍କ ପାଇଁ ସଂରକ୍ଷିତ ରଖିବାକୁ ଚାହୁଁଥିବା ଶୁଣିବାକୁ ମିଳୁଛି । ତେଣୁ ଏଭଳିସ୍ଥିତିରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ କୋରେଇ ନର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବେ ବୋଲି ଆଲୋଚନା ହେଉଛି। ତେବେ ବିଜେଡିର ପ୍ରାର୍ଥୀ ଘୋଷଣା ନ ହେବା ପର୍ଯ୍ୟନ୍ତ କାହାକୁ ଟିକେଟ ମିଳିବ ତାହା କହିବା ସମ୍ଭବପର ନୁହେଁ। ସେହିପରି ବରୀ ଓ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲିକ, ରମେଶ ଚନ୍ଦ୍ର ପରିଡା ଓରଫ ତୁଷାରଙ୍କ ନାମ ଘୋଷଣା କରି ଦଳ ନର୍ବାଚନ ପାଇଁ ଆଗୁଆ ପ୍ରସ୍ତୁତ ହୋଇଛି । ଏହି ୨ଟି ନିର୍ବାଚନମଣ୍ଡଳୀରେ କଂଗ୍ରେସ ଓ ବିଜେଡି ପ୍ରାର୍ଥୀ ଚୟନ ଅଙ୍କ ଛିଡୁ ନାହିଁ । ବରୀରେ କଂଗ୍ରେସ ପାଇଁ ଉମେଶ ଜେନା ପ୍ରାର୍ଥୀ ତାଲିକାରେ ଆଗୁଆ ରହିଛନ୍ତି। ହେଲେ ତାଙ୍କ ଜନସମର୍ଥନକୁ ନେଇ ଦଳ ସେତେଟା ସନ୍ତୁଷ୍ଟ ରହି ନ ଥିବା ଭଳି ମନେ ହେଉଛି। ଏହି ନିର୍ବାଚନମଣ୍ଡଳୀରେ ଦଳ ହେଭିୱେଟକୁ ଓହ୍ଲାଇବା ନେଇ ବିଚାର ବିମର୍ଶ କରୁଛି । ହେଲେ ଏ ଅଙ୍କ ଛିଡ଼ି ପାରୁନଥିବାରୁ ଦଳ ଟିକେଟ ଘୋଷଣା କରିପାରୁ ନାହିଁ ବୋଲି ଶୁଣାଯାଉଛି। ଅନ୍ୟପକ୍ଷରେ ବିଜେଡିରୁ ବିଧାୟକ ଦେବାଶିଷ ନାୟକ ଏହି ନିର୍ବାଚନ ମଣ୍ଡଳିରେ ପ୍ରତିନିଧିତ୍ୱ କରୁଛନ୍ତି। ଏଥର ଦଳ ତାଙ୍କୁ ଏହି ଆସନରୁ ପ୍ରାର୍ଥୀ କରାଇବାକୁ ଚାହୁଁ ନ ଥିବା ବିଭିନ୍ନ ମହଲରେ ଆଲୋଚନା ହେଉଛି । ଏହି କ୍ରମରେ ନିର୍ବାଚନମଣ୍ଡଳୀରୁ ଦଳୀୟ ପ୍ରାର୍ଥୀ ହେବା ପାଇଁ ଯୁବନେତା ବିଜୟ ନାୟକ, ନାରୀନେତ୍ରୀ ସୁଲତା ଦେଓ, କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଥିବା ସୁଲୋଚନା ଦାସ ପ୍ରମୁଖ ଆଶାୟୀ ଅଛନ୍ତି। ଏହି ଆସନରେ ଭାଜପାର ଦବଦବା ରହିଛି। ତେବେ ବିଜେଡିକୁ ମଜଭୁତ୍ କରିବା ପାଇଁ ଭାଜପା ନେତାଙ୍କ ସମର୍ଥକ ତଥା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ଦାସଙ୍କ ସ୍ୱାମୀ ଦେବେନ୍ଦ୍ର ଦାସଙ୍କୁ ଦଳରେ ସାମିଲ କରି ଦଳ ଟିକେଟ ଦେବାକୁ ଚାହୁଁଥିବା ଚର୍ଚ୍ଚା ଜୋରସୋର ହେଉଛି। ଏହିଭଳି ଗୋଳିଆ ସ୍ଥିତି ଦଳ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରୁଛି । ଟିକେଟ ଘୋଷଣା ନ ହେବା ପର୍ଯ୍ୟନ୍ତ ଦଳୀୟ ପ୍ରାର୍ଥିତ୍ୱକୁ ନେଇ କେହି ସ୍ଥିର ନିଶ୍ଚିତ ହୋଇପାରୁ ନାହାନ୍ତି। ଏଠାରେ ନେତା ଓ କର୍ମୀଙ୍କ ମଧ୍ୟରେ ଅଦ୍ଭୁତ ଧରଣର ନିରବତା ଦେଖାଦେଇଛି। ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଉଭୟ ବିଜେଡି ଓ କଂଗ୍ରେସ ପାଇଁ ସମାନ ସ୍ଥିତି ଉପୁଜିଛି। ଏହି ୨ଦଳରେ ଟିକେଟ ପାଇଁ ଏକାଧିକ ପ୍ରାର୍ଥୀ ଆଶାୟୀ ଅଛନ୍ତି । କଂଗ୍ରେସରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଷାନ ପଣ୍ଡା, ପୂର୍ବତନ ବିଧାୟକ କାଙ୍ଗାଳି ପଣ୍ଡା, ନାରୀନେତ୍ରୀ ସ୍ମୃତିରେଖା ପହି, ଯୁବନେତା ମାନସ ରଂଜନ କର ପ୍ରମୁଖ ଆଶାୟୀ ଅଛନ୍ତି। ସେହିପରି ବିଜେଡି ପାଇଁ ବିଧାୟକ ପ୍ରଣବ କୁମାର ବଳବନ୍ତରାଏ, ଜିଲାପରିଷଦ ଅଧ୍ୟକ୍ଷ ନରେଶ ମହାନ୍ତି, ପୂର୍ବତନ ବିଧାୟକ ରବି ଲାବଣ୍ୟ, ଯୁବନେତା ସତୀଶ ବିଶ୍ୱାଳ ପ୍ରମୁଖ ଆଶାୟୀ ଅଛନ୍ତି। ଏଠାରେ ବିଧାୟକ ବଳବନ୍ତରାଏ ଖଣିଠାରୁ ଚିଟ୍‌ଫଣ୍ଡ ଓ ଜମି ହଡ଼ପ ଦୁର୍ନୀତି ଆଦି ବହୁ ଦୁର୍ନୀତି ମାମଲାରେ ଜଡିତ ରହିଥିବା ଅଭିଯୋଗ ରହିଛି । ସେଗୁଡିକ ମଧ୍ୟରୁ ଅନେକ ମାମଲାର ତଦନ୍ତ ବି ଚାଲୁଛି। ସେଥିପାଇଁ ଦଳ ବିକଳ୍ପ ଚିନ୍ତାରେ ରହିଥିବା କୁହାଯାଉଛି। ମାତ୍ର ବିଜେଡିର କୋର ଗ୍ରୁପ୍ ସହ ବିଧାୟକଙ୍କ ସୁସମ୍ପର୍କ ଟିକେଟ ଅଙ୍କକୁ ଗୋଳିଆ କରୁଛି। ଏ ସବୁ ସତ୍ତ୍ୱେ ଚଳିତ ଥର ଟିକେଟ ବିଧାୟକ ବଳବନ୍ତରାଏଙ୍କ ପରିବାର ସପକ୍ଷରେ ଯିବ ବୋଲି କୁହାଯାଉଛି। ଟିକେଟ କସରତରେ ସବୁ ଦଳର ନେତା ଓ କର୍ମୀମାନେ ସାମିଲ ହୋଇଛନ୍ତି। ନିଜ ବିଧାନସଭା କ୍ଷେତ୍ରକୁ ଛାଡି ସମସ୍ତେ ରାଜଧାନୀ ମୁହାଁ ହୋଇଛନ୍ତି । ଯେ ପର୍ଯ୍ୟନ୍ତ ଦଳୀୟ ଟିକେଟ ଘୋଷଣା ନ ହୋଇଛି ସେ ପର୍ଯ୍ୟନ୍ତ ନେତା ଓ କର୍ମୀଙ୍କ ମଧ୍ୟରେ ଆଶାଅଶଙ୍କା ଲାଗି ରହିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି।

## ବରୀ ଭାଜପାରେ ଖୁସିର ଲହରି

# ବାଇକ୍ ଶୋଭାଯାତ୍ରାରେ ପାଛୋଟି ନେଲେ



ବିଶ୍ୱରଞ୍ଜନ ମଲ୍ଲିକଙ୍କୁ କର୍ମୀମାନେ ପାଛୋଟି ନେଉଛନ୍ତି।

**ରସୁଲପୁର, ୨୩।୩(ଡି.ଏନ୍.ଏ.)**
ବରୀ ନିର୍ବାଚନମଣ୍ଡଳୀରେ ଯୁବନେତା ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ଭାଜପା ପକ୍ଷରୁ ଗୁରୁବାର ପ୍ରାର୍ଥୀ ଭାବରେ ଘୋଷଣା କରାଯାଇଛି। ଏହାକୁ ନେଇ ରସୁଲପୁର ବ୍ଲକ ଭାଜପା ଶାଖାରେ ଖୁସିର ଲହରୀ ଖେଳି ଯାଇଛି । ଟିକେଟ ମିଳିବାର ୨ଦିନ ପରେ ଦଳୀୟ ପ୍ରାର୍ଥୀ ବିଶ୍ୱ ରସୁଲପୁର ବ୍ଲକ ଅଞ୍ଚଳରେ ପାଦ ଥାପିଛନ୍ତି। ନେତାଙ୍କୁ ନିକଟରେ ପାଇ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ବିଶ୍ୱଙ୍କୁ କର୍ମୀମାନେ ୧୬ନଂ ଜାତୀୟ ରାଜପଥପାର୍ଶ୍ୱରୁ ଏକ ବାଇକ୍ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ପ୍ରଥମାଖଣ୍ଡି ପଞ୍ଚାୟତର ସଡମ୍ବା ମଙ୍ଗଳା ମନ୍ଦିର ନିକଟରେ ପୂଜାର୍ଚ୍ଚନା ପରେ ବରୀ ବ୍ଲକକୁ ଫେରି ଯାଇଥିଲେ। ଏହି ଅବସରରେ ରାଜେନ୍ଦ୍ରପୁର ପଞ୍ଚାୟତର ସମର୍ଥକମାନେ ବିଧାୟକ ପ୍ରାର୍ଥୀ ମଲ୍ଲିକଙ୍କୁ ମୂଳାପାଳ ଛକ ନିକଟରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭାଜପା ପଞ୍ଚାୟତ ସଭାପତି ଭରତ ଚନ୍ଦ୍ର ଭୋଇଙ୍କ ନେତୃତ୍ୱରେ ବରିଷ୍ଠ ସଂଗଠକ ରାମଚନ୍ଦ୍ର ପାଣିଗ୍ରାହୀ, ରବୀନ୍ଦ୍ର ଭୋଇ, ପୂର୍ବତନ ସରପଞ୍ଚ ନାରାୟଣ ପତି, ତିଳ ମଲିକ, ପୂର୍ବତନ ସମିତିସଭ୍ୟ ମୁକୁନ୍ଦ ଦେବ ମହାନ୍ତି, ରାମଚନ୍ଦ୍ର ଭୋଇ, ଯୁବନେତା ସନାତନ ରଥ, ବିରଞ୍ଚି ଦାସ, ନିର୍ମଳ ମଲିକ, ବାବୁଲି ମଲିକ, ଶଙ୍କର୍ଷଣ ଦଳେଇଙ୍କ ସମେତ ଶତାଧିକ କର୍ମୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଶ୍ୱଙ୍କୁ ଦଳୀୟକର୍ମୀମାନେ ଏକ ବିରାଟ ପଟୁଆରେ ବରୀ ଅଭିମୂଖେ ଯାଇଥିଲେ।

## ହାଜତ ଭିତରେ ସାମାଜିକ କର୍ମୀଙ୍କୁ ପୋଲିସର ନିର୍ଯାତନା ଘଟଣା

# ଓଏଚ୍‌ଆର୍‌ସିରେ ଅଭିଯୋଗ

**ସୁକିନ୍ଦା,୨୩।୩(ଡିଏନଏ)**

ସୋସିଆଲ ମିଡିଆରେ ପୋଲିସ ବିରୋଧରେ ବିଭିନ୍ନ ଅଶାଳୀନ ମନ୍ତବ୍ୟ ପୋଷ୍ଟ କରିବା ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିସାରିଛି। ତେବେ ଏହି ଘଟଣାରେ ଅଭିଯୁକ୍ତ ତପନ ପାଢ଼ୀଙ୍କ ବିରୋଧରେ ପାଣିକୋଇଲି ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ତଥା ଶାରୀରିକ ଓ ମାନସିକ ନିର୍ଯାତନା ବିରୋଧରେ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିକଟରେ ଶନିବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଆସନ୍ତା ସୋମବାର ଓଏଚ୍‌ଆର୍‌ସି ପକ୍ଷରୁ ଶୁଣାଣି କରାଯାଇ ପଦକ୍ଷେପ ନିଆଯିବାର ପ୍ରତିଶ୍ରୁତି ମିଳିଥିବା ଜଣାପଡିଛି।ସୂଚନା ଥାଉକି, ଓଏପିଏଫ୍ କନଷ୍ଟେବଲ ରବୀନ୍ଦ୍ର ପୂର୍ତ୍ତୀଙ୍କୁ ଯାଜପୁରରୋଡର ତତ୍କାଳୀନ ଆଇଆଇସି ଅମିତାଭ ମହାପାତ୍ର ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ପ୍ରସଙ୍ଗରେ ସୋସିଆଲ ମିଡିଆରେ ଅଶାଳୀନ ମନ୍ତବ୍ୟ ପୋଷ୍ଟ କରୁଥିବା ଦର୍ଶାଇ ପ୍ରଥମେ ପାଣିକୋଇଲି ପୋଲିସ ଯାଜପୁର ଜିଲା ସୁକିନ୍ଦା ବ୍ଲକ ହାତିବାରୀ ଗ୍ରାମର ସାମାଜିକ କର୍ମୀ ରବୀନ୍ଦ୍ର ଦାସ ଓ ପରେ କଳିଙ୍ଗନଗର ଶ୍ରମିକ ସଂଘ ସମ୍ପାଦକ ପ୍ରତାପ ଜେନାଙ୍କୁ ଗିରଫ କରିଥିଲା। ଏହାପରେ କଟକ ଜିଲା ଚୌଦ୍ୱାର ଅଞ୍ଚଳରେ ରହୁଥିବା ସାମାଜିକ କର୍ମୀ ତଥା ମାନବାଧିକାର ପାଇଁ କାର୍ଯ୍ୟ କରୁଥିବା ରାଜ୍ୟ ମିଶନ ଜଷ୍ଟିଶର ପ୍ରତିଷ୍ଠାତା ତପନ ପାଢୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସିଭିଲ ସୋସାଇଟିର କର୍ମୀ ତଥା ଏକ ସତ୍ୟ ଅନୁସନ୍ଧାନକାରୀ ଦଳ ଗୁରୁବାର ଯାଜପୁର ଜିଲାର ସୁକିନ୍ଦା ସହ ବିଭିନ୍ନ ଅଞ୍ଚଳରେ ପହଞ୍ଚି ତଥ୍ୟ ସଂଗ୍ରହ କରିଥିଲା। ଗିରଫ ହୋଇଥିବା ସାମାଜିକ କର୍ମୀ ତପନଙ୍କୁ ପାଣିକୋଇଲି ଥାନାରେ ହାଜତ ଭିତରେ ମାଡ଼ ମରାଯାଇଥିବା ନେଇ ଏହି ଅନୁସନ୍ଧାନକାରୀ ଦଳ ଜାଣିବାକୁ ପାଇଥିଲା। ଏ ନେଇ ଶନିବାର ଅପରାହ୍ନରେ ସିଭିଲ ସୋସାଇଟ ପକ୍ଷରୁ ମାନବାଧିକାର କର୍ମୀ ବାଗାମ୍ବର ପଟ୍ଟନାୟକ, ମାନବାଧିକାର କର୍ମୀ ଅଖଣ୍ଡ, ଅଶୋକ ନନ୍ଦ, ପ୍ରଦୀପ ପ୍ରଧାନ, ଭଜମନ ବିଶ୍ୱାଳ ପ୍ରମୁଖ ରାଜ୍ୟ ମାନବାଧିକାର କମିଶନ ଅଧ୍ୟକ୍ଷ ଜଷ୍ଟିସ ରଘୁବୀର ଦାସଙ୍କୁ ଭେଟିଥିଲେ। ତପନଙ୍କୁ ଅମାନୁଷିକ ଭାବେ ଦିଆଯାଇଥିବା ମାଡ଼ ଓ ମାନସିକ ନିର୍ଯାତନାର ନିରପେକ୍ଷ ତଦନ୍ତ କରି ପାଣିକୋଇଲି ଥାନା ଆଇଆଇସିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ଏ ସମ୍ପର୍କରେ ବରିଷ୍ଠ ଆଇନଜୀବୀ ତଥା ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନଗୋ, ମିଥ୍ୟା ମକଦ୍ଦମା ବିରୋଧୀ ମଞ୍ଚର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତିଙ୍କ ସହ ବହୁ ବୁଦ୍ଧିଜୀବୀ ପ୍ରତିକ୍ରିୟା ପ୍ରକାଶ କରି ହାଜତ ଭିତରେ ପୋଲିସ ଅତି ଅମାନୁଷିକ ଭାବେ ମାଡ଼ ମାରିବାକୁ ତୀବ୍ର ନିନ୍ଦା କରିଛନ୍ତି। କେତେଜଣ ପୋଲିସ କର୍ମଚାରୀଙ୍କ ଏଭଳି ବେପରୁଆ କାର୍ଯ୍ୟ ଯୋଗୁ ସମଗ୍ର ବିଭାଗ ବଦନାମ ହେଉଛି ବୋଲି କହିଛନ୍ତି।

# ଭାଜପାରେ ଯୋଗଦେଲେ ଶତାଧିକ କର୍ମୀ

**ଧର୍ମଶାଳା,୨୩।୩(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ସମ୍ପାରୁ ପଞ୍ଚାୟତର ଜାରକା ଭାଜପା କାର୍ଯ୍ୟାଳୟ ପରିସରରେ ଶନିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ବିଭିନ୍ନ ଦଳର ଶତାଧିକ କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। ସମ୍ପାରୁ ପଞ୍ଚାୟତର ଉତ୍ତମ ଜେନା, ପ୍ରଭୁଦତ୍ତ ସ୍ୱାଇଁ, ଚନ୍ଦନ କୁମାର ଜେନା, ଛବିନ୍ଦ୍ର ମଲିକ, ମାନସ ରଞ୍ଜନ ସାହୁ, ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଭାଜପାରେ ଯୋଗଦେଇଥିଲେ। ଧର୍ମଶାଳା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ରମେଶ ଚନ୍ଦ୍ର ପରିଡା ବିଧାୟକ ପ୍ରାର୍ଥୀଭାବେ ଘୋଷିତ ହୋଇଥିବାରୁ କର୍ମୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଛି। ନୂତନ କର୍ମୀଙ୍କୁ ରମେଶ ପରିଡା ଦଳୀୟ ଉତ୍ତରୀୟ, ଟୋପିସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି।

## ଟିକେଟ ବଣ୍ଟନ ପ୍ରକ୍ରିୟାକୁ ବିରୋଧ

# ନେତା,ଦଳୀୟ କର୍ମକର୍ତ୍ତାଙ୍କ ସମୂହ ଇସ୍ତଫା

**ରସୁଲପୁର,୨୩।୩(ଡି.ଏନ୍.ଏ.)**

**ଧର୍ମଶାଳା ଭାଜପାରେ ବିରୋଧୀ ସ୍ୱର ପଦାରେ ପଡ଼ିଲା**

ଧର୍ମଶାଳା ଭାଜପାରେ ବିରୋଧୀ ସ୍ୱର ପଦାରେ ପଡ଼ି ଯାଇଛି। ଏହି ନିର୍ବାଚନମଣ୍ଡଳୀରେ ଟିକେଟ ବଣ୍ଟନକୁ ନେଇ ଦଳ ଭିତରେ ଅସନ୍ତୋଷ ଦେଖାଦେଇଛି। ଟିକେଟ ବଣ୍ଟନରେ ଚଞ୍ଚକତା କରାଯାଇଛି ବୋଲି ଦର୍ଶାଇ ପଞ୍ଚାୟତସ୍ତରର ନେତା ଓ ବହୁ କର୍ମକର୍ତ୍ତା ଶନିବାର ସନ୍ଧ୍ୟାରେ ସମୂହ ଇସ୍ତଫା ଦେଇଛନ୍ତି। ଇସ୍ତଫା ପ୍ରଦାନକାରୀମାନେ ସେମାନଙ୍କ ଇସ୍ତଫାପତ୍ରକୁ ଭାଜାପାର ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ନିକଟକୁ ପଠାଇଛନ୍ତି । ଏଦିଗରେ ଦଳ ପୁନର୍ବିଚାର ନ କଲେ ହଜାରହାଜର କର୍ମୀ ଦଳ ତ୍ୟାଗ କରିବେ ବୋଲି ଅନୁଷ୍ଠିତ ଏକ ବୈଠକରେ ଉପସ୍ଥିତ କର୍ମୀମାନେ ଏକ ସ୍ୱରରେ ଘୋଷଣା କରିଛନ୍ତି ।

କବାଟ ବନ୍ଧ ମଣ୍ଡଳ ଭାଜପା ଜୋନ ସଭାପତି ଦିଲୀପ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଧର୍ମଶାଳା ବ୍ଲକର ୪୫ ଓ ରସୁଲପୁର ବ୍ଲକର ୯ଟି ପଂଚାୟତର ଛାମୁଆ କର୍ମୀମାନେ ଯୋଗଦେଇ ଥିଲେ। ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଦଳ ପକ୍ଷରୁ ଗୁରୁବାର ରାତିରେ ତୁଷାର ପରିଡା ନାମକ ଜନୈକ ବ୍ୟକ୍ତିଙ୍କ ନାମକୁ ପ୍ରାର୍ଥୀ ଭାବରେ ଘୋଷଣା କରାଯାଇଥିଲା । ରାଜ୍ୟସ୍ତରରୁ ଏହି ନିର୍ବାଚନମଣ୍ଡଳୀରୁ କେନ୍ଦ୍ରକୁ ଯାଇଥିବା ସମ୍ଭାବ୍ୟପ୍ରାର୍ଥୀ ତାଲିକାରେ ତୁଷାର ପରିଡାଙ୍କ ନାମ ସ୍ଥାନ ପାଇ ନ ଥିଲା। କେନ୍ଦ୍ରରୁ ସୁରେନ୍ଦ୍ର କୁମାର ପଣ୍ଡାଙ୍କ ନାମରେ ଟିକେଟ ପ୍ରଦାନ କରାଯାଇଥିଲା। ହେଲେ ରାଜ୍ୟରେ ଏ ନେଇ ଚଞ୍ଚକତା କରାଯାଇ ଅନ୍ୟବ୍ୟକ୍ତିଙ୍କ ନାମକୁ ପୂରାଇ ଦିଆଯାଇଛି ବୋଲି ପଣ୍ଡାଙ୍କ ସମର୍ଥକମାନେ ଅଭିଯୋଗ କରିଛନ୍ତି। ଏଦିଗରେ ଦଳ ପୁନର୍ବିଚାର କରା ନ ଗଲେ ସବୁ ପଞ୍ଚାୟତରେ ପଣ୍ଡାଙ୍କ ସମର୍ଥକମାନେ ଦଳ ଛାଡ଼ିବେ ବୋଲି ମତ ରଖିଥିଲେ। ଉକ୍ତ ବୈଠକରେ ରସୁଲପୁର, ରାହାମ୍ବା, ବାରବାଟୀ, ଓଡିଶୋ, କବାଟବନ୍ଧ, ସଅମ୍ପାରୁ, ଅଞ୍ଜିରା, ଚକ୍ରଧରପୁର, ରେକିଦେଇପୁର, ଅରାବଳ, ପଟୁଣିଆ, ମଧୁସୂଦନପୁର ପ୍ରଭୃତି ପଞ୍ଚାୟତର ଛାମୁଆ କର୍ମୀଗଣ ବୈଠକରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ।



କବାଟବନ୍ଧ ମଣ୍ଡଳ ଭାଜପା ସଭାପତିଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଉପସ୍ଥିତ କର୍ମୀ।

ସୁରେନ୍ଦ୍ର ପଣ୍ଡା ସ୍ୱାଧୀନ ଭାବରେ ନିର୍ବାଚନ ଲଢନ୍ତୁ। ଏଦିଗରେ ସମର୍ଥକମାନେ ବିଭିନ୍ନ ପଞ୍ଚାୟତ ବୁଲି ଜନଜାଗରଣ ସୃଷ୍ଟି କରିବେ ବୋଲି ମତ ରଖିଛନ୍ତି। ରସୁଲପୁର ପଞ୍ଚାୟତ ସମିତିସଭ୍ୟ ବିଶ୍ୱନାଥ ପଣ୍ଡା, ମଣ୍ଡଳ ସଭାପତି ଦିଲୀପ ରାଉତ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଗଙ୍ଗାଧର ସାହୁ ପ୍ରମୁଖ ଇସ୍ତଫା ପ୍ରଦାନ କରିଛନ୍ତି। ତେବେ ଏନେଇ ସୁରେନ୍ଦ୍ର ପଣ୍ଡା ଦଳ ବିରୋଧରେ ମୁହଁ ଖୋଲିବାକୁ ମନା କରିଛନ୍ତି। ଟିକେଟ ବଂଟନ ପ୍ରକ୍ରିୟାକୁ ନେଇ ସାଧାରଣ କର୍ମୀଙ୍କୁ ଆଘାତ ପହଁଚାଇଛି । ତାର ପ୍ରତିଫଳନ ସ୍ୱରୂପ ଶତାଧିକ କର୍ମୀ ରାଜରାସ୍ତାକୁ ଓହ୍ଲାଇଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

# ପୋଲିସର ଜନସମ୍ପର୍କ ବୈଠକ

**ଜେନାପୁର,୨୩। ୩(ଡି.ଏନ୍.ଏ.)**

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଜେନାପୁର ଥାନା ପରିସରରେ୨୩ ତାରିଖ ଶନିବାର ସନ୍ଧ୍ୟାରେ ପୋଲିସ ଓ ଜନତା ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭ୍ୟ କୃଷ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ, ଏସ୍‌ଆଇ ମନୋରଞ୍ଜନ ଦାସ, ଏସ୍‌ଆଇ ସଂଯୁକ୍ତା ବେହେରା ଆମ ପୋଲିସର ସଭ୍ୟ ପବିତ୍ର କୁମାର ସାହୁ, ଦିଲ୍ଲୀପ କୁମାର ବରାଳ, ଅଶୋକ କୁମାର ସାହୁ, ରାଜକିଶୋର ମହାନ୍ତି, ବିଜୟ କୁମାର ପରିଡା ନନ୍ଦକିଶୋର ବଳଙ୍କ ସମସ୍ତ ସଭ୍ୟ ଓ ଥାନା ଅଞ୍ଚଳରେ ଥିବା ୧୯ଗୋଟି ପଞ୍ଚାୟତର ସରପଞ୍ଚ/ସମିତି ସଭ୍ୟ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ନିର୍ବାଚନ ପାଇଁ ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏପରି କି ବେଆଇନ ମଦ କାରବାରକୁ କିପରି ରୋକାଯାଇପାରିବ ସେନେଇ ମଧ୍ୟ ଆଲୋଚନା ହୋଇଥିଲା।

## ଗଣମାଧ୍ୟମ ପ୍ରତିନିଧିଙ୍କ ନିମନ୍ତେ ଅଥରିଟି ଲେଟର

# ୨୫ସୁଦ୍ଧା ଆବେଦନ କରିବାକୁ ଅନୁରୋଧ

**ଯାଜପୁର ଅଫିସ୍, ୨୩।୩**

ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପୂର୍ବ ନିର୍ବାଚନ ଭଳି ଅଥରିଟି ଲେଟର ବା ନିର୍ବାଚନୀ ପରିଚୟ ପତ୍ର ପ୍ରଦାନ ପାଇଁ ନିର୍ବାଚନ କମିଶନ ବ୍ୟବସ୍ଥା କରିଛନ୍ତି। ନିର୍ବାଚନ ଦିନ ମତଦାନ କେନ୍ଦ୍ରକୁ ଯିବା ଓ ଭୋଟଗଣତି ଦିନ ଗଣତି କେନ୍ଦ୍ରରେ ଉପସ୍ଥିତ ରହିବା ପାଇଁ ଏହି ପରିଚୟ ପତ୍ର ବା ଅଥରିଟି ଲେଟର ଉପଯୋଗୀ ସାବ୍ୟସ୍ତ ହେବ। ଆଗ୍ରହୀ ଗଣମାଧ୍ୟମ ପ୍ରତିନିଧିମାନେ ଏହି ଅଥରିଟି ଲେଟର ପାଇଁ ସେମାନଙ୍କ ନାମ, ପିତା/ସ୍ୱାମୀଙ୍କ ନାମ ଓ ଠିକଣା ସହିତ ୩ଟି ଲେଖାଏ ପାସ୍‌ପୋର୍ଟ ଫଟୋ ଦେଇ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକଙ୍କୁ ଆସନ୍ତା ୨୫ତାରିଖ ମଧ୍ୟରେ ଆବେଦନ କରିପାରିବେ। ତେବେ ସେମାନଙ୍କ ଚିହ୍ନଟ ପାଇଁ ଓ ଅଫିସ୍ ସୁବିଧା ପାଇଁ ସେମାନଙ୍କ ମିଡିଆ ହାଉସ ତରଫରୁ ପ୍ରାପ୍ତ ଅଥରିଟି ଲେଟରର ନକଲ ମଧ୍ୟ ଉପସ୍ଥାପନ ବା ଦରଖାସ୍ତରେ ସଂଲଗ୍ନ କରିବାକୁ ଯାଜପୁର ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅନୁରୋଧ କରିଛନ୍ତି।





ବୁନ୍ଦାଏ ବିଷ ଯେପରି ହାଣ୍ଡିଏ କ୍ଷୀରକୁ ନଷ୍ଟ କରିଦିଏ, ସେହିପରି ଟିକିଏ ମିଛ କହିବା ଦ୍ୱାରା ସାରାଜୀବନ ନଷ୍ଟ ହୋଇଯାଏ।

- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ପୂର୍ବ ଶତ୍ରୁତାକୁ ନେଇ ମାରପିଟ:୨ ମାମଲା ରୁଜୁ

କୋରେଇ,୨୩।୩(ସ୍ୱ.ପ୍ର.)- କୋରେଇ ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମାରପିଟ୍ ହୋଇଥିବା ନେଇ ଉଭୟ ପକ୍ଷରୁ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଥିଲା। କୈଳାସ ଚନ୍ଦ୍ର ଦାସ ଓ ସନ୍ତୋଷ ମଲିକ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ଓ ସୁନା ଛଡ଼ାଇବା ନେଇ ଅଭିଯୋଗ ହୋଇଥିଲା। ପୋଲିସ କୈଳାସ ଚନ୍ଦ୍ର ଦାସଙ୍କ ଅଭିଯୋଗକୁ ଭିତ୍ତିକରି ଏକ ମାମଲା (ନଂ.୫୦/୧୯) ଓ ସନ୍ତୋଷ ମଲିକଙ୍କ ଅଭିଯୋଗରେ (ନଂ.୫୧/୧୯) ରୁଜୁ କରିଛି। କୈଳାସ ଅଭିଯୋଗରେ ଭାସ୍କର ମଲିକ, ସନ୍ତୋଷ ମଲିକ, ନିରଞ୍ଜନ ମଲିକ, ପ୍ରଭାକର ମଲିକ, ହଳଧର ମଲିକ, ବାବୁନା ମଲିକ ପ୍ରମୁଖ ତାଙ୍କୁ ମାଡମାରିଥିବା ଦର୍ଶାଇଥିଲେ। ସନ୍ତୋଷଙ୍କ ଅଭିଯୋଗ ମୁତାବକ କୈଳାସ ଦାସ, ବାଙ୍କ ବିହାରୀ ଦାସ, ଗୋରାଚାନ୍ଦ ଦାସ ଓ ଅରୁଣ ଦାସ ତାଙ୍କ ବାଇକ୍ ଅଟକାଇ ମାଡ ମାରିଥିବା ଓ ସୁନା ଚେନ ଲୁଟିଥିବା କହିଥିଲେ। ପୋଲିସ ଉଭୟ ପକ୍ଷରୁ ୨ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ, ଜଣେ ଗିରଫ

ଛତିଆ,୨୩।୩(ଡି.ଏନ୍.ଏ.)- ବୈରୀ ପୋଲିସ୍ ଗୁରୁବାର ବିଳମ୍ବିତ ରାତିରେ ଏକ ଚୋରା ମାଙ୍କଡା ପଥର ବୋଝେଇ ଟ୍ରକ୍ ଜବତ କରିବା ସହ ଡ୍ରାଇଭରଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଡ୍ରାଇଭର ହେଲେ କଟକ ଜିଲା ଚୌଦ୍ୱାର ଥାନା ଅନ୍ତର୍ଗତ ମହିଷା ଲଣ୍ଡା ଗ୍ରାମର ପ୍ରଦୀପ୍ତ ପ୍ରଧାନ (୩୪)। ଏ ନେଇ ପୋଲିସ ଏକ ମାମଲା (ନଂ.୩୯/୧୯) ରୁଜୁ କରିଛି। ରାତି ପାଟ୍ରୋଲିଂ ସମୟରେ ଓସିଏଲରୁ ବୁଢ଼ାକେନ୍ଦୁଆ ଯାଉଥିବା ଏକ ମାଙ୍କଡ଼ା ବୋଝେଇ ଟ୍ରକ୍ (ଓଡି-୦୯ଡି-୮୩୧୫)କୁ ଅମୀୟଝରି ଗାଁ ନିକଟରେ ପୋଲିସ ଅଟକାଇଥିଲା। ଡ୍ରାଇଭର ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ଗାଡ଼ି ଜବତ କରିଥିଲା। ଏସ୍ଆଇ ବିଶ୍ୱଜିତ ବିଶ୍ୱାଳ, ଏଏସ୍ଆଇ ଅନୀଲ ସାହୁ, ହାବିଲଦାର ପ୍ରମୋଦ ସାହୁ ଓ କନଷ୍ଟେବଳ ସୋମନାଥ ପଲ୍ଲେଇ ଏଥିରେ ସାମିଲ ଥିଲେ।

### ଟୁଟୁଙ୍କୁ ଟିକେଟ ପରେ ଉତ୍ସାହିତ ଭାଜପା କର୍ମୀ

କାଳିଆପାଣି,୨୩।୩(ଡିଏନଏ)- ସୁକିନ୍ଦା ଭାଜପା ନେତା ପ୍ରଦୀପ ବଳ ସାମନ୍ତ (ଟୁଟୁ)ଙ୍କୁ ଭାଜପା ପକ୍ଷରୁ ସୁକିନ୍ଦା ନିର୍ବାଚନ ମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ଘୋଷଣା କରାଯିବା ପରେ ସୁକିନ୍ଦା ଭାଜପା କାର୍ଯ୍ୟାଳୟରେ ଉତ୍ସବର ମାହୋଲ ଦେଖାଦେଇଛି। ସୁକିନ୍ଦା ଅଞ୍ଚଳରେ ଟୁଟୁଙ୍କ ସମର୍ଥକ ସୁକିନ୍ଦା ଭାଜପା ପାର୍ଟି ଅଫିସରେ ପହଞ୍ଚି ତାଙ୍କୁ ଫୁଲତୋଡ଼ା ଦେଇ ଅଭିନନ୍ଦନ ଦେବା ସହିତ ଅଭିର ଲଗାଇ ଅଭିନନ୍ଦନ ଜଣାଇଥିଲେ। ସେହିଭଳି ଜିଲା ଯୁବମୋର୍ଚ୍ଚା ଉପସଭାପତି ରବୀନ୍ଦ୍ର ପୁହାଣ ଓ ସୁକିନ୍ଦାଗଡ଼ ସରପଞ୍ଚ ତଥା ଜିଲା ମହିଳା ମୋର୍ଚ୍ଚା ଉପସଭାପତି ମନ୍ଦାକିନୀ ସେଠୀ, ସୁକିନ୍ଦା ଭାଜପା ମଣ୍ଡଳ ସଭାପତି ପୁଷ୍ପକ ମହାପାତ୍ର, ସୁକିନ୍ଦା ଭାଜପା ସଭାପତି ପ୍ରକାଶ ବେହୁରାଙ୍କ ସହିତ ଏକାଧିକ ସମର୍ଥକ ଉପସ୍ଥିତ ଥିଲେ। ଏହି ଅବସରରେ ନଡିଆଭଙ୍ଗା ଅଞ୍ଚଳରୁ କିଛି ତୃଣମୂଳ ନେତା ବିଜେଡି ଛାଡି ଭାଜପାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

■ଶହେ ବର୍ଷରେ କୋରେଇ ମୁନ୍ସୀ ମେଲଣ

# ହିନ୍ଦୁ-ମୁସ୍‌ଲିମ୍ ଭାଇଚାରାର ନିଆରା ପରମ୍ପରା

କୋରେଇ,୨୩।୩(ସ୍ୱ.ପ୍ର.)

ଯାଜପୁର ଜିଲାର ସର୍ବପୁରାତନ ମୁନ୍‌ସୀ ମେଲଣ ଚଳିତ ବର୍ଷ ଶହେ ବର୍ଷରେ ପହଞ୍ଚିଛି। ମେଲଣ କମିଟି ପକ୍ଷରୁ ଚଳିତ ବର୍ଷ ଅନୁଷ୍ଠାନର ଡାଇମଣ୍ଡ ଜୁବିଲି ପାଳନ କରାଯାଇଛି। ମୁନ୍‌ସୀ ମେଲଣ ଏକ ନିଆରା ପର୍ବ ହୋଇଥିବା ବେଳେ କୋରେଇରେ ହିନ୍ଦୁ ଓ ମୁସ୍‌ଲିମ୍ ସମ୍ପ୍ରଦାୟର ଲୋକ ମିଳିତ ଭାବେ ଏହି ପର୍ବ ପାଳନ କରିଥାନ୍ତି। ଉଭୟ ସମ୍ପ୍ରଦାୟ ମଧ୍ୟରେ ଭାଇଚାରା ପ୍ରତିଷ୍ଠା ପାଇଁ ଏହି ମେଲଣ ପର୍ବ ଆରମ୍ଭ ହୋଇଥିଲା। ୧୯୨୦ରୁ ତତ୍କାଳୀନ କୋରେଇ ଥାନାଧିକାରୀ ଅନାଦି ଚରଣ ସାହୁ ମୁନ୍‌ସୀ ମେଲଣ ପରମ୍ପରା ଆରମ୍ଭ କରିଥିଲେ। ଜାତିଆଣ ମନୋଭାବକୁ ଭୁଲି ସମସ୍ତେ ଏକ ମନରେ ଏହାକୁ ପାଳନ କରୁଥିବାରୁ ଏସ୍‌ପି ଚରଣ ସିଂହ ମୀନା ସାଧୁବାଦ ଜଣାଇଥିଲେ। ଏହି ମେଲଣର ଏକ ନିଆରା ପରମ୍ପରା ରହିଛି। ସ୍ଥାନୀୟ ଲୋକେ ପୋଲିସକୁ ଗୁଆ ଦେଇ ନିମନ୍ତ୍ରଣ କରିବା ପରେ ପୋଲିସ ମେଲଣସ୍ଥଳକୁ ଯାଇ ସେଠାରେ ଅଭିଷେକ କରିବା ପରେ ମେଲଣ ଉଦ୍‌ଘାଟନ ହୋଇଥାଏ। ମେଲଣ କମିଟି ମୁରବୀ ମୁସଲମାନ ସମ୍ପ୍ରଦାୟର ହୋଇଥିଲେ ମଧ୍ୟ ତାଙ୍କ ତତ୍ତ୍ୱାବଧାନରେ ଉଭୟ ସମ୍ପ୍ରଦାୟ ମିଳିତଭାବେ ମେଲଣରେ ସାମିଲ ହୋଇଥାନ୍ତି। ମେଲଣ ପାଇଁ କୋରେଇ ଥାନା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯିବା ସହ ଶ୍ରଦ୍ଧାଳୁଙ୍କ ପାଇଁ ସୁବ୍ୟବସ୍ଥା କରାଯାଇଛି। ଏଥିସହ ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ କୋରେଇ ଥାନା ପରିସରରେ ଏକ ସଭା ଆୟୋଜିତ ହୋଇଯାଇଛି। ଏଥିରେ ଥାନାଧିକାରୀ ରଞ୍ଜିତ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅକ୍ଷୟ କୁମାର ଦାସ, ସମ୍ମାନିତ ଅତିଥିଭାବେ ଡିଏସ୍‌ପି ପ୍ରଫୁଲ୍ଲ କୁମାର ମିଶ୍ର, ରବି ନାରାୟଣ ଶତପଥୀ, ଶିକ୍ଷାବିତ୍ ସଚ୍ଚିଦାନନ୍ଦ ରାଉତ ଓ ଇଦ୍ରିସ୍ ମହମ୍ମଦ ପ୍ରମୁଖ ଯୋଗଦେଇଥିଲେ। ମେଲଣ କମିଟି ସଭାପତି ସେକ୍ କମିଲୁଦ୍ଦିନ୍, ଆମ ପୋଲିସ ସମିତି ସଭ୍ୟ ମନ୍ମଥ କୁମାର ସିଂ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଏସ୍ଆଇ ସଲିଲ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ବଳରାମ ସାହୁ, ଶିବ ପ୍ରସାଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମେଲଣ କମିଟିର ସମସ୍ତ ସଦସ୍ୟ, କୋରେଇର ସମସ୍ତ ବୁଦ୍ଧିଜୀବୀ ଓ ଆମ ପୋଲିସ ସମିତି ଏବଂ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମୁନ୍‌ସି ମେଲଣ ଉତ୍ସବରେ ଉପସ୍ଥିତ ଅତିଥି।

## ଶହୀଦ ଭଗତ ସିଂଙ୍କ ୮୮ତମ ଫାଶୀ ଦିବସ

ଯାଜପୁରରୋଡ,୨୩।୩(ନି.ପ୍ର.)

ଶହୀଦ ଭଗତ ସିଂ, ଶୁକଦେବ ରାଜଗୁରୁଙ୍କ ୮୮ତମ ଫାଶୀ ଦିବସ ଉପଲକ୍ଷେ ଭଗତ ସିଂ ସ୍ମୃତି ସଂସଦ ନେତାଜୀ ନଗର ଡୋଲିପୁର ଆନୁକୂଲ୍ୟରେ ସ୍ଥାନୀୟ ଶଶିଭୂଷଣ ଉଚ୍ଚ ବିଦ୍ୟାଳୟରେ ଶନିବାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦ ସଭାପତି ପ୍ରଫୁଲ୍ଲ ନାୟକ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି, ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ, ଶିକ୍ଷକ ନେତା ଦୁଷ୍ମନ୍ତ କୁମାର ନାୟକ, ବରିଷ୍ଠ ଆଇନଜୀବୀ ଗୋକୁଳାନନ୍ଦ ମହାନ୍ତି, ଦଳିତ ସେଲ ନେତା ବାବୁଲାଲ ଗୁରୁ, ପ୍ରଧାନଶିକ୍ଷକ ଜ୍ୟୋତିପ୍ରକାଶ ଆଚାର୍ଯ୍ୟ, ଶିକ୍ଷୟିତ୍ରୀ ଶକୁନ୍ତଳା ପଣ୍ଡା ପ୍ରମୁଖ ଯୋଗଦେଇ ଭଗତ ସିଂଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କ ଭଳି ନିର୍ଭୀକ ଦେଶଭକ୍ତଙ୍କ ପରି ଆଉ କେହି ଭାରତରେ ଜନ୍ମହେବା ବିରଳ ବୋଲି କହିଥିଲେ। ସ୍ମୃତି ସଂସଦ ପକ୍ଷରୁ ଛୋଟ ଛୋଟ ପିଲାଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା ଓ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଂସଦର ବିଜୟଲକ୍ଷ୍ମୀ ମହନ୍ତ, ସନ୍ତୋଷ କୁମାର ବରାଳ, ଭବାନି ଶଙ୍କର ମହାପାତ୍ର, ସନ୍ତୋଷ ପୃଷ୍ଟି ପ୍ରମୁଖ ସଭା ପରିଚାଳନା କରିଥିଲେ। ଶେଷରେ ଧୀରେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ବାଇକ୍ ସହ ମଦ ଜବତ, ୨ ଗିରଫ

ଢୁବୁରୀ,୨୩।୩(ଡିଏନଏ)

କଳିଙ୍ଗନଗର ଥାନା ପୋଲିସ ଗୁରୁବାର ରାତିରେ ବାଘବାହାଳି ବଙ୍ଗଳା ଛକ ନିକଟରେ ଚଢ଼ାଉ କରି ବିପୁଳ ପରିମାଣର ବିଦେଶୀ ମଦ ଓ ବାଇକ୍ ଜବତ କରିଥିବା ବେଳେ ଏହି କାରବାରରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ଜେନାପୁର ଥାନା ଅନ୍ତର୍ଗତ ରାମପୁର କଇଥା ଗାଁର ସୋମ୍ୟ ବାରିକ(୨୫) ଓ ଗଣେଶ ପାଢୀ(୨୩)। ଉଭୟଙ୍କ ନାଁରେ କଳିଙ୍ଗନଗର ଥାନାରେ ଏକ ମାମଲା (୪୫/୧୯) ରୁଜୁ କରାଯାଇଛି।

■କାଳିଆ ଯୋଜନା ଅର୍ଥ ନ ମିଳିବା ପ୍ରତିବାଦ

# ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଧାରଣା

ଚଣ୍ଡିଖୋଲ,୨୩।୩(ଡି.ଏନ.ଏ.)

ରାଜ୍ୟ ସରକାର ଯୋଜନା ପରେ ଯୋଜନା ଘୋଷଣା କରୁଥିଲା ବେଳେ ଏହା ଲୋକଙ୍କ ନିକଟରେ ପହଞ୍ଚିପାରୁନାହିଁ। ସେହିପରି ଚାଷୀଙ୍କ ଉନ୍ନତି ତଥା ଆର୍ଥିକ ସହାୟତା ପାଇଁ କାଳିଆ ଯୋଜନା ପ୍ରଣୟନ କରିଥିବା ବେଳେ ଏଥିରୁ ବହୁ ଚାଷୀ ବଞ୍ଚିତ ହୋଇଛନ୍ତି। ଏହା ପ୍ରତିବାଦରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଣକା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଚାଷୀମାନେ ଧାରଣା ଦେବା ସହ ହୋ ହାଲା କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପ୍ରକୃତ ଚାଷୀ ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଦଳୀୟ ଭିତ୍ତିରେ ଶାସକ ଦଳର କିଛି କର୍ମୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହି ଯୋଜନା ପ୍ରଣୟନ କରାଯାଇଛି। ପ୍ରକୃତ ଚାଷୀଙ୍କ ଆକାଉଣ୍ଟକୁ ଏପର୍ଯ୍ୟନ୍ତ ଟଙ୍କା ଆସିନାହିଁ। ଆଗାମୀ ଦିନରେ ଚାଷୀମାନେ ଭୋଟ ମାଧ୍ୟମରେ ଏହାର ଜବାବ ଦେବେ ବୋଲି କହିଥିଲେ। ନବନିର୍ମାଣ କୃଷକ ସଙ୍ଗଠନର ବ୍ଲକ ସଂଯୋଜକ ଅଶୋକ କୁମାର ଶାନ୍ତିଙ୍କ ଅଧ୍ୟକ୍ଷତାରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ତପନ କୁମାର ସିଂହ, ପୂର୍ବତନ ସରପଞ୍ଚ ଗଣେଶ୍ୱର ସାମଲ, ବନମାଳୀ ବେହେରା, ଅଜୟ ଜେନା, ମନୋରଞ୍ଜନ ଶତପଥୀ, ନାରାୟଣ ଜେନା, ଈଶ୍ୱର ସାହାଣୀ, ପ୍ରଭାତ ସାହୁ, ଶ୍ରୀକାନ୍ତ ବେହେରା, ଭଗବାନ ମହାନ୍ତି ଓ ନବଘନ ସାହୁଙ୍କ ନେତୃତ୍ୱରେ ଶତାଧିକ ଚାଷୀ ପୂର୍ବାହ୍ନ ୧୦ଟାରୁ ୧ଟା ପର୍ଯ୍ୟନ୍ତ ଦୀର୍ଘ ୩ ଘଣ୍ଟା ଧରି ଧାରଣାରେ ବସିଥିଲେ। କୌଣସି ସରକାରୀ ଅଧିକାରୀ ଧାରଣାସ୍ଥଳକୁ ଆସି ନ ଥିଲେ କି ଦାବିପତ୍ର ଗ୍ରହଣ କରି ନ ଥିଲେ। ଖବରପାଇ ବାଲିଚନ୍ଦ୍ରପୁର ଥାନାଧିକାରୀ ସୁକାନ୍ତ କୁମାର ପାତ୍ର ଘଟଣାସ୍ଥଳରେ ପହଞ୍ଚି ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ଉପରିସ୍ଥ ଅଧିକାରୀ କୌଣସି ପ୍ରତିଶ୍ରୁତି ଦେଇପାରିବେ ନାହିଁ ବୋଲି କହିଥିଲେ। ଏଥିସହ ସେମାନଙ୍କ ଅଭିଯୋଗ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ପ୍ରତିକାର ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଧାରଣାରୁ ଓହରି ଥିଲେ।



ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଚାଷୀ।

## ଦୋଳ ମଣ୍ଡପରେ ବିଜେ ରାଧାକୃଷ୍ଣ, ଜମୁଛି ଲଉଡ଼ି ଖେଳ

କାଳିଆପାଣି,୨୩।୩(ଡିଏନଏ)

ସୁକିନ୍ଦା ବ୍ଲକ ଅଧୀନ ଦୁଧୁଯୋରୀ ଗ୍ରାମ ପଞ୍ଚାୟତ ଦାମୋଦରପୁର ଗ୍ରାମରେ ଗୁରୁବାରଠାରୁ ଦୋଳଯାତ୍ରା ଅନୁଷ୍ଠିତ ହେଉଛି। ଗୋପାଳ ସମ୍ପ୍ରଦାୟର ଯୁବକମାନେ ଲଉଡ଼ି ଖେଳ ପ୍ରଦର୍ଶନ କରୁଥିବା ବେଳେ ଏହି ଖେଳ ୫ଦିନ ଧରି ଚାଲିବ ବୋଲି ଜଣାଯାଇଛି। ଗ୍ରାମରେ ବସବାସ କରୁଥିବା ସମସ୍ତ ପରିବାର ଲୋକଙ୍କୁ ଅଭିର ଲଗାଇବା ସହିତ ଆରିସା, କାକରା, କ୍ଷିରୀ ଆଦି ଖୁଆଇ ଗୋପାଳମାନେ ଧୁମ୍‌ଧାମର ସହ ଏହି ପର୍ବ ପାଳନ କରିଥିଲେ। ମାର୍ଚ୍ଚ ୨୧ରେ ଦୋଳ ପୂର୍ଣ୍ଣମା ଦାମୋଦରପୁରରେ ରହୁଥିବା ଗୋପାଳ ପରିବାର ପକ୍ଷରୁ ଖୁବ୍ ଉତ୍ସାହର ସହିତ ପାଳନ କରାଯାଇଥିଲା। ଦୋଳଯାତ୍ରାରେ ୨ଟିସାହିର ଗୋପାଳ ପୁଅଙ୍କ ପକ୍ଷରୁ ଲଉଡି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଦାମୋଦରପୁର ଗ୍ରାମର ଗୋପାଳସାହି ରାଧାକୃଷ୍ଣଙ୍କ ମନ୍ଦିର ନିକଟରୁ ରାଧାକୃଷ୍ଣଙ୍କୁ ବିମାନରେ ନେଇ ଲଉଡି ଖେଳ ଆରମ୍ଭ କରାଯାଇଥିଲା। ସେହିଭଳି ଗ୍ରାମର ପୁରୁଣା ଗୋପାଳ ସାହି ଦ୍ୱାରା ଗ୍ରାମର ଆମ୍ବତୋଟା ନିକଟରେ ପୂଜା ହେଉଥିବା କୁମ୍ଭ ଭାରକୁ ସାଙ୍ଗରେ ନେଇ ଲଉଡି ଖେଳ ଆରମ୍ଭ କରିଥିଲେ। ରାଧାକୃଷ୍ଣ ମନ୍ଦିରରେ ଭାରକୁ ପୂଜା କରିବା ପରେ ଭାରୁଆମାନେ ଘରକୁ ଭାର ନେଇ ଫେରିଥିଲେ। ଏହି ଖେଳରେ ଗୋପାଳ ପୁଅଙ୍କ ଦ୍ୱାରା ବହୁ ଦୁଃଶାହାସିକ ଖେଳ ପ୍ରଦର୍ଶନ କରାଯାଉଛି। ମୋହନ ପ୍ରଧାନ, ବାଣ୍ଡଧର ବାରିକ, ଖୁମ୍ପି ବାରିକ, ସୁଶାନ୍ତ ଖୁଣ୍ଟିଆ, ବନମାଳି ସାହୁ, ସଞ୍ଜୟ ଖିଲାର, ଅଭିରାମ ପଲେଇ ପ୍ରମୁଖ ଦାମୋଦରପୁର ଗ୍ରାମର ୨ଟି ଲଉଡି ଖେଳ ଦଳର ଦାୟିତ୍ୱ ବହନ କରିଥିଲେ।

■ଭାଜପାରୁ ବିଶ୍ୱଜିତ୍, କଂଗ୍ରେସରୁ ବନ୍ଦିତା

# ଉଭୟ ଦଳର କର୍ମୀ ଉତ୍ସାହିତ





ଦଳୀୟ କର୍ମୀଙ୍କ ଗହଣରେ ଭାଜପା ନେତା ବିଶ୍ୱଜିତ୍ ନାୟକ ଓ କଂଗ୍ରେସ ନେତ୍ରୀ ବନ୍ଦିତା ପରିଡା।

କୋରେଇ,୨୩।୩(ସ୍ୱ.ପ୍ର.)

ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି କୋରେଇ ନିର୍ବାଚନମଣ୍ଡଳୀର ଭାଜପାରୁ ବିଶ୍ୱଜିତ୍ ନାୟକଙ୍କୁ ବିଧାୟକ ପ୍ରାର୍ଥୀଭାବେ ଚୟନ କରାଯାଇଥିବାବେଳେ କଂଗ୍ରେସରୁ ବନ୍ଦିତା ପରିଡ଼ାଙ୍କୁ ଚୟନ କରାଯାଇଛି। ବିଶ୍ୱଜିତ୍ ଭାଜପା ପ୍ରାର୍ଥୀ ଭାବେ ଘୋଷଣା ହେବା ପରେ ଦଳୀୟ କର୍ମୀଙ୍କ ମହଲରେ ଉତ୍ସାହ ବଢିଥିବା ଦେଖାଦେଇଛି। ଉତ୍ସାହର ସହ କର୍ମୀମାନେ ଜହ୍ନାସ୍ଥିତ ଭାଜପା କାର୍ଯ୍ୟାଳୟକୁ ଛୁଟିବା ସହ ମିଷ୍ଟାନ୍ନ ଖାଇ ଖୁସି ମନାଇଥିଲେ। କୋରେଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଳତୀ ଟୁଡୁ, ମଣ୍ଡଳ ସଭାପତି ନୀଳମାଧବ ଚକ୍ର, ରବୀନ୍ଦ୍ର ବେହେରା, ପ୍ରମୋଦ ସାହୁ, ମାୟାଧର ପଲେଇ, ନିତ୍ୟାନନ୍ଦ ମହାଳିକ, ସରପଞ୍ଚ ଦୀପ୍ତିମୟୀ କୁଅଁର, ଭାଗ୍ୟଶ୍ରୀ ମଲ୍ଲିକ, ସୁଲୋଚନା ପଣ୍ଡା, ସସ୍ମିତା ତରେଇ, ଅଶୋକ ଜେନା, ସମିତି ସଭ୍ୟା ମମତା ରାଣୀ ଘଡାଇ, ଜୟନ୍ତୀ ସାହୁ, ବଟକୃଷ୍ଣ ଜେନା, ପ୍ରତିଭା ରାଉତ, ଗଭିନ ଦଳେଇ, ମଧୁସୂଦନ ସାହୁଙ୍କ ସମେତ ହଜାରରୁ ଊର୍ଦ୍ଧ୍ୱ ଦଳୀୟ କାର୍ଯ୍ୟକର୍ତ୍ତା ବିଶ୍ୱଜିତ୍‌ଙ୍କୁ ଭେଟି ସମ୍ବର୍ଦ୍ଧନା ଜଣାଇଥିଲେ। ସେହିପରି କଂଗ୍ରେସରୁ ବନ୍ଦିତାଙ୍କୁ ଟିକେଟ ମିଳିବା ପରେ କର୍ମୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ପରେ ଯାଜପୁରରୋଡସ୍ଥିତ ବନ୍ଦିତାଙ୍କ ବାସଭବନରେ କର୍ମୀମାନେ ଫୁଲତୋଡା ଓ ମିଠା ଦେଇ ସ୍ୱାଗତ କରିଥିଲେ। ରିତାଶ୍ରୀ ମହାନ୍ତି, ନିର୍ମଳା ମଲ୍ଲିକ, ହୃଦାନନ୍ଦ ସାମଲ, ଅନୁପ ନାୟକ, ତପନ ନାୟକ, ରାଜକିଶୋର ପ୍ରଧାନ, କୃଷ୍ଣଚନ୍ଦ୍ର ରାଉତ, ବୀରକିଶୋର ଦାସ, ହୃଷୀକେଶ ସ୍ୱାଇଁ, ବଳରାମ ମଲ୍ଲିକ, ଅଜୟ ସେନାପତି, କାଳନ୍ଦୀ ସାହୁ, ଦିଲୀପ ରାଉତ, କୁମାର ଗୌରବ, ଶ୍ୟାମସୁନ୍ଦର ଜେନା, ଗଜେନ୍ଦ୍ର ଜେନା, ବିଦ୍ୟାଧର ରାଉତ, ମଧୁସୂଦନ ସାହୁ ପ୍ରମୁଖ ଶହ ଶହ କର୍ମୀ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ।

# ରାଧାକୃଷ୍ଣଜୀଉ ଦୋଳ ମେଲଣ ଉଦ୍‌ଯାପିତ

ଛତିଆ,୨୩।୩(ଡି.ଏନ୍.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ସଂସ୍କୃତି ସମ୍ପନ୍ନ ଗ୍ରାମ କଡ଼େଇ ଶାସନର ସ୍ଥାନୀୟ ମୁରବୀ ତଥା ଶକୁନ୍ତଳାପୁର ଉଚ୍ଚବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଦୀର୍ଘବର୍ଷ ଧରି ଶ୍ରୀରାଧାକୃଷ୍ଣଜୀଉଙ୍କ ମେଲଣ ଅନୁଷ୍ଠିତ ହୋଇଆସୁଅଛି। ଚଳିତବର୍ଷ ଏହି ମେଲଣ ମହାଆଡ଼ମ୍ବରରେ ପାଳିତ ହୋଇ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ରାଧାକୃଷ୍ଣଜୀଉଙ୍କ ନିକଟରେ ପ୍ରଥମେ ଭୋଗଲାଗି ହେବାପରେ ବିମାନ ଥାନପତି ଆସନରେ ସ୍ଥାନିତ ହୋଇଥିଲେ। ଆଖପାଖ ଅଞ୍ଚଳର ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ବିମାନ ଉକ୍ତ ମେଲଣରେ ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଓ ସଂକୀର୍ତ୍ତନ ପ୍ରେମୀ ମେଲଣରେ ଯୋଗଦେଇ ଭରପୂର ମଜା ନେଇଥିଲେ। ବିମାନଗୁଡିକୁ ପୂର୍ବତନ ପ୍ରଧାନଶିକ୍ଷକ ଦାସ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପାଛୋଟି ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣଜିତ୍ ଦାସ, ପ୍ରଦ୍ୟୁମ୍ନ ଶତପଥି, ସନ୍ତୋଷ ଦାସ, ସୁଶାନ୍ତ କୁମାର ଦାଶ, ପ୍ରସନ୍ନ ସାମଲ, ପ୍ରସନ୍ନ ଦାସ ଓ ପବୀର ଦାସ ପ୍ରମୁଖ ଉପସ୍ଥିତ ରହି ମେଲଣ କାର୍ଯ୍ୟକମକୁ ଆଗେଇ ନେଇଥିଲେ। ସେହିପରି ବନ୍ତଳା ଗ୍ରାମର ଆରାଧ୍ୟଦେବତା ଶ୍ରୀଗୋପୀନାଥଜୀଉ ଓ ରଘୁନାଥଜୀଉଙ୍କ ଦୋଳ ମେଲଣ ପାଳିତ ହୋଇଯାଇଛି। ମେଲଣ ଉପଲକ୍ଷେ ତିନି ଦିନ ବ୍ୟାପୀ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମକୁ ୟଙ୍ଗଷ୍ଟାର କ୍ଲବ ସଭାପତି ଜ୍ୟୋତିକାନ୍ତ ମହାପାତ୍ର, ଉପଦେଷ୍ଟା ଲଲାଟେନ୍ଦୁ ମହାପାତ୍ର, ଅଜୟ କୁମାର ମହାପାତ୍ର, ନିରଞ୍ଜନ ମହାପାତ୍ର, ବୀର ଅର୍ଜୁନ ମହାପାତ୍ର, ବିଜୟ ଶତପଥି, ସୁବାସ ଚନ୍ଦ୍ର ମହାପାତ୍ର, ବିକାଶ କୁମାର ମହାପାତ୍ର ଓ ଖବରଦାତା ଦିଗମ୍ବର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ବାଲିପଡ଼ିଆ ଖମାର ମେଲଣ ଅନୁଷ୍ଠିତ

ବାଲିଚନ୍ଦ୍ରପୁର,୨୩।୩(ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡ଼ିଆ ଗ୍ରାମପଞ୍ଚାୟତର ରାଜସ୍ୱ ନିରୀକ୍ଷକଙ୍କ ଦପ୍ତର ସମ୍ମୁଖ ଖମାର ହତା ମଧ୍ୟରେ ୪୮ ବର୍ଷ ହେବ ଦୋଳ ମେଲଣ ଅନୁଷ୍ଠିତ ହୋଇଆସୁଛି। ୧୯୭୧ରୁ ତତ୍କାଳୀନ ରାଜସ୍ୱ ନିରୀକ୍ଷକ ଉମାକାନ୍ତ ଦିକ୍ଷିତ୍, ପଦ୍ମନାଭ ତ୍ରିପାଠୀ, ଦାଶରଥୀ ତ୍ରିପାଠୀ ଓ ଶତ୍ରୁଘ୍ନ ସାହୁଙ୍କ ଦ୍ୱାରା ଏହି ଖମାର ମେଲଣ ଆରମ୍ଭ ହୋଇଥିଲା। ପ୍ରତିବର୍ଷ ପରି ଚଳିତ ବର୍ଷ ଏହି ମେଲଣରେ ହରିହର ଭେଟ ହେବା ସହ ୧୮ ବିମାନ ପାରମ୍ପରିକ ବାଦ୍ୟ ଯନ୍ତ୍ରରେ ରୋଷଣୀ କରି ମେଲଣ ପଡ଼ିଆରେ ପ୍ରବେଶ କରିଥିଲେ। ଆଖପାଖ ଗ୍ରାମର ବହୁ ଲୋକେ ମେଲଣ ଉପଭୋଗ କରିବା ସହ ପରସ୍ପର ମଧ୍ୟରେ ଫଗୁ ଖେଳି ଭାବର ଆଦାନପ୍ରଦାନ କରିଥିଲେ। ଗ୍ରାମର ଉତ୍ସାହୀ ଯୁବକ ଏହାକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିଥିଲେ। କମିଟି ସଭାପତି ବୃନ୍ଦାବନ ସାମଲ, ସମ୍ପାଦକ ଯତୀନ୍ଦ୍ର କୁମାର ତ୍ରିପାଠୀ, ସହସମ୍ପାଦକ ତାପସ କୁମାର ତ୍ରିପାଠୀ, ଶଙ୍କର୍ଷଣ ତ୍ରିପାଠୀ, ଗୌରହରି ତ୍ରିପାଠୀ, ଭାଗବତ ତ୍ରିପାଠୀ, ରମେଶ ଚନ୍ଦ୍ର ଲେଙ୍କା, ତ୍ରୈଲୋଚନ ଜେନା, ପର୍ଶୁରାମ ସାମଲ, ବସନ୍ତ କୁମାର ସାମଲ, ତ୍ରିଲୋଚନ ଜେନା, ବଳରାମ ସାମଲ, ଜୟୀରାମ ସାମଲ, ମାନସ ତ୍ରିପାଠୀ, ବୃନ୍ଦାବନ ଦାଶ, ପୁରୁଷୋତ୍ତମ ମଣ୍ଡଳ, କାର୍ତ୍ତିକ ସାହୁ, ଶରତ ଘଡ଼ାଇ, ଶ୍ରୀଧର ଘଡ଼ାଇ, ଗୌତମ ସାହୁ, ସତ୍ୟରଞ୍ଜନ ଘଡ଼ାଇ, ରଞ୍ଜନ ସାହୁ, ନୃସିଂହ ସାହୁ, ବଳରାମ ସାହୁ, ପଦ୍ମନାଭ ପୃଷ୍ଟି, କ୍ଷିରୋଦ କୁମାର ସାମଲ, ଦୁଃଶାସନ ସାହୁ, ଅକ୍ଷୟ କୁମାର ସାମଲ, ସଞ୍ଜୟ ତ୍ରିପାଠୀ, କୁଳମଣୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଉକ୍ତ ମେଲଣ ଅନୁଷ୍ଠିତ ହୋଇଥିଲା।



ମେଲଣ ପଡିଆରେ ବିରାଜିତ ବିମାନ।

■ କୋରେଇ ବିଜେଡି ରାଜନୀତି

# ବବିଙ୍କ ପ୍ରାର୍ଥିତ୍ୱକୁ ନେଇ ଚର୍ଚ୍ଚା

କୋରେଇ,୨୩।୩(ସ୍ୱ.ପ୍ର.)

କୋରେଇ ନିର୍ବାଚନମଣ୍ଡଳୀରେ ଦୁଇ ଜାତୀୟ ଦଳ ତାଙ୍କର ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଥିବା ବେଳେ ବିଜେଡିର ପ୍ରାର୍ଥୀଙ୍କ ନାମ ଏ ପର୍ଯ୍ୟନ୍ତ ଘୋଷଣା ହୋଇନାହିଁ। ବିଭିନ୍ନ ସମୟରେ ରାଜ୍ୟ ରାଜନୀତିରେ କୋରେଇ ପ୍ରମୁଖ ଭୂମିକା ଗ୍ରହଣ କରିଥିବାବେଳେ ସ୍ୱର୍ଗତ ଅଶୋକ ଦାସ କୋରେଇରେ ତାଙ୍କର ରାଜନୈତିକ ଜୀବନ ଅତିବାହିତ କରିଛନ୍ତି। ଏପରି କି ସେ କୋରେଇରେ ବହୁଥର ବିଧାୟକ ହେବା ସହ ରାଜ୍ୟ ରାଜନୀତିରେ ନିଜର ସ୍ୱତନ୍ତ୍ର ପରିଚୟ ଛାଡିଯାଇଛନ୍ତି। ସେ ୨୦୦୪ରେ ଭାଜପାର ସଞ୍ଚିତା ମହାନ୍ତିଙ୍କଠାରୁ ପରାସ୍ତ ହୋଇଥିଲେ। ୨୦୦୯ ନିର୍ବାଚନ ତାଙ୍କ ପୁଅ ପ୍ରଣବ ପ୍ରକାଶ ଦାସ (ବବି) କୋରେଇ ଛାଡି ଯାଜପୁରରୁ ବିଜେଡି ପ୍ରାର୍ଥୀଭାବେ ନିର୍ବାଚନ ଲଢିଥିଲେ। କୋରେଇରୁ ପ୍ରଫୁଲ୍ଲ ଘଡେଇଙ୍କ ପୁତ୍ର ପ୍ରୀତିରଞ୍ଜନ ଘଡେଇ ବିଜେଡି ପ୍ରାର୍ଥୀ ହୋଇ ଜୟଲାଭ କରିଥିଲେ। ଏହାପରେ ୨୦୧୪ରେ ତାଙ୍କ ବଦଳରେ କୋରେଇରୁ ଶ୍ରମିକ ନେତା ମାୟାଧର ନାୟକଙ୍କ ପୁତ୍ର ସିନେତାରକା ଆକାଶ ଦାସନାୟକ ବିଜେଡିରୁ ପ୍ରାର୍ଥୀ ହୋଇ ଜୟଲାଭ କରିଥିଲେ। ବର୍ତ୍ତମାନ ୨୦୧୯ ନିର୍ବାଚନ ପାଇଁ ଦଳର ନିର୍ଦ୍ଦେଶକ୍ରମେ ଆକାଶ ଦାସନାୟକଙ୍କ ତତ୍ତ୍ୱାବଧାନରେ କୋରେଇ ବ୍ଲକର ୪୦୮ ୱାର୍ଡର ୨୧ ଜଣ ଲେଖାଏ ୱାର୍ଡ କମିଟି ଗଠନ କରାଯାଇ ରାଜ୍ୟ ବିଜେଡି କାର୍ଯ୍ୟାଳୟକୁ ଦିଆଯାଇଥିବା ବେଳେ ଦଳର ନିର୍ଦ୍ଦେଶକ୍ରମେ ପୁଣି ୫ ଜଣିଆ ୱାର୍ଡ କମିଟି କରିଦିଆଯାଇଥିଲା। ବର୍ତ୍ତମାନ କୋରେଇରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଅନୁଗତ ବୋଲାଉଥିବା ଜଣେ ସରପଞ୍ଚ ଓ ଯୁବ ବିଜେଡି ନେତା ପ୍ରତି ପଞ୍ଚାୟତ ବୁଲି ଆଉଥରେ ୱାର୍ଡ କମିଟି କରୁଥିବା ଦେଖିବାକୁ ମିଳିଛି। ଏଥିରୁ କୋରେଇ ବିଜେଡିରେ ବବିଙ୍କ ପ୍ରାର୍ଥିତ୍ୱକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଥିବାବେଳେ ବବି ଯଦି କୋରେଇରୁ ପ୍ରାର୍ଥୀ ହୁଅନ୍ତି, ତା'ହେଲେ କୋରେଇ ବିଜେଡି ଜିତିବା ସହଜ ହେବନାହିଁ। ଆକାଶଙ୍କ ସମର୍ଥକମାନେ ବବିଙ୍କ ଅନୁପ୍ରବେଶକୁ ବିରୋଧ କରି ଦଳରୁ ଇସ୍ତଫା ଦେବାପାଇଁ ଯାଜପୁରରୋଡର ଏକ ହୋଟେଲରେ ଗତ ୧୯ ତାରିଖରେ ହୋଇଥିବା ଦଳୀୟ କର୍ମକର୍ତ୍ତା ବୈଠକରେ ରୋକଠୋକ୍ ଜଣାଇଥିଲେ। କୋରେଇରୁ ଜିଲା ମୁଖ୍ୟାଳୟ, ପରିବହନ କାର୍ଯ୍ୟାଳୟ, ସରକାରୀ ମେଡିକାଲ କଲେଜର ସ୍ଥାନାନ୍ତରିତ ନେଇ କୋରେଇବାସୀ ବବିଙ୍କ ଭୂମିକାକୁ ନାପସନ୍ଦ କରିଥିବାବେଳେ ବବି କୋରେଇରେ ରାଜନୈତିକ ଅସ୍ଥିରତା ସୃଷ୍ଟି କରି ଚାଲିଥିବା ଶୁଣିବାକୁ ମିଳୁଛି। କୋରେଇରେ ପ୍ରତି ୫ ବର୍ଷରେ ବିଜେଡିର ନେତା ପରିବର୍ତ୍ତନ ଚାଲୁ ରହିଲେ କୋରେଇର ବିକାଶରେ ବାଧା ଉପୁଜିଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ଏଠାରେ ବାହାର ଲୋକଙ୍କୁ ପ୍ରାର୍ଥୀ କଲେ ଦଳରୁ ଇସ୍ତଫା ଦେବେ ବୋଲି ବିଜେଡି ସାଧାରଣ ସମ୍ପାଦକ ମହେଶ ଧଳ, ଅର୍ଜୁନ ରାଉତ, ମନୋଜ ପରିଡା ପ୍ରମୁଖ କହିଛନ୍ତି।

# ପାଣି ପାଇଁ ମହିଳାଙ୍କ ରାସ୍ତାରୋକୋ

**ଏରସମା,୨୩।୩(ସ୍ୱ.ପ୍ର.)**

ଏରସମା ବ୍ଲକ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ କୋଠି ଗ୍ରାମରେ ପାନୀୟଜଳ ସମସ୍ୟା ଉକ୍ରଟ ରୂପ ଧାରଣ କରିଛି। ସମସ୍ୟାର ସମାଧାନ ନ ହେବାରୁ ଗୁରୁବାର ମହିଳାମାନେ ଏରସମା-ମଣିଜଙ୍ଗା ରାସ୍ତା ଅବରୋଧ କରିଥିଲେ। ପ୍ରକାଶ ଯେ, କୋଠି ଗ୍ରାମରେ ୨୦୦ ପରିବାର ବସବାସ କରନ୍ତି। ସେହି ଗ୍ରାମରେ ୩ଟି ସରକାରୀ ନଳକୂପ ବସାଯାଇଛି। ମାତ୍ର ସେଗୁଡିକରୁ ଲୁଣି ପାଣି ବାହାରୁଥିବାରୁ ତାହା ପାନୀୟ ଅନୁପଯୋଗୀ ହୋଇପଡିଛି। କୂଅ ପାଣି ମଧ୍ୟ ଲୁଣି ହୋଇଥିବାରୁ ତାହା ବ୍ୟବହାର କରାଯାଇ ପାରୁନାହିଁ। ବିକଳ୍ପ ଭାବେ ଏହି ଗ୍ରାମକୁ ପାଇପ୍ ଲାଇନ୍ ଯୋଗେ ପାନୀୟଜଳ ଯୋଗାଇ ଦିଆଯାଇଛି। କୋଠିସ୍ଥିତ ପମ୍ପ ହାଉସ ମାଧ୍ୟମରେ ୨୦୦ ପରିବାରଙ୍କୁ ପାନୀୟଜଳ ଯୋଗାଇବାର ବ୍ୟବସ୍ଥା କରାଯାଇଥିଲା। ମାତ୍ର ପରିତାପର ବିଷୟ ୫ ଦିନ ହେଲା ସେହି ପମ୍ପ ହାଉସ ଅଚଳ ହୋଇଯାଇଛି। ଗ୍ରାମବାସୀ ଏନେଇ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି


ପାଣି ପାଇଁ ରସ୍ତାରୋକୋ କରିଥିବା ମହିଳାମାନେ ।

ସୁଫଳ ମିଳିନାହିଁ। ଅନ୍ୟପକ୍ଷରେ କୋଠି ନିମୋଳ ହାଟ ପଡ଼ିଆରେ ୧ ଲକ୍ଷ ଲିଟର ଜଳ ଧାରଣ କ୍ଷମତା ବିଶିଷ୍ଟ ପାନୀୟଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ବର୍ଷେ ହେଲା ତାହା ଅଧାପନ୍ତରିଆ ହୋଇ ପଡିଛି। ୫ ଦିନ ହେଲା ଗ୍ରାମବାସୀ ୧ କିମି ଦୂର ଚଣ୍ଡିଆପଶା ଓ କଲୋନୀକୁ ପାଣି ଆଣିବା ପାଇଁ ଯାଉଛନ୍ତି। ପାନୀୟ ଜଳ ଯୋଗାଣ ସମସ୍ୟା ସମାଧାନ ନ ହେବା

- ପାନୀୟଜଳ ପ୍ରକଳ୍ପ ଅଚଳ
- ନଳକୂପ, କୂଅ ପାଣି ଲୁଣିଆ

ପ୍ରତିବାଦରେ ମାଳତୀ ମୁଦୁଲି, ଅଞ୍ଜନା ସେଠୀ, ମିନତୀ ବାରିକ, ସନ୍ଧ୍ୟାରାଣୀ ମୁଦୁଲି, ସୁପ୍ରଭା ମୁଦୁଲି, ବାସନ୍ତୀ ଦାସ, ଗୀତା ବାରିକ, ଭାନୁ ରାଉତ, ମାଳତୀ ରାଉତ, ପ୍ରଭାତ ମୁଦୁଲି, ଖୋକନ ମୁଦୁଲି ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ରାସ୍ତା ଉପରେ ଗରା ମାଠିଆ ରଖି ରାସ୍ତା ଅବରୋଧ କରିଥିଲେ। ଖବରପାଇ ପୂର୍ବତନ ସରପଞ୍ଚ ତଥା ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ବହ୍ଲବାନନ୍ଦ ସ୍ୱାଇଁ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ଏଥିସହିତ ବିଭାଗୀୟ ଅଧିକାରୀଙ୍କ ସହିତ ଫୋନ ଯୋଗେ ଆଲୋଚନା କରି ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# କଳିଙ୍ଗ କାଲ୍‌ସିନର କାରଖାନାରେ ଅଗ୍ନିକାଣ୍ଡ

**ପାରାଦୀପ,୨୩।୩(ସ୍ୱ.ପ୍ର.)**

ପାରାଦୀପରେ ଥିବା ବିଭିନ୍ନ ଶିଳ୍ପ ସଂସ୍ଥା ଜାତୀୟ ସୁରକ୍ଷା ସପ୍ତାହ ପାଳନ କରିବାର ସପ୍ତାହକ ପରେ ଶନିବାର ଏକ ଶିଳ୍ପ ସଂସ୍ଥାରେ ଅଗ୍ନିକାଣ୍ଡ ଘଟିଛି। କଳିଙ୍ଗ କାଲସିନର କାର୍ବନ କାରଖାନାରେ ରାତି ପ୍ରାୟ ୧୦ଟାରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ତେବେ ରିପୋର୍ଟ ଲେଖାଯିବା ସୁଦ୍ଧା ମୃତାହତଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ। କାରଖାନା ସଂଲଗ୍ନ ଉଦୟ ବିହାର ବସ୍ତି ବାସିନ୍ଦା ନବଘନ ବେହେରା କୁହନ୍ତି, କାରଖାନାରୁ ପ୍ରଚଣ୍ଡ ଶବ୍ଦ ଶୁଭିବା ସହ ନିଆଁ, ଧୂଆଁ ବାହାରୁଛି। ଏଥିରେ କେତେଜଣ ଲୋକ ମୃତାହତ ହୋଇଥାଇ ପାରନ୍ତି। କୁଜଙ୍ଗ ଓ ସ୍ଥାନୀୟ ଶିଳ୍ପ ସଂସ୍ଥାର ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ ଚଳାଇଛନ୍ତି। କାରଖାନା କର୍ତ୍ତୃପକ୍ଷ ଫାଟକ ବନ୍ଦ କରି କାହାକୁ ଭିତରକୁ ଛାଡ଼ୁ ନାହାନ୍ତି। କାରଖାନାର ପରିଚାଳକ ଗୋବିନ୍ଦ ଚନ୍ଦ୍ର ତରାଇଙ୍କୁ ପଚାରିବାରେ ସେ ବାହାରେ ଅଛନ୍ତି। ଖବରପାଇଛନ୍ତି ଯେ ଯାନ୍ତ୍ରିକ ତ୍ରୁଟିଯୋଗୁ ଚିମିନୀରୁ ନିଆଁ ଖଣ୍ଡ ତଳକୁ ଖସିପଡିଛି। ତେବେ ଏଥିରେ ବିଶେଷ କ୍ଷତି ହୋଇ ନ ଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଅତ୍ୟଧିକ ପ୍ରଦୂଷଣ ପାଇଁ ଉକ୍ତ କାରଖାନାକୁ ଗତବର୍ଷ ଏନ୍‌ଜିଟି କ୍ଲୋଜର ନୋଟିସ ଦେଇଥିଲେ। ଦୀର୍ଘଦିନ ଧରି ଆଇନଗତ ଲଢେଇ ପରେ ସାମୟିକ ଉତ୍ପାଦନ ପାଇଁ କୋର୍ଟରୁ ମଞ୍ଜୁରୀ ମିଳିଥିଲା। ଏହି କ୍ରମରେ ଶନିବାର କାରଖାନାରୁ ଉତ୍ପାଦନ ଆରମ୍ଭ ହୋଇଥିଲା। ୧୮ଘଣ୍ଟା କାରଖାନା ଚାଲିବା ପରେ ଏପରି ଦୁର୍ଘଟଣା ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି।


ନିଆଁ ଲିଭାଇବାକୁ ଆସିଥିବା ଦମକଳବାହିନୀ।

## ସଂକ୍ଷେପରେ

### ଅନ୍ତର୍ଜାତୀୟ ସେମିନାରରେ ଓଡ଼ିଆ ଶିକ୍ଷକଙ୍କ ସଫଳତା

**ଜଗତ୍‌ସିଂହପୁର ଅଫିସ,୨୩।୩:** ଭୋପାଳସ୍ଥିତ ରିଜିଓନାଲ ଇନପୁଟ ଅଫ ଏଜୁକେଶନ ପରିସରରେ ଅନୁଷ୍ଠିତ ଅନ୍ତର୍ଜାତୀୟ ସେମିନାରରେ ଓଡ଼ିଆ ଶିକ୍ଷକ ତଥା କନକପୁରସ୍ଥିତ ସାରଦା ଏକାଡେମୀ ବିଜ୍ଞାନ ଶିକ୍ଷକ ଜୀବନ କୁମାର ସାହୁ ସଫଳତା ହାସଲ କରିଛନ୍ତି। ଏଥିରେ ସାହୁଙ୍କ ଦ୍ୱାରା ଲିଖିତ ଚ୍ୟାଲେଞ୍ଜସ୍ ଇନ ଟିଚିଂ ସାଇନ୍ସ ଇନ ସ୍କୁଲ୍‌ସ ଶୀର୍ଷକ ସନ୍ଦର୍ଭଟି ଉଚ୍ଚ ପ୍ରଶଂସିତ ହୋଇଥିଲା। ସେମିନାର ଗତ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଯେଉଁଥିରେ ଦେଶ ବିଦେଶର ୧୨୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏନ୍‌ସିଆର୍‌ଟିର ନିର୍ଦ୍ଦେଶକ, ଆର୍‌ଆଇଇର ଅଧକ୍ଷ ଏବଂ ବହୁ ପଦାଧିକାରୀଙ୍କ ଉପସ୍ଥିତିରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସଫଳତା ପାଇଁ ତାଙ୍କୁ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ, ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତଙ୍କ ସମେତ ଜିଲାର ଅନେକ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ ଓ ବିଜ୍ଞାନ ଶିକ୍ଷକ ଶୁଭେଚ୍ଛା ଜଣାଇଛନ୍ତି।

### ୧୫୦ ବୋତଲ ମଦ ଜବତ, ୬ ଗିରଫ

**ଜଗତ୍‌ସିଂହପୁର ଅଫିସ, ୨୩।୩:** ଦୋଳ ଓ ହୋଲି ଉତ୍ସବରେ ବେଆଇନ ମଦ ଚାଲାଣ କରୁଥିବା ୬ ଜଣଙ୍କୁ ଜଗତ୍‌ସିଂହପୁର ପୋଲିସ ଗିରଫ ସହ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୁରୋହିତପୁରର ସରୋଜ ଭୋଇ, ଗୋପାଳସାଗରର ପ୍ରକାଶ ବାରିକ, ଗୋପର ଲିଙ୍ଗରାଜ ମହାନ୍ତି, ସମୀର ସାହୁ ଓ ସୁଜଙ୍ଗର ପ୍ରକାଶ ଦାସ। ସେମାନଙ୍କ ଠାରୁ ପାଖାପାଖି ୧୫୦ ଲିଟର ମଦ, ୩ ବାଇକ୍ ଓ ୧ ସ୍କୁଟର ଜବତ ହୋଇଛି। ଜଗତ୍‌ସିଂହପୁର ଥାନା ଏସ୍‌ଆଇ ପଞ୍ଚାନନ ଗୋଛାୟତ ଓ ବିଶ୍ୱଜିତ ଗଡ଼ନାୟକଙ୍କ ଅଭିଯୋଗକ୍ରମେ ସେମାନଙ୍କ ନାମରେ ପୃଥକ ଭାବେ ମାମଲା ସଂଖ୍ୟା ୧୦୨/୧୯, ୧୦୩/୧୯, ୧୦୪/୧୯, ୧୦୫/୧୯ ଓ ୧୦୬/୧୯ ରୁଜୁ ହୋଇଛି।

### ଗୋପାଳଙ୍କ ନଅ ଗୋଠ ଅନୁଷ୍ଠିତ

**ନାଉଗାଁ,୨୩।୩(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଶିଖର ପଞ୍ଚାୟତରେ ଗୁରୁବାର ୯ ଗୋଠ ଅନୁଷ୍ଠିତ ହୋଇଥିଲା। ଏହି ଗୋଠରେ ଶିଖର, ନାଉଗାଁ, ଘୋଡାଂଶ, ବାଂଶ ଆଦି ପଞ୍ଚାୟତ ଅଧୀନ ୧୫ ଗାଁରୁ କାଳିସୀମାନେ ଆସି ନିକଟସ୍ଥ ଦାଣ୍ଡୁଆ ପଡିଆର ବାଂଶ ରହିତମାନ ଗୋଠ ପ୍ରାଙ୍ଗଣରେ ମିଳିତ ହୋଇଥିଲେ। ପ୍ରସିଦ୍ଧ ଦେବ ପୀଠ ନନ୍ଦିଗ୍ରାମର ନନ୍ଦମଣୀଙ୍କ କାଳିସୀ ପହଞ୍ଚିବା ପରେ ସମସ୍ତ କାଳିସୀ ଏକତ୍ରିତ ହୋଇ ଦେବୀ ନଦୀକୂଳକୁ ଯାଇଥିଲେ। ସେଠାରେ କାଳିସୀମାନେ ପାଣିରୁ ଫୁଲ ବାହାର କରିବାର ଦୃଶ୍ୟ ଦେଖିବାକୁ ଶତାଧିକ ଶ୍ରଦ୍ଧାଳୁ ନଦୀପଠାରେ ଅପେକ୍ଷା କିଥିଲେ। ସନ୍ଧ୍ୟାରେ ଗୋପାଳ ସମ୍ପ୍ରଦାୟରେ ଯଦି କାହା ଭିତରେ କିଛି ମନୋମାଳିନ୍ୟ ଥାଏ, ତେବେ ତାହାର ସମାଧାନ ନଦୀ ପଠାରେ କରାଯାଇଥାଏ ବୋଲି ମୁଖ୍ୟ ପୂଜକ ନିତ୍ୟାନନ୍ଦ ଦାସ ଓ ନନ୍ଦିଗ୍ରାମର ନନ୍ଦମଣୀଙ୍କ ମୁଖ୍ୟ କାଳିସୀ ମାନସ ଦାସ କହିଛନ୍ତି।

### ରଜତ ଉଦ୍ୟାନରେ ହୋଲି କବିତା ଆସର



**ପାରାଦୀପ,୨୩।୩(ସ୍ୱ.ପ୍ର.):** ପାରାଦୀପ ମଧୁବନସ୍ଥିତ ପ୍ରଶାସନିକ ଭବନ ନିକଟସ୍ଥ ରଜତ ଉଦ୍ୟାନ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ହୋଲି କବିତା ଆସର ଅନୁଷ୍ଠିତ ହୋଇଛି। ମୈନାକ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏହି ଆସରରେ ପ୍ରତିଷ୍ଠିତ କବିୟିତ୍ରୀ କବିମାନେ ଯୋଗଦେଇ କେବଳ ହୋଲି ବିଷୟରେ କବିତା ଆବୃତ୍ତି କରିଥିଲେ। ଉକ୍ତ ଆସରରେ କବିୟିତ୍ରୀ ତଥା ରାଜ୍ୟ କୃଷି ବିଭାଗ ଯୁଗ୍ମ ସଚିବ ଶକୁନ୍ତଳା ବିନ୍ଧାଣୀ, ପାରାଦୀପ ଏଡିଏମ୍ କାହ୍ନୁଚରଣ ଧିର ଅତିଥି ଭାବେ ଯୋଗ ଦେଇଥିଲେ। ନଗେନ୍ଦ୍ରନାଥ ସ୍ୱାଇଁ, ସନ୍ତୋଷ ସାମଲ, ତୁଳସୀ ବରାଳ, ହାରାମଣି ମହାପାତ୍ର ପ୍ରମୁଖ କବିତା ଆବୃତି କରିଥିଲେ। ଋତୁ ତାଲିକାରୁ ଏବେ ବସନ୍ତ ହଜିବା ଭଳି କବିତା ବେଶ୍ ଆକର୍ଷଣୀୟ ହୋଇଥିଲା। ପୂର୍ବର ସେ ମଳୟ ପବନ ବହୁନାହିଁ କି ବଣ ମଲ୍ଲୀର ବାସ୍ନା ନାହିଁ। ସୋସିଆଲ ମିଡିଆରେ ଏବେ କବିତାକୁ ବିକୃତ କରି ଉପସ୍ଥାପନ କରାଯାଉଥିବା ଏଥିରେ କୁହାଯାଇଥିଲା।

# ଯମୁନା ସ୍ନାନରେ ଦୋଳ ମେଳଣ

**ନାଉଗାଁ,୨୩।୩(ସ୍ୱ.ପ୍ର.)**

ନାଉଗାଁ ବ୍ଲକର ଚାନ୍ଦପୁରା ଗୋପୀନାଥ ମନ୍ଦିର, ବାଲିସାହି, କୋକିଡିହ, ନାଉଗାଁ ବଜାରରେ ଦୋଳ ମେଳଣ କରାଯାଇଛି। ତେବେ ବନ୍ଧମୁଣ୍ଡାସ୍ଥିତ ଯମୁନାସ୍ନାନ ଦୋଳ ମେଳଣ ଏକ ଅନନ୍ୟ ପରମ୍ପରା। ଶୁକ୍ରବାର ରାତି ପାହାନ୍ତାରୁ ୧୪ ଦୋଳ ବିଭିନ୍ନ ଗ୍ରାମରୁ ଆସି ଗୋବରୀ ନଦୀ ପଠାରେ ଏକତ୍ରିତ ହୋଇଥିଲେ। ବିଭିନ୍ନ ଗ୍ରାମରୁ ଦୋଳ ବିମାନକୁ ରଙ୍ଗ ବେରଙ୍ଗର ଫୁଲ ଓ ଆଲୋକ ମାଳାରେ ସଜ୍ଜିତ କରାଯାଇ ବାଜା ବାଣ ରୋସଣୀରେ ଏହି ମେଳଣ ସ୍ଥାନକୁ ନିଆଯାଇଥିଲା। ସାରାଦିନ ଭଜନ କୀର୍ତ୍ତନ ପରେ ସନ୍ଧ୍ୟା ପୂର୍ବରୁ ଠାକୁରଙ୍କୁ ପଂକ୍ତି ଭୋଗ ଅର୍ପଣ କରାଯାଇଥିଲା। ଏହା ପରେ ଠାକୁର ନିଜ ଗ୍ରାମକୁ ବାହୁଡ଼ିଥିଲେ। କୌତୁହଳର ବିଷୟ ହେଲା ଏହି ମେଳଣକୁ କେହି କାହାରିକୁ ନିମନ୍ତ୍ରଣ କରି ନ ଥାନ୍ତି। କିନ୍ତୁ ଠାକୁରମାନେ ବାଜା, ବାଣ ରୋସଣିରେ ଆସି ଏକତ୍ରିତ ହୋଇଥିଲେ। କୋରୁଅ ଗ୍ରାମର ଦୋଳ ବିମାନ ବଡ଼ ଭାଇ ହିସାବରେ ଡାହଣ ପାର୍ଶ୍ୱରେ ବସୁଥିବା ବେଳେ ମଝିପଡ଼ା ଦୋଳ ସମ୍ମୁଖରେ ବସିଥାନ୍ତି। ନରଣପୁର ଦୋଳ କ୍ଷେତ୍ରପାଳ ହିସାବରେ ଶେଷରେ ବସିଥାନ୍ତି। ଏଠାରେ ନଦୀ ପାଣିରେ କାଳିସୀ ଫୁଲ ବାହାର କରିବା ଦୃଶ୍ୟ ଅତ୍ୟନ୍ତ ଚିତାକର୍ଷକ। ପୁରୀ ଜିଲା ପଥରପକା ଦୋଳ ବିମାନ ଅଧିକ ଅଳଙ୍କାରରେ ସୁସଜ୍ଜିତ ହୋଇ ମେଳଣକୁ ଆସିଥିଲେ।


ନାଉଗାଁରେ ଦୋଳ ମେଳଣରେ ସାମିଲ ହୋଇଥିବା ବିମାନ।

# ଦୁଇ ସ୍ଥାନରେ ଅଗ୍ନିକାଣ୍ଡ : ୧୦ ବଖରା ଭସ୍ମୀଭୂତ

**ରଘୁନାଥପୁର, ୨୩। ୩( ଡି.ଏନ.ଏ.)**

ରଘୁନାଥପୁର ତହସିଲ ଅଧୀନରେ ଗୁରୁବାର ଓ ଶୁକ୍ରବାର ୨ଟି ସ୍ଥାନରେ ଅଗ୍ନିକାଣ୍ଡ ଘଟିଥିଲା। ରଘୁନାଥପୁର ପଞ୍ଚାୟତ ଅନ୍ତର୍ଗତ ଚାନ୍ଦପୁରରେ ୬ ବଖରା ଓ ଛପଡା ପଞ୍ଚାୟତ ଅନ୍ତର୍ଗତ ଜଇପୁରରେ ୪ ବଖରା ଚାଳଘର ଭସ୍ମୀଭୂତ ହୋଇଯାଇଛି। ଚାନ୍ଦପୁର ଗାଁର ରବୀନ୍ଦ୍ରନାଥ ପ୍ରଧାନ ଗୁହାଳରେ ଲାଗିଥିବା ମଶାଧୂପରୁ ନିଆଁ ଝୁଲ ଉଠି ଚାଳରେ ଲାଗିବା ସହ ଅନ୍ୟ ବଖରାରେ ଲାଗିଯାଇଥିଲା। ଧୀରେ ଧୀରେ ନିଆଁ ସୁରେନ୍ଦ୍ର ନାଥ ପ୍ରଧାନଙ୍କ ଘରକୁ ମାଡିଯାଇ ମୋଟ ୬ ବଖରା ପୋଡି ପାଉଁଶ ହୋଇଯାଇଥିଲା। ନିଆଁରେ ଘରେ ଥିବା ଆସବାବପତ୍ର, ଧାନ, ଚାଉଳ, ମୁଗ ଓ ବିରି, ନଗଦ ୮ ହଜାର ଟଙ୍କା ପୋଡିଯାଇଛି। ସ୍ଥାନୀୟ ଲୋକେ ନିଆଁକୁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଦମକଳ ବାହିନୀ କର୍ମଚାରୀ ବିଳମ୍ବରେ ଆସି ପହଞ୍ଚିଥିଲେ ହେଁ ନିଆଁକୁ ଆୟତ କରିଥିଲେ। ତହସିଲଦାର ଦେବାଶିଷ ପାତ୍ର ଗୁରୁବାର ଅଗ୍ନିବିପନ୍ନଙ୍କ ପାଖରେ ପହଞ୍ଚି ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ଜେନା ବିପନ୍ନ ପରିବାରଙ୍କୁ ବସ୍ତ୍ର ଓ ଖାଦ୍ୟ ଯୋଗାଇ ଦେଇଛନ୍ତି। ସେହିପରି ଶୁକ୍ରବାର ଅପରାହ୍ନରେ ଜଇପୁର ଗାଁର ବଂଶୀଧର ଦାସଙ୍କ ଘରେ ନିଆଁଲାଗି ୨ ବଖରା ଚାଳ ଓ ପାଖରେ ଥିବା ଶଙ୍କର୍ଷଣ ଦାସଙ୍କ ୨ ବଖରା ଛଣଛପର ପୋଡି ପାଉଁଶ ହୋଇଯାଇଛି। ଘର ମଧ୍ୟରେ ଥିବା ସମସ୍ତ ଆସବାବପତ୍ର, ୧୫ ବସ୍ତା ଧାନ, ଚାଉଳ ପୋଡି ନଷ୍ଟ ହୋଇଯାଇଛି। ତିର୍ତ୍ତୋଲ ଓ ଜଗତ୍‌ସିଂହପୁରରୁ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ତୁରନ୍ତ ଦୁଇ ବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଶାରଳା ପଞ୍ଜିକା ଲୋକାର୍ପିତ

**ତିର୍ତ୍ତୋଲ,୨୩।୩(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଝଙ୍କଡ଼ ଶାରଳା ମନ୍ଦିର ପରିସରରେ ଶାରଳା ପଞ୍ଜିକା ୨୦୧୯-୨୦୨୦ ଲୋକାର୍ପିତ ହୋଇଛି। ଶାରଳା ମନ୍ଦିର ବଡ଼ପଣ୍ଡା ପ୍ରଜ୍ଞାଦୀପ୍ତ ପଣ୍ଡାଙ୍କ ଦ୍ୱାରା ଏହି ପଞ୍ଜିକା ମା'ଙ୍କ ନିକଟରେ ସମର୍ପଣ କରାଯାଇ ସର୍ବସାଧାରଣଙ୍କ ନିମନ୍ତେ ଲୋକାର୍ପିତ ହୋଇଥିଲା। ସାରଳା ଦାସ ସ୍ମୃତି ସଂସଦ ଦ୍ୱାରା ପ୍ରକାଶିତ ଶାରଳା ପଞ୍ଜିକା ପ୍ରତ୍ୟକ ବର୍ଷ ପ୍ରକାଶ ପାଇବା ସହ ଜନାଦୃତ ହୋଇପାରୁଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଚତୁର୍ଥ ବାର୍ଷିକ ଶାରଳା ପଞ୍ଜିକାରେ ଚଳିତ ବର୍ଷ ବହୁ ନୂତନ ତତ୍ତ୍ୱ ଓ ତଥ୍ୟ ସ୍ଥାନ ପାଇଥିବାରୁ ଏହା ବେଶ ଆଦୃତ ହେବ ବୋଲି ଲୋକାର୍ପଣ ଉତ୍ସବରେ ଯୋଗଦେଇଥିବା ନିମନ୍ତ୍ରିତ ଅତିଥି ଓ ବିଶିଷ୍ଟ ବ୍ୟକ୍ତିମାନେ କହିଥିଲେ। ଉତ୍ସବରେ ପଞ୍ଜିକାର ଗଣନାକାର ତଥା ଉପସ୍ଥାପକ ଜ୍ୟୋତିର୍ବିଦ୍ୟା ବାରିଧି ପଣ୍ଡିତ ପ୍ରଦୀପ୍ତ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ଉପଜିଲାପାଳ ସୁରେଶ ଚନ୍ଦ୍ର ମହାନ୍ତି, ସୁବାଷ ଚନ୍ଦ୍ର ସାହୁ, ବିକାଶ ଚନ୍ଦ୍ର ପରିଜା, କମଳାକାନ୍ତ ତ୍ରିପାଠୀ, ଶ୍ରୀନାଥ ବାରିକ, ନିତ୍ୟାନନ୍ଦ ନାୟକ ଓ ସାରଳା ସଂସ୍କୃତି ପ୍ରଚାରକ ରମାକାନ୍ତ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

## ସିଦ୍ଧେଶ୍ୱର ମହାପୁରୁଷ ପୀଠର ବାର୍ଷିକ ଉତ୍ସବ

**ଏରସମା,୨୩।୩(ସ୍ୱ.ପ୍ର.)**

ଏରସମା ବ୍ଲକ କାଣିପଦା ଓ ଓରେଇଶାଳ ଗ୍ରାମସ୍ଥିତ ଜାମୁମଠ ଠାରେ ଥିବା ସିଦ୍ଧେଶ୍ୱର ମହାପୁରୁଷ ପୀଠର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଏକବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ ହେଇଥିଲା। ପ୍ରଭାତରୁ ସୂର୍ଯ୍ୟପୂଜା, ଅଙ୍କୁରାରୋପଣ ପରେ କସଶ ଶୋଭାଯାତ୍ରା କରାଯାଇଥିଲା। ଉତ୍ସବ ପରିଚାଳନା କମିଟି ସଭାପତି ଧର୍ମାନନ୍ଦ ଖଣ୍ଡୁଆଳ, ଉପସଭାପତି ରଞ୍ଜନ କୁମାର ମହାନ୍ତି, ସମ୍ପାଦକ ବଳରାମ ସେଠୀ, କୋଷାଧକ୍ଷ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସହିତ ଶୁକଦେବ ସ୍ୱାଇଁ, ରବୀନ୍ଦ୍ରନାଥ ପ୍ରଧାନ, ନୂତନ କୁମାର ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ନାସ୍ତିପ୍ରଜ୍ଞା ସମପ୍ରଭାରେ ଧାରା ୪୯୭ର ଅବତାରଣା


ନାଟକ 'ନାସ୍ତିପ୍ରଜ୍ଞା ସମପ୍ରଭା'ର ଏକ ଦୃଶ୍ୟ।

**ପାରାଦୀପ,୨୩।୩(ସ୍ୱ.ପ୍ର.)**

**ଜାତୀୟ ନାଟ ମହୋତ୍ସବ**

ପାରାଦୀପର ଜୟଦେବ ସଦନଠାରେ କାନମାସ୍ ତରଫରୁ ଚାଲିଥିବା ଜାତୀୟ ନାଟ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ନାଟକ ନାସ୍ତିପ୍ରଜ୍ଞା ସମପ୍ରଭା ଶୁକ୍ରବାର ମଞ୍ଚସ୍ଥ ହୋଇଛି। ଭଟଲୀର ମୁନ୍‌ଲାଇଟ୍ ନାଟ୍ୟ ଅନୁଷ୍ଠାନ ଦ୍ୱାରା ଆୟୋଜିତ ଏବଂ ଚୁଡାମଣି ରଥଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ନାସ୍ତିପ୍ରଜ୍ଞା ସମପ୍ରଭାରେ ଧାରା ୪୯୭ର ଅବତାରଣା କରାଯାଇଛି। ସୁପ୍ରିମକୋର୍ଟ ୨୦୧୮ ସେପ୍ଟେମ୍ବର ୨୭ରେ ରାୟ ପ୍ରକାଶ କରିଥିଲେ ଯେ ପରକୀୟା ପ୍ରୀତି ଅପରାଧ ନୁହେଁ। ଏଥିସହ ଭାରତୀୟ ଦଣ୍ଡବିଧି ଆଇନରେ ଥିବା ଧାରା ୪୯୭କୁ ଉଚ୍ଛେଦ କରିଥିଲେ। ସମପ୍ରଭା ନାଟକରେ ସେହି ପରକ୍ରୀୟା ପ୍ରୀତି ଓ ପାରିବାରିକ ଅଶାନ୍ତିର କଥାକୁ ଦର୍ଶାଯାଇଛି। ଭାରତୀୟ ସଂସ୍କୃତିରେ ଯୌଥ ପରିବାରରେ ପରକୀୟା ପ୍ରୀତି, ସ୍ତ୍ରୀ ଓ ସ୍ୱାମୀଙ୍କ ସମ୍ପର୍କ ମଧ୍ୟରେ ପର ପୁରୁଷର ପ୍ରବେଶ ଫଳରେ କିଭଳି ପାରିବାରିକ ଅଶାନ୍ତି ଦେଖାଯାଏ ତାହା କଳାକାରମାନେ ନିଖୁଣ ଭାବେ ଦର୍ଶାଇଥିଲେ। କୋଶଲୀ ଭାଷାର ଏହି ନାଟକରେ ପଶ୍ଚିମ ଓଡ଼ିଶାବାସୀଙ୍କ ଭୁବନେଶ୍ୱର ପ୍ରତି ଥିବା ଅସୂୟାଭାବ ମଧ୍ୟ କିଛି ମାତ୍ରାରେ ଦେଖିବାକୁ ମିଳିଥିଲା। ନାଟକର ବିଷୟବସ୍ତୁ ଥିଲା ବରଗଡର ଚିନ୍ତାମଣି ଓ ଚେତନା ନିଜ ଏକମାତ୍ର ପୁଅକୁ ପାଠପଢ଼ାଇ ଉଚ୍ଚଶିକ୍ଷିତ କରିଥିଲେ। ପୁଅ ଚାକିରି ପରେ ବଡ଼ଘରେ ବିବାହ କରି ଭୁବନେଶ୍ୱରରେ ରହିଥିଲେ। ଭୁବନେଶ୍ୱରରେ ରହିବା ମଧ୍ୟରେ ବୋହୂର ସମ୍ପର୍କ ପର ପୁରୁଷ ସହ ଗଢିଉଠେ। ଏହା ସ୍ୱାମୀ ଜାଣିଥିଲେ ମଧ୍ୟ ବିରୋଧ କରିପାରି ନ ଥିଲେ। କିଛିଦିନ ପରେ ପୁଅର ଚାକିରି ନିଜ ଗାଁ ପାଖକୁ ବଦଳି ହେଲା। ପୁଅବୋହୂ ଓ ଏକମାତ୍ର ନାତୁଣୀ ପ୍ରଜ୍ଞାକୁ ନେଇ ଚିନ୍ତାମଣିଙ୍କ ପରିବାର ହସଖୁସିରେ ଫାଟିପଡେ। ପରିବାରରେ ରହିବା ମଧ୍ୟରେ ଆଧୁନିକା ବୋହୂ ଚିଡଚିଡା ହୁଏ। ଏହା ମଧ୍ୟରେ ଭୁବନେଶ୍ୱରରେ ଥିବା ତାଙ୍କ ପ୍ରେମିକ ଆସି ଘରେ ପହଞ୍ଚନ୍ତି, ଯାହାକୁ ନେଇ ପରିବାରରେ ଝଡ଼ ସୃଷ୍ଟି ହୁଏ। ଶେଷରେ ପରିବାର ଅଦାଲତରେ ଛାଡପତ୍ର ପାଇଁ ଆବେଦନ ହୁଏ। କିନ୍ତୁ ପ୍ରଜ୍ଞା କାହା ପାଖରେ ରହିବ ତାକୁ ନେଇ ସୃଷ୍ଟି ହୁଏ ବିବାଦ। ଶେଷରେ କୁନି ଝିଅ ପ୍ରଜ୍ଞାର ଉତ୍ତର 'ମୋର ବାପା ଓ ମା ଦରକାର' ଦୁଇ ପରିବାରକୁ ପୁଣି ଏକାଠି କରେ। ନାଟକ ଶେଷରେ ପ୍ରଜ୍ଞା ଭୂମିକା ନିଭାଉଥିବା ସେହି କୁନି ଝିଅ ଓ ନିର୍ଦ୍ଦେଶକ ଚୂଡାମଣି ରଥଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।

# ଗୋପାଳ ଭାଇମାନଙ୍କ ଦୋଳପର୍ବ

**ବିରିଡ଼ି,୨୩।୩(ଡି.ଏନ.ଏ)**

ପବିତ୍ର ଦୋଳପୂର୍ଣ୍ଣମୀ ତିଥିରେ ବିରିଡ଼ି ବ୍ଲକର ବିଭିନ୍ନ ଗୋପାଳ ସାହିରେ କଳସ ବା ଡାଳି ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଗୁରୁବାର ସନ୍ଧ୍ୟାରେ ଗୋପାଳ ଭାଇମାନଙ୍କ ଦ୍ୱାରା ଓଗାଳ ଓ କାଠି ଲଉଡି ନୃତ୍ୟ ହୋଇଥିଲା। ଗୋପାଳମାନଙ୍କ ଇଷ୍ଟ ଦେବ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପରମ୍ପରା ଅନୁସାରେ ଗୋପାଳ ଜାତି ଏକ ବୈଷ୍ଣବ ଜାତି ରୂପେ ପ୍ରତିପାଦିତ। ସେମାନେ ନଦୀ ବା ପୁଷ୍କରିଣୀରୁ କଳସରେ ପାଣି ଉଠାଇବା ସହ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ରଚିତ ଓଗାଳ ଗାଇ ଗାଇ ଗୃହରେ ପ୍ରବେଶ


ଗୋପାଳମାନେ ଲଉଡ଼ି ନୃତ୍ୟ ପରିବେଷଣ କରୁଛନ୍ତି।

କରିଥିଲେ। କଳସକୁ ବନ୍ଦାପନା କରି ଘରର ଏକ କୋଣରେ ଧୂପ, ଦୀପ, ନୈବେଦ୍ୟ ଦେଇ ସ୍ଥାପନ କରିବା ସହ ଗୋପାଳ ମନ୍ତ୍ରରେ ପୂଜାର୍ଚ୍ଚନା କରିଥିଲେ। ଗୋମାତାଙ୍କୁ ପୂଜା କରିବା ସହ ଗାଁ ଗାଁ ବୁଲି ଲଉଡି ଓ ଓଗାଳ ପରିବେଷଣ କରିଥିଲେ।

# ପାରାଦୀପରେ ଫିଙ୍କା ପଡ଼ିଲା ହୋଲି

**ପାରାଦୀପ,୨୩।୩(ସ୍ୱ.ପ୍ର.)**

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଅଦ୍ୟାବଧି ପାରାଦୀପ ନିର୍ବାଚନମଣ୍ଡଳୀ ନିମନ୍ତେ କୌଣସି ଦଳ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ତେଣୁ ଆଶାୟୀ ପ୍ରାର୍ଥୀ ଓ କର୍ମୀମାନଙ୍କ ମଧ୍ୟରେ ସଂଶୟ ଲାଗିରହିଛି। ତେଣୁ ଏଥର ହୋଲି ପର୍ବ ପାରାଦୀପରେ ଫିଙ୍କା ପଡ଼ିଛି। କୌଣସି ନେତା ହୋଲି ଖେଳିନାହାନ୍ତି। ନେତାଙ୍କ ସ୍ଥିତି ଦେଖି କର୍ମୀମାନେ ମଧ୍ୟ ଖୁସି ମନାଇ ପାରିନାହାନ୍ତି। ମୋଟାମୋଟି କହିବାକୁ ଗଲେ ଏହି ନିର୍ବାଚନମଣ୍ଡଳୀରେ ରାଜନୈତିକ ଅସ୍ଥିରତା ଲାଗି ରହିଛି। ଗତବର୍ଷ ସେପ୍ଟେମ୍ବର ୧୨ରେ ସ୍ଥାନୀୟ ବିଧାୟକ ଡା. ଦାମୋଦର ରାଉତଙ୍କୁ ବିଜେଡି ବହିଷ୍କାର କରିବା ପରେ ୩ ପ୍ରମୁଖ ଦଳ ମଧ୍ୟରେ ଏଭଳି ଅସ୍ଥିର ସ୍ଥିତି ସୃଷ୍ଟି ହୋଇଛି। ଏବେ ଦାମଙ୍କୁ ଭାଜପା ଗ୍ରହଣ କରିବା ଓ ଏରସମା-ବାଲିକୁଦା ଆସନ ପାଇଁ ଟିକେଟ ଦେବା ପରେ ପାରାଦୀପର ଗଣିତ ଓଲଟପାଲଟ ହୋଇଯାଇଛି। ପାରାଦୀପ ଆସନ ପାଇଁ ଭାଜପାର ଅନ୍ୟତମ ଦାବିଦାର ଗତିକୃଷ୍ଣ ଶତପଥୀ ଗୁରୁବାର ଦଳରୁ ଇସ୍ତଫା ଦେଇଛନ୍ତି। ଅପରପକ୍ଷେ ଏରସମା-ବାଲିକୁଦାରୁ ରଘୁନନ୍ଦନ ଦାସ ମଧ୍ୟ ଭାଜପା ଛାଡି ବିଜେଡି ଶିବିରରେ ଯୋଗଦେଇଛନ୍ତି।

- ଆଶା ଆଶଙ୍କାରେ ନେତା
- ଭାଜପା ଛାଡିଲେ ଗତିକୃଷ୍ଣ
- ଦାମଙ୍କ ପାଇଁ ୩ ଦଳରେ ଅସ୍ଥିରତା

ବେ ସୁଦ୍ଧା ୩ ଦଳ ବିଜେଡି, କଂଗ୍ରେସ ଓ ଭାଜପା ରାଜ୍ୟର ଏକାଧିକ ଆସନ ଲାଗି ପ୍ରାର୍ଥୀ ଘୋଷଣା କରିଥିବା ସତ୍ତ୍ୱେ ପାରାଦୀପ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ରାଜନେତା, କର୍ମୀ ଓ ଆଶାୟୀମାନେ ଆଶା ଆଶଙ୍କାରେ ଅଛନ୍ତି। ସମ୍ପୃକ୍ତ ଆଶାୟୀଙ୍କ ଶିବିରରେ ପୂର୍ବ ହୋଲି ପର୍ବରେ ଯେଉଁଭଳି ଚଳଚଞ୍ଚଳତା ଦେଖିବାକୁ ମିଳିଥିଲା ଚଳିତଥର ତାହା ନାହିଁ।

ସୂଚନା ଅନୁଯାୟୀ, ଏଠାରେ କଂଗ୍ରେସରେ ୨ଜଣ ଆଶାୟୀ, ଭାଜପାରେ ଏବେ ଜଣେ ମାତ୍ର ଆଶାୟୀ ଓ ବିଜେଡିରେ ୬ରୁ ଅଧିକ ଆଶାୟୀ ଟିକେଟ ଦୌଡରେ ଅଛନ୍ତି। ସବୁଦଳ ଛକାପଞ୍ଝାରେ ରହିଛନ୍ତି। ପ୍ରାର୍ଥୀ ତାଲିକା ଘୋଷଣା ପରେ ବିଦ୍ରୋହ ଏବଂ ଦଳବଦଳ ହେବାର ସମ୍ଭାବନା ଅଛି। ବିପକ୍ଷ ଦଳର ଆଶାୟୀଙ୍କୁ ସାଙ୍ଗରେ ଧରି ନିର୍ବାଚନ ବୈତରଣୀ ପାର ହେବାକୁ ୩ ଦଳରେ କସରତ ଚାଲିଛି।

## ସଂକ୍ଷେପରେ

### କାଳବୈଶାଖୀ : ଡାଙ୍ଗମାଳ ପଞ୍ଚାୟତରେ କ୍ଷୟକ୍ଷତି



**ରାଜନଗର, ୨୩। ୩ (ଡିଏନଏ):** ଗତ ୨୧ ତାରିଖରେ କାଳବୈଶାଖୀ ଯୋଗୁ ରାଜନଗର ବ୍ଲକର ବିଭିନ୍ନ ଗ୍ରାମରେ କ୍ଷୟକ୍ଷତି ହୋଇଛି। ବିଶେଷକରି ଡାଙ୍ଗମାଳ ପଞ୍ଚାୟତରେ ଅଧିକ କ୍ଷୟକ୍ଷତି ଘଟିଛି। ପବନରେ ବହୁ ଘରର ଛପର ଉଡି ଯାଇଥିବା ବେଳେ ଗଛ ଓ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡିଛି। ନଡିଆ ଗଛ ପଡି ବାଙ୍କୁଆଳ ଗାଁର ଆର୍ତ୍ତତ୍ରାଣ ବେହେରା ଓ ଡାଙ୍ଗମାଳ ଗାଁର ରଞ୍ଜନ ବେହେରାଙ୍କ ଘର ଭାଙ୍ଗିଯାଇଛି। ବଡାଡିଆ ଗାଁର ଜୟରାମ ଧଳ, ରମାକାନ୍ତ ନାୟକ, ବୀରକିଶୋର ଜେନା, ତ୍ରିଲୋଚନପୁର ବାବୁରାମ ସେଠୀ, ବଡାଡିଆର ନରୋତ୍ତମ ବେହେରାଙ୍କ ଚାଳ ଘର ଛପର ଉଡିଯାଇଛି। କେତେକ ପରିବାରର କାନ୍ଥ ଭାଙ୍ଗିପଡିଛି। ବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଡାଙ୍ଗମାଳ ସରପଞ୍ଚ ରମେଶ ଚନ୍ଦ୍ର ବେହେରା ଦାବି କରିଛନ୍ତି।

### ପାଇକା ମହୋତ୍ସବ ଉଦ୍‌ଯାପିତ

**ମାର୍ଶାଘାଇ, ୨୩।୩ (ଡିଏନଏ) :** ମାର୍ଶାଘାଇ ବ୍ଲକ ପୋତାରୀ ଖେଳ ପଡିଆରେ ଅନୁଷ୍ଠିତ ହେଉଥିବା ୪ର୍ଥ ପାଇକା ମହୋତ୍ସବ ୧୪ ତାରିଖରୁ ଆରମ୍ଭ ହୋଇ ୭ ଦିନ ପରେ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟଅତିଥି ହେବାର କାର୍ଯ୍ୟକ୍ରମ ରହିଥିଲା। ସମ୍ମାନିତ ଅତିଥି ଭାବେ ୨ ଜଣ ଯୋଗ ଦେବେ ବୋଲି ନିମନ୍ତ୍ରଣ କାର୍ଡରେ ଛପା ଯାଇଥିଲା। ହେଲେ ସନ୍ଧ୍ୟାରେ କୋଣସି ଅତିଥି ଯୋଗ ନ ଦେବାରୁ ବିନା ଅତିଥିରେ ପାଇକା ମହୋତ୍ସବକୁ ଉଦ୍‌ଯାପିତ କରାଯାଇଥିଲା। କେବଳ ଉଦଯାପନୀ ଉତ୍ସବ ନୁହେଁ ,ଉଦଘାଟନୀ ଉତ୍ସବରେ ବିଧାୟକ ନାୟକ ମୁଖ୍ୟଅତିଥି ହେବାର କାର୍ଯ୍ୟକ୍ରମ ଥିଲେ ମଧ ସେ ସେହିଦିନ ଉତ୍ସବରେ ଯୋଗ ଦେଇ ନ ଥିଲେ। ବିଧାୟକ ମହୋତ୍ସବରେ ଯୋଗ ନ ଦେବାରୁ ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ନା ନା ଚର୍ଚ୍ଚା ହେଉଛି।

### ପ୍ରାଣକିଶୋର ଜୀଉଙ୍କ ମେଲଣ ଯାତ୍ରା

**ମାର୍ଶାଘାଇ,୨୩। ୩ (ଡିଏନଏ) :** ମାର୍ଶାଘାଇ ବ୍ଲକ ଦୁମୁକା ପଞ୍ଚାୟତ ଗିରଙ୍ଗ ଗ୍ରାମର ଶ୍ରୀ ପ୍ରାଣକିଶୋର ଜୀଉଙ୍କ ମେଲଣ ଯାତ୍ରା ଧୁମ୍‌ଧାମରେ ପାଳିତ ହୋଇଯାଇଛି ।ଏହି ଯାତ୍ରା ଦଶମୀ ଠାରୁ ଆରମ୍ଭ ହୋଇ ଦୋଳ ପୂର୍ଣ୍ଣମୀରେ ଶେଷ ହୋଇଛି । ବିମାନରେ ରାଧାକୃଷ୍ଣଙ୍କୁ ସ୍ଥାପନ କରାଯାଇ ଏକ ବିରାଟ ପଟୁଆରରେ ଗିରଙ୍ଗ ଗ୍ରାମକୁ ନିଆଯାଇଥିଲା । ସେଠାରେ ଘରକୁ ଘର ବୁଲି ଠାକୁରଙ୍କ ଭୋଗ ଲାଗି ହୋଇଥିଲା । ପ୍ରାଣକିଶୋର ଜୀଉଙ୍କ ସେବାୟତ ଅଧିକାରୀ ରମେଶ ଚନ୍ଦ୍ର ଦାସ ପୂଜାକାର୍ଯ୍ୟରେ ନିୟୋଜିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଭୟ ସ୍ୱାଇଁ , ସଚ୍ଚିଦାନନ୍ଦ ସ୍ୱାଇଁ ,ଦଦୁଲି ସାହୁ , ଦୁଃଶାସନ ବିଶ୍ୱାଳ ,ରବିନ୍ଦ୍ର ନାୟକ ,ନୃସିଂହ ସାମଲ , ଚୈତନ୍ୟ ନାୟକ, ତ୍ରୈଲୋକ୍ୟ ଖୁଣ୍ଟିଆ,ଗୌତମ ସ୍ୱାଇଁ , ମୋହନି ରାଉତ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

### ଭାଜପାର ହୋଲି ଉତ୍ସବ
#### ବିଜୟଙ୍କୁ ବିରୋଧ କରି ନାରାବାଜି

**ମାର୍ଶାଘାଇ, ୨୩।୩ (ଡିଏନଏ):** ଗୁରୁବାର ଅପରାହ୍ନରେ ମାର୍ଶାଘାଇ ଜୁଣ ଛକ ଠାରେ ଭାଜପାର ମାର୍ଶାଘାଇ ମଣ୍ଡଳ ସଭାପତି ଇଂ ପ୍ରକାଶ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ମହାକାଳପଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୭ଟି ଜୋନର କର୍ମୀ ଏକତ୍ରିତ ହୋଇଥିଲେ। ଏହି ଅବସରରେ କର୍ମୀମାନେ ଆଗୁଆ ହୋଲି ଉତ୍ସବ ପାଳନ କରିଥିଲେ । ବରିଷ୍ଠ ନେତା ବିଜୟ ମହାପାତ୍ର ଭାଜପାକୁ ପ୍ରତ୍ୟାବର୍ତ୍ତନ କରି ମହାକାଳପଡାରେ ଦଳୀୟ ପ୍ରାର୍ଥୀ ହେବେ ବୋଲି ସୂଚନା ପାଇ ଶତାଧିକ ଭାଜପା କର୍ମୀ ଜୁଣ ଛକ ଠାରେ ଆୟୋଜିତ ସଭାରେ ବିଜୟଙ୍କୁ ବିରୋଧ କରି ନାରାବାଜି କରିଥିଲେ। ଏହି ସଭାରେ ସୁଶାନ୍ତ ସାହୁ,ସ୍ମୃତିରଞ୍ଜନ ଦ୍ୱିବେଦୀ,କୈଳାସ ପ୍ରଧାନ,ଛତିଶ ସାହୁ,ନିତ୍ୟାନନ୍ଦ ସ୍ୱାଇଁ,ଭରତ ଯେନା,ଘନଶ୍ୟାମ ପ୍ରଧାନ,ବାବୁଲି ଦାସ,ସଞ୍ଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ■ ଅନନ୍ୟ ପରମ୍ପରାର ପ୍ରତୀକ ପ୍ରସିଦ୍ଧ ଓଲକଣା ମେଳଣ ଉଦ୍‌ଯାପିତ

# ହରି ଓ ହରଙ୍କୁ ଦର୍ଶନ କଲେ ୫୦ହଜାର ଶ୍ରଦ୍ଧାଳୁ

**ଡେରାବିଶ,୨୩।୩(ସ୍ୱ.ପ୍ର.)**

ପ୍ରସିଦ୍ଧ ଓଲକଣା ମେଳଣ ଗୁରୁବାର ଶୃଙ୍ଖଳାର ସହ ଶେଷ ହୋଇଛି। ଅନନ୍ୟ ପରମ୍ପରାର ପ୍ରତୀକ ଏହି ମେଳଣ ପାରମ୍ପରିକ ରୀତିନୀତି ଅନୁସାରେ ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥି ବୁଧବାର ରାତ୍ରିରୁ ଆରମ୍ଭ ହୋଇଥିଲା। ଏଥିପାଇଁ ମେଳଣ ପଡିଆରେ ଥିବା ଭକ୍ତ ବିଦୁରଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ଶାଗ ଭଜା ଓ ଦହି ପଖାଳ ପ୍ରସାଦ ପାଇବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ଭିଡ ଜମାଇଥିଲେ। ଚଳିତବର୍ଷ ମେଳଣରେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

କେନ୍ଦ୍ରାପଡା ଓ କଟକ ଜିଲାର କେନ୍ଦ୍ରସ୍ଥଳୀରେ ଥିବା ଓଲକଣା ମେଳଣ ପଡିଆରେ ଅନୁଷ୍ଠିତ ହେଉଥିବା ଏହି ମେଳଣ ପାଇଁ ଉଭୟ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଓଡିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ପ୍ରତ୍ୟେକ ମେଳଣରେ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ପୂଜା ପାଉଥିବା ବେଳେ ଓଲକଣା ମେଳଣରେ ଆଳି ରାଜାଙ୍କ ବ୍ଲକ ଅଧୀନସ୍ଥ ରାଜନଗରରୁ ଆସୁଥିବା ପଞ୍ଚମୁଖି ବିମାନରେ ରାଧାକୃଷ୍ଣ ଓ ଡେରାବିଶରୁ ଆସୁଥିବା ଆଉ ଏକ ବିମାନରେ ମା' ଲକ୍ଷ୍ମୀ ଏବଂ କଟକ ଜିଲା ମାହାଙ୍ଗା ଥାନା ଭଦ୍ରେଶ୍ୱରରୁ ଆସୁଥିବା



ମେଳଣ ପଡିଆରେ ଆଳି ରାଜାଙ୍କ ଦୁଇ ବିମାନ।



ଶ୍ରଦ୍ଧାଳୁଙ୍କ ଗହଣରେ ମେଳଣ ପଡିଆ ମଧ୍ୟକୁ ବିମାନଗୁଡିକ ପ୍ରବେଶ କରୁଛନ୍ତି ।

ବିମାନରେ ଶିବଶକ୍ତି ପୂଜା ପାଇବା ମେଳଣର ଅନନ୍ୟ ପରମ୍ପରା। ମେଳଣ ପଡିଆରେ ପ୍ରଥମେ ବ୍ଲକ ଅଧୀନସ୍ଥ ରାଜନଗର ଗ୍ରାମରୁ ଆସୁଥିବା ଆଳି ରାଜାଙ୍କ ବିମାନରେ ଶ୍ରୀ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଓ ଡେରାବିଶର ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିରରୁ ଅନ୍ୟ ଏକ ବିମାନରେ ମା' ଲକ୍ଷ୍ମୀଙ୍କ ପ୍ରତିମା ପ୍ରଥମେ ବୁଧବାର ରାତି ୪ଟାରେ ପୂର୍ବଦ୍ୱାର ଦେଇ ପଡିଆ ମଧ୍ୟକୁ ପ୍ରବେଶ କରିଥିଲେ। ଏହାପରେ ପୂର୍ବରୁ ପଡିଆ ମଧ୍ୟରେ ମାଟିରେ ନିର୍ମିତ କନକ ବେଦୀରେ ଉଭୟ ବିମାନ ଉପବେଶନ କରିବା ପରେ ପଡିଆରେ ଥାନପତି ମଣ୍ଡୁଅ ଗ୍ରାମରୁ ଆସିଥିବା ବିମାନ ନିର୍ଦ୍ଧାରିତ ସ୍ଥାନରେ ଉପବେଶନ କରିଥିଲେ। ପରେ ବିଭିନ୍ନ ଦ୍ୱାର ଦେଇ ଅନ୍ୟ ବିମାନଗୁଡିକ ପଡିଆ ମଧ୍ୟକୁ ପ୍ରବେଶ କରିଥିଲେ। ମେଳଣର ମୁଖ୍ୟ ଆକର୍ଷଣ ଥିଲା ପ୍ରସିଦ୍ଧ ଶୈବପୀଠ ଭଦ୍ରେଶ୍ୱରଙ୍କ ପୀଠରୁ ଆସୁଥିବା ବିମାନ। ଏହି ବିମାନରେ ହରରୂପି ଶ୍ରୀ ଭଦ୍ରେଶ୍ୱର ଗୁରୁବାର ଭୋରରୁ ଏକ ବିରାଟ ପଟୁଆର ମଧ୍ୟରେ ମେଳଣ ପଡିଆରେ ପହଞ୍ଚିଥିଲେ। ପରମ୍ପରା ଅନୁଯାୟୀ ୧୦୮ଘଣ୍ଟ ପଟୁଆର ମଶାଲ ଓ ସଂକୀର୍ତ୍ତନ ଶୋଭାଯାତ୍ରା ମଧ୍ୟରେ ଭଦ୍ରେଶ୍ୱରଙ୍କ ବିମାନ ପକ୍ଷରୁ ଏକ ଆଳତି ପଡିଆ ମଧ୍ୟରେ ଥିବା ଭକ୍ତ ବିଦୁରଙ୍କ ମନ୍ଦିରକୁ ଯାଇଥିଲା। ଏଥିସହିତ କନକବେଦୀରେ ଉପବେଶନ କରିଥିବା ମା' ଲକ୍ଷ୍ମୀ ଠାକୁରାଣୀଙ୍କ ନିକଟରେ ବସା ଯାଇଥିବା କଳସ ପାଖରୁ ଶସ୍ୟ ନେବା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଥିଲା।

ପ୍ରବାଦ ଅଛି ଏହି ଶସ୍ୟ ଟିକକ ନେଲେ ଘର ଧନଧାନ୍ୟରେ ପୂର୍ଣ୍ଣ ହେବ। ଅପରପକ୍ଷରେ ଏହି ମେଳଣ ପଡିଆ ଆଳି ରାଜା ଓ ସ୍ଥାନୀୟ ଅକରପଡା ଗ୍ରାମର ମୋଗଲ ଶାସକଙ୍କ ଅଧୀନରେ ହୋଇଥିବାରୁ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଭାଇଚାରା ସମ୍ପର୍କକୁ ସୁଦୃଢ କରିବା ପାଇଁ ରାଜାଙ୍କ ଦ୍ୱାରା ଏହି ମେଳଣ କରାଯାଇଥିବା ଜନଶ୍ରୁତି ରହିଛି। କଥିତ ଅଛି ଓଲକଣା ମେଳଣ, ଆଳି ରାଜା ଝୁଲଣ। ଅତୀତରେ ଏହି ମେଳଣ ଦିନ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଏକ ଝୁଲଣରେ ପୂର୍ଣ୍ଣ ରାଜକୀୟ ପରମ୍ପରାରେ ଆଳି ରାଜା ଓ ରାଣୀ ବସି ହରିହରଙ୍କ ମିଳନ ପର୍ବ ଦର୍ଶନ କରୁଥିଲେ। ତେବେ ମେଳଣ ପଡିଆ ମଧ୍ୟରେ ଅଷ୍ଟଶମ୍ଭୁ, ମା' କ୍ଷେତ୍ରକାଳୀ, ଉଦ୍ଧବ ଓ ଶ୍ରୀଜଗନ୍ନାଥଙ୍କ ମନ୍ଦିର ରହିଛି। ଅନତି ଦୂରରେ ଦ୍ରୋଣଗୁରୁ, ହନୁମାନ, ଶ୍ରୀରାମ, କପିଳେଶ୍ୱର ଓ ପଞ୍ଚୁପାଣ୍ଡବଙ୍କ ମନ୍ଦିର ସମେତ ମା' କୁନ୍ତୀ ଓ ଦ୍ରୌପଦୀଙ୍କ ମନ୍ଦିର ଥିବାରୁ ଏହି ମେଳଣ ସହ ପୁରାଣ କଥାବସ୍ତୁର ସମ୍ପର୍କ ରହିଛି। ମେଳଣର ବିଶେଷତ୍ୱ ହେଉଛି ଅନ୍ୟ ମେଳଣରେ ବିମାନଗୁଡିକ ବସିବା ପାଇଁ ସ୍ୱତନ୍ତ୍ର ଆସନ ଦିଆଯାଉଥିବା ବେଳେ ଏଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥାଏ। କୌଣସି ବିମାନ ବସିବା ପାଇଁ ଆସନ ଦିଆଯାଇ ନ ଥିବା ବେଳେ ପାରମ୍ପରିକ ରୀତି ନୀତି ଅନୁସାରେ କେଉଁ ବିମାନ ପାଖରେ କେଉଁ ବିମାନ ବସିବ ତାହା ବିଧି ବ୍ୟବସ୍ଥାରେ ହୁଏ। ବିମାନଗୁଡିକ ସମ୍ମୁଖରେ ପଡିଥିବା ଚଦରରେ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ମାନସିକ ଭୋଗ ଲାଗି ହେବା ଦେଖାଯାଇଥିଲା। ଏହି ଅବସରରେ ପରମ୍ପରା ଅନୁଯାୟୀ ଆସନ୍ତା ବର୍ଷ ମେଳଣ ପାଇଁ ଆଳି ରାଜାଙ୍କ ବିମାନ ପକ୍ଷରୁ ସମସ୍ତ ବିମାନଙ୍କୁ ବିମାନ ପ୍ରତିନିଧି ବିଜୟ କୁମାର ମଲ୍ଲିକ ଓ କରୁଣାକର କର ଫୁଲ ଅଭିର ଦେଇ ବରଣି କରିଥିଲେ। ଚଳିତବର୍ଷ ମେଳଣକୁ ୧୨୫ରୁ ଊର୍ଦ୍ଧ୍ୱ ବିମାନ ଆସିଥିବା ବେଳେ ଉଭୟ କେନ୍ଦ୍ରାପଡା ଓ କଟକ ଜିଲା ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିବା ବେଳେ ପାନୀୟ ଜଳ ଓ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର କରାଯାଇଥିଲା। କେନ୍ଦ୍ରାପଡ଼ା ଏସ୍‌ଡ଼ିପିଓ ରାଜୀବ ଲୋଚନ ପଣ୍ଡା ଓ ଡେରାବିଶ ଥାନା ଅଧିକାରୀ ଉମାକାନ୍ତ ନାୟକଙ୍କ ନେତୃତ୍ୱରେ ୮ଜଣ ପୋଲିସ ଅଧିକାରୀ ଓ ୨ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଥିଲା । ସେହିପରି ସାଲେପୁର ଏସ୍‌ଡ଼ିପିଓ , ମାହାଙ୍ଗା ଥାନା ଅଧିକାରୀ ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ୮ ଜଣ ପୋଲିସ ଅଧିକାରୀ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଚଳିତବର୍ଷ ମେଳଣ ଶୃଙ୍ଖଳାର ସହ ଶେଷ ହୋଇଥିବାରୁ ଓଲକଣା ମେଳଣ ସମନ୍ୱୟ କମିଟି ସଭାପତି ମହନ୍ତ ଡ. ନାମାନନ୍ଦ ଦାସ ଓ ସଂପାଦକ ଶାରଦା ପ୍ରଧାନ ଉଭୟ ଜିଲାର ପ୍ରଶାସନ, ସମସ୍ତ ଠାକୁର ବାଡି ସେବକ ପ୍ରତିନିଧି ଓ ଅଞ୍ଚଳବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ରାଜନଗର ଦୋଳ ମେଳଣରେ ୩୨ ବିମାନ ଏକାଠି

**ରାଜନଗର, ୨୩।୩ (ଡିଏନଏ)**

ରାଜନଗରରେ ଦୋଳ ଓ ହୋଲି ଉତ୍ସବ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ରାଜନଗର ମେଳଣ ପଡିଆକୁ ଚଳିତବର୍ଷ ୩୨ଟି ବିମାନ ଆସିଥିଲେ। ବାଜା, ବାଣ, ରୋଷଣୀରେ ବିମାନଗୁଡିକ ମେଳଣ ପଡିଆକୁ ଆସିଥିଲେ। ପୂର୍ଣ୍ଣିମା ଦିନ ସନ୍ଧ୍ୟାରେ ରାଧାକୃଷ୍ଣ ମେଳଣ କମିଟି ପକ୍ଷରୁ ସଭାପତି ତଥା ଆଇଆଇସି ତପନ କୁମାର ନାୟକଙ୍କୁ ନିମନ୍ତ୍ରଣ କରାଯାଇ ମେଳଣ ପଡିଆକୁ ଅଣାଯାଇଥିଲା। ପୁରୋହିତଙ୍କ ମନ୍ତ୍ର ଧ୍ୱନି ମଧ୍ୟରେ ସଭାପତି କର୍ତ୍ତା ଭାବେ ମେଳଣ ପଡିଆରେ ମଣ୍ଡପ ପ୍ରତିଷ୍ଠା କରିଥିଲେ। ମଣ୍ଡପ ପ୍ରତିଷ୍ଠା ପରେ ଥାନପତି ରାଜନଗରର ଦଧିବାମନଜୀଉଙ୍କୁ ଘଣ୍ଟ, ଶଙ୍ଖ, ମୃଦଙ୍ଗ ଧ୍ୱନି ମଧ୍ୟରେ ମେଳଣ ପଡିଆକୁ ପାଛୋଟି ଅଣାଯାଇଥିଲା। ଥାନପତି ମେଳଣ ପଡିଆରେ ବିରାଜମାନ ହେବା ପରେ ସଭାପତି, ଗ୍ରାମବାସୀ, ରାଧାକୃଷ୍ଣ ମେଳଣ କମିଟିର ସଦସ୍ୟ ଓ ପୁରୋହିତ ରାଜନଗର ଗାଁ ମୁଣ୍ଡରୁ ବିଭିନ୍ନ ଗାଁର ମଠ, ମନ୍ଦିର, ଦେବଦେବୀଙ୍କ ପୀଠରୁ ଆସିଥିବା ବିଗ୍ରହ ଓ ବିମାନକୁ ପାଛୋଟି ଆଣିଥିଲେ। ରାତି ୧୦ ଟାରୁ ସକାଳ ୭ଟା ଯାଏଁ ବିମାନଗୁଡିକ ମେଳଣ ପଡିଆକୁ



ଦୋଳ ମେଳଣରେ ସାମିଲ ହୋଇଥିବା ବିମାନ ।

ଆସିଥିଲେ । ମେଳଣ ପଡିଆରେ ଠାକୁରଙ୍କ ନୀତିପୂଜା ହୋଇ ଭୋଗ, ପାଟବସ୍ତ୍ର ପ୍ରଦାନ କରାଯାଇଥିଲା। ଶେଷରେ ରାଜନଗର ଥାନା ପକ୍ଷରୁ ଭୋଗ ଲାଗି ହେବା ପରେ ବିମାନଗୁଡିକ ନିଜ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଥାନା ପରିସରରେ ଥିବା ରାଜନଗର ଦୋଳ ମେଳଣ ପଡିଆରେ ରାଧାକୃଷ୍ଣ ମେଳଣ କମିଟିର ସଭାପତି ନାୟକଙ୍କ ପୌରୋହିତ୍ୟରେ ରଙ୍ଗସଭା ଅନୁଷ୍ଠିତ ହୋଇଥିଲା। ରଙ୍ଗସଭାରେ ରାଧାକୃଷ୍ଣଙ୍କ ମହିମା ଓ କୃଷ୍ଣଲୀଳା ସଂପର୍କରେ ବିସ୍ତୃତ ଆଲୋଚନା ହେବା ସହିତ ଭଜନ, ଜଣାଣ ପରିବେଷଣ କରାଯାଇଥିଲା। ରଙ୍ଗସଭାରେ ରସରାଜ ଉପାଧିରେ ମହେଶ୍ୱର ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସଭାରେ ସଂପାଦକ ପ୍ରଭାତ ଚନ୍ଦ୍ର ମିଶ୍ରଙ୍କ ସମେତ ଅନିରୁଦ୍ଧ ପରିଡା, ବାଇଧର ସେଠୀ, ରମଣୀ ରଞ୍ଜନ ମହାପାତ୍ର, ସତ୍ୟବାନ ସେଠୀ, ଗଙ୍ଗାଧର ସେଠୀ, ନାରାୟଣ ମହନ୍ତ, ରବିନ୍ଦ୍ର କୁମାର ନାୟକ, ଅକ୍ଷୟ କୁମାର ନାୟକ, ଶଙ୍କର୍ଷଣ ମିଶ୍ର, ରମେଶ ଚନ୍ଦ୍ର ଲାଲ୍‌, ଚିତ୍ତ ରଞ୍ଜନ ଦାସ, ବିଚିତ୍ର କୁମାର ମଲ୍ଲିକ, ମହେଶ୍ୱର ସେଠୀ, କନିକା ରାଜ ପରିବାର ପକ୍ଷରୁ ମ୍ୟାନେଜର ବିଷ୍ଣୁ ଚରଣ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ଣ୍ଣିମା ଦିନ ସନ୍ଧ୍ୟାରେ ଦେବୀ ମଣ୍ଡପ ନିକଟରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

## ନଦୀରେ ବୁଡି ଦୁଇ ଛାତ୍ରଙ୍କ ମୃତ୍ୟୁ ଘଟଣା
## ହୋଲି ପାଳିଲେନି ଛୋଟିବାସୀ

**ଡେରାବିଶ,୨୩।୩(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ ନିକଟ ଦେଇ ପ୍ରବାହିତ ବିରୁପା ନଦୀରେ ବୁଡିଯାଇ ଗତ ୧୪ ତାରିଖରେ ଦୁଇଜଣ ଛାତ୍ରଙ୍କ ଅକାଳ ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ମ୍ରିୟମାଣ ହୋଇ ଛୋଟି ଗ୍ରାମବାସୀ ଶୁକ୍ରବାର ହୋଲି ବର୍ଜନ କରିଛନ୍ତି । ସୂଚନାଯୋଗ୍ୟ ଯେ, ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ଛୋଟି ଗ୍ରାମର ସନ୍ତୋଷ ପ୍ରଧାନଙ୍କ ଏକମାତ୍ର ପୁଅ ଦିବ୍ୟଜ୍ୟୋତି (୧୬) ଓ ପ୍ରକାଶ ଦାସଙ୍କ ପୁଅ ଆକାଶ (୧୮) ବୁଡିଯାଇ ମୃତ୍ୟୁବରଣ କରିଥିଲେ । ଏହି ଦୁଃଖଦ ଘଟଣାରେ ଛୋଟି ପଞ୍ଚାୟତବାସୀ ଚଳିତବର୍ଷ ହୋଲି ବର୍ଜନ କରିଥିବା ଛୋଟି ସରପଞ୍ଚ କୁମାର ଚନ୍ଦ୍ର ବଳ ସୂଚନା ଦେଇଛନ୍ତି ।

## ପୋଖରୀରେ ବୁଡି ଶିଶୁପୁତ୍ର ମୃତ

**ରାଜନଗର,୨୩।୩ (ଡିଏନଏ)**

ଶୁକ୍ରବାର ପୋଖରୀରେ ବୁଡିଯାଇ ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ପଞ୍ଚାୟତ କୃଷ୍ଣପ୍ରିୟାପୁର ଅଞ୍ଚଳର କାର୍ତ୍ତିକ ବାନାର୍ଜୀଙ୍କ ୧୫ ମାସର ଶିଶୁପୁତ୍ର ପ୍ରଦୀପର ମୃତ୍ୟୁ ଘଟିଛି। ପ୍ରଦୀପ ଖେଳୁଥିବା ବେଳେ ଘର ନିକଟରେ ଥିବା ପୋଖରୀ ମଧ୍ୟକୁ ପଡି ଯାଇଥିଲା। ଗୁରୁତର ଅବସ୍ଥାରେ ତାକୁ ଉଦ୍ଧାର କରାଯାଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ଯାଇଥିଲା। ମାତ୍ର ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ।

## ଏ ସପ୍ତାହର କାର୍ଯ୍ୟକ୍ରମ

**୨୪।୩।୨୦୧୯ (ରବିବାର)**

- ବିଶ୍ୱ ଯକ୍ଷ୍ମା ଦିବସ ପାଳନ। **ସ୍ଥାନ–**ଜିଲା ମୁଖ୍ୟ କାର୍ଯ୍ୟାଳୟ ସଭାଗୃହ, କେନ୍ଦ୍ରାପଡ଼ା, **ସମୟ–** ପୂର୍ବାହ୍ନ ୧୦ଟା।
- ଛାମୁ ମେଳଣ। **ସ୍ଥାନ–**ଚଉଦକୁଲାଟ, କେନ୍ଦ୍ରାପଡ଼ା, **ସମୟ–** ଅପରାହ୍ନ ୪ଟା।
- ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କ ତାଲିମ ଶିବିର। **ସ୍ଥାନ–**ବ୍ଲକ ସଭାଗୃହ, ମାର୍ଶାଘାଇ, **ସମୟ–** ପୂର୍ବାହ୍ନ ୧୦ଟା।

**୨୫।୩।୨୦୧୯ (ସୋମବାର)**

- ବ୍ଲକ ଅଞ୍ଚଳ ଉନ୍ନୟନ କାର୍ଯ୍ୟ ସମୀକ୍ଷା। **ସ୍ଥାନ–** ବ୍ଲକ କାର୍ଯ୍ୟାଳୟ, ରାଜକନିକା, **ସମୟ–** ପୂର୍ବାହ୍ନ ୧୦ଟା।
- ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କ ତାଲିମ ଶିବିର। **ସ୍ଥାନ–**ବ୍ଲକ ସଭାଗୃହ, ମାର୍ଶାଘାଇ, **ସମୟ–** ପୂର୍ବାହ୍ନ ୧୦ଟା।

**୨୬।୩।୨୦୧୯ (ମଙ୍ଗଳବାର)**

- କେନ୍ଦ୍ରାପଡା ସେବା ସମିତିର ଫଗୁଣ ମହୋତ୍ସବ। **ସ୍ଥାନ–**ମେଳଣ ପଡିଆ, ବାଲିଆ, କେନ୍ଦ୍ରାପଡା, **ସମୟ–** ସନ୍ଧ୍ୟା ୬ଟା।
- ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କ ତାଲିମ ଶିବିର। **ସ୍ଥାନ–** ବ୍ଲକ ସଭାଗୃହ, ମାର୍ଶାଘାଇ, **ସମୟ–** ପୂର୍ବାହ୍ନ ୧୦ଟା।

**୨୭।୩।୨୦୧୯ (ବୁଧବାର)**

- ବିଦ୍ୟାଳୟର ବାର୍ଷିକ ଉତ୍ସବ। **ସ୍ଥାନ–**ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ମାର୍ଶାଘାଇ, **ସମୟ–** ଅପରାହ୍ନ ୪ଟା।
- ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କ ତାଲିମ ଶିବିର। **ସ୍ଥାନ–** ବ୍ଲକ ସଭାଗୃହ, ମାର୍ଶାଘାଇ, **ସମୟ–** ପୂର୍ବାହ୍ନ ୧୦ଟା।

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| କେନ୍ଦ୍ରାପଡା ଅଫିସ | ଜଗନ୍ନାଥ ଧଳ | ୭୩୭୭୩୧୩୧୮୦ |
| ରାଜନଗର | ଭାସ୍କର ରାଉତରାୟ | ୯୪୩୭୫୦୬୪୮୪ |
| ଆଳି | ବନମାଳି ସେନାପତି | ୯୧୭୮୮୯୯୬୨୬ |
| ପଟ୍ଟାମୁଣ୍ଡାଇ | ଅକ୍ଷୟ ବିଶ୍ୱାଳ | ୯୦୯୦୮୨୪୨୦୦ |
| ପାଟକୁରା | ରବୀନ୍ଦ୍ର ବାରିକ | ୯୯୩୭୫୧୯୯୭୩ |
| ମାର୍ଶାଘାଇ | ଅକ୍ଷୟ ଜେନା | ୯୯୩୮୭୪୪୮୪୨ |
| ରାଜକନିକା | ରବୀନ୍ଦ୍ର ଦାସ | ୮୯୦୮୬୦୬୪୬୦ |
| ଡେରାବିଶ | ବେବର୍ତ୍ତା ଅଜୟ ଦାସ | ୯୬୬୮୫୩୭୬୬୦ |
| ମହାକାଳପଡା | ପ୍ରତାପ ଚନ୍ଦ୍ର ସ୍ୱାଇଁ | ୯୪୩୯୯୬୮୮୦୦ |

ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

## ଚୋରା ମଦ ଜବତ: ଜଣେ ଗିରଫ

**ଡେରାବିଶ,୨୩।୩(ସ୍ୱ.ପ୍ର.)**

ଡେରାବିଶ ପୋଲିସ ଗୁରୁବାର ବିଳମ୍ବିତ ରାତିରେ ରମାକାନ୍ତ ବେହେରା ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ତାଙ୍କ ଠାରୁ ୧୦ ବୋତଲ ବିଦେଶୀ ମଦ ଜବତ ହୋଇଛି । ଥାନା ଏସ୍‌ଆଇ ପଞ୍ଚାନନ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ପଞ୍ଚୁପାଣ୍ଡବ–ବଳଭଦ୍ରପୁର ଛକ ମଧ୍ୟରେ ଜଣେ ଯୁବକ ଏକ ବ୍ୟାଗ୍‌ରେ ବେଆଇନ ଭାବେ ମଦ ନେଉଥିବା ଦେଖି ଧରିଥିଲେ।

# ଅଲେଖ ହଟାଅ ଦାବିରେ ଭୁବନେଶ୍ୱରରେ ଧାରଣା

**ରାଜନଗର, ୨୩ ।୩(ଡିଏନଏ)**

୨୦୧୯ ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଦ୍ୱିତୀୟ ଦଫା ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଏଥିରେ କେନ୍ଦ୍ରାପଡା ଜିଲାର ସବୁଠୁ ସମ୍ବେଦନଶୀଳ ରାଜନଗର ବିଧାନସଭା ଆସନ ପାଇଁ ଭାଜପା ପୂର୍ବତନ ବିଧାୟକ ଅଲେଖ କୁମାର ଜେନାଙ୍କୁ ପ୍ରାର୍ଥୀ କରିଛି। ପ୍ରାର୍ଥୀ ତାଲିକାରେ ଜେନାଙ୍କ ନାମ ପ୍ରକାଶ ପାଇବା ପରେ ତାଙ୍କ ସମର୍ଥକମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିବା ବେଳେ ତାଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରି ବହୁ ଦଳୀୟ ନେତା ଓ କର୍ମୀ ପ୍ରାର୍ଥୀ ପରିବର୍ତ୍ତନ ପାଇଁ ରାଜ୍ୟ ଭାଜପା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ଘଟଣା ରାଜନଗରର ରାଜନୈତିକ ବାତାବରଣକୁ ଉଷ୍ମ କରିଛି।

ଗତ ୨୧ ତାରିଖ ଦିନ ଭାଜପା ପକ୍ଷରୁ ରାଜନଗର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ ଅଲେଖ କୁମାର



ଧାରଣାରତ ରାଜନଗର ଅଞ୍ଚଳର ଦଳୀୟ ନେତା ଓ କର୍ମୀ ।

ଜେନାଙ୍କ ନାମ ଘୋଷଣା କରାଯାଇଥିଲା। ଏହା ଜଣାପଡିବା ପରେ ରାଜନଗର ଭାଜପାରେ ଝଡ ସୃଷ୍ଟି ହୋଇଛି। ଭାଜପାର ଆଗଧାଡିର ନେତା , ଜୋନ ସଭାପତି, ପଞ୍ଚାୟତ ସଭାପତିମାନେ ଏକ ହୋଇ ଜେନାଙ୍କୁ ହଟାଇବା ପାଇଁ ଦାବି କରିଛନ୍ତି। ଶୁକ୍ରବାର ରାଜନଗର ବ୍ଲକର ଜରିମୂଳଠାରେ ନିର୍ବାଚନମଣ୍ଡଳୀର ଛାମୁଆ ନେତା ଓ କର୍ମୀମାନେ ଏକାଠି ହୋଇ ଜେନାଙ୍କୁ ବିରୋଧ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଶନିବାର ବହୁ କର୍ମୀ ଭୁବନେଶ୍ୱରସ୍ଥିତ ଦଳୀୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ସେମାନେ ବିଭିନ୍ନ ସ୍ଲୋଗାନ ଦେଇ ବିଧାୟକ ପ୍ରାର୍ଥୀ ହୋଇଥିବା ଜେନାଙ୍କୁ ତୀବ୍ର ବିରୋଧ କରିଥିଲେ । ଜେନାଙ୍କ ବଦଳରେ ଯୁବନେତା ଅଜୟ କୁମାର ବେହେରାଙ୍କୁ ପ୍ରାର୍ଥୀ କରିବାକୁ କର୍ମୀମାନେ ଦାବି କରିଥିଲେ। ଜୋନ ସଭାପତି ବସନ୍ତ କୁମାର ମିଶ୍ର, ନଗେନ୍ଦ୍ର କୁମାର ପାତ୍ର, ରାଜନଗର ନିର୍ବାଚନମଣ୍ଡଳୀ ସଂଯୋଜକ ନୀଳମଣି ସାହାଣୀ, ଯୁବନେତା ଟୁଟୁ ରାଉଳ, ବିଭୂତି ପାତ୍ର, ରଶ୍ମିରଞ୍ଜନ ପଟ୍ଟନାୟକ, ମଦନମୋହନ ଜେନା, ଦେବାଶିଷ ରାଉତ, ମଙ୍ଗୁଳି ଚରଣ ମହାନ୍ତି, ପ୍ରମୋଦ ପରିଡା ପ୍ରମୁଖ ଆଗଧାଡିର ନେତା ଓ କର୍ମୀମାନେ ସାମିଲ ହୋଇଥିଲେ। ରାଜ୍ୟ ଯୁବ ଭାଜପା ସଭାପତି ଟଙ୍କପାଣି ତ୍ରିପାଠୀ ଆନ୍ଦୋଳନକାରୀଙ୍କ ଠାରୁ ସେମାନଙ୍କ ଦାବିପତ୍ର ଗ୍ରହଣ କରିଥିଲେ ।

## ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳର ଜରୁରୀ ବୈଠକ

**ପଟ୍ଟାମୁଣ୍ଡାଇ,୨୩।୩ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ପ୍ରଖଣ୍ଡର ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ରାଧାରମଣ ମଠଠାରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱହିନ୍ଦୁ ପରିଷଦ ସଂପାଦକ ପ୍ରତାପଚନ୍ଦ୍ର ପାଢୀ ବୈଠକରେ ଅଧକ୍ଷତା କରିଥିଲେ । ଏଥିରେ ଜିଲା ସଙ୍ଗଠନର ଗୋପୀନାଥ ତ୍ରିପାଠୀ, ପବିତ୍ର ମୋହନ ସ୍ୱାଇଁ ଯୋଗଦେଇ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ବୈଠକରେ ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗ ଦେଇଥିଲେ । ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ସଭାପତି ଦେବାଶିଷ ପଣ୍ଡା, କାର୍ଯ୍ୟକାରୀ ସଭାପତି ଅମ୍ବୁଜ ନାୟକ, ରବୀନ୍ଦ୍ର ମଲିକ, ସମୀର ଦାସ, ସୁଧାଂଶୁ ତ୍ରିପାଠୀ, ଅନୀଲ ଚୌଧୁରୀ, ବିନୋଦ ଦାସ, ରାଜେନ୍ଦ୍ର ଷଡଙ୍ଗୀ, ଅଜିତ ମଲିକ ପ୍ରମୁଖ ଯୋଗଦେଇ ସଙ୍ଗଠନକୁ ସୁଦୃଢ କରିବା ପାଇଁ ଆଲୋଚନା କରିଥିଲେ । ବୈଠକର ନିଷ୍ପତ୍ତି ଅନୁସାରେ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସଙ୍ଗଠନର ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ବିଶ୍ୱାଳ, ସୁଶାନ୍ତ ମଲିକ, ଶିବପ୍ରସାଦ ବିଶ୍ୱାଳ, ପ୍ରଶାନ୍ତ ଜେନା, ହେମନ୍ତ ବିଶ୍ୱାଳ, ବୈକୁଣ୍ଠ ରାଉତଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ । ଶେଷରେ ସମୀର ପାତ୍ର ଧନ୍ୟବାଦ ଦେଇଥିଲେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୪/୨୦୧୯ Bhubaneswar, Sunday, March 24/ 2019

# ବୈଜୟନ୍ତ ଭାଜପାର ଲୋକ ସଭା ପ୍ରାର୍ଥୀ, ଚର୍ଚ୍ଚାରେ ବିଜୟ

**କେନ୍ଦ୍ରାପଡା ଅଫିସ, ୨୩।୩**

କେନ୍ଦ୍ରାପଡା ଲୋକ ସଭା ଆସନ ଓ ଜିଲାର ୫ଟି ବିଧାନସଭା ଆସନ ପାଇଁ ଆସନ୍ତା ଏପ୍ରିଲ ୨୯ରେ ସାଧାରଣ ନିର୍ବାଚନ ହେବ । ଏଥିପାଇଁ ଏପ୍ରିଲ୨ରୁ ୯ ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ ନିମନ୍ତେ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଇତିମଧ୍ୟରେ ଭାଜପାରୁ ବୈଜୟନ୍ତ ପଣ୍ଡା ଲୋକ ସଭା ପ୍ରାର୍ଥୀ ହୋଇଛନ୍ତି। ସେହିପରି ଭାଜପା ଓ କଂଗ୍ରେସ ପକ୍ଷରୁ ଜିଲାର କେତେକ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶିତ ହୋଇଥିବାବେଳେ ବିଜେଡି ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ। ଅପରପକ୍ଷେ ଜିଲାର ଅନ୍ୟତମ ବରିଷ୍ଠ ନେତା ବିଜୟ ମହାପାତ୍ର ନିଜର ରାଜନୈତିକ ପଦକ୍ଷେପ ସ୍ପଷ୍ଟ କରି ନ ଥିବାରୁ ସେ କେଉଁ ଦଳରୁ ଲଢ଼ିବେ ସେ ନେଇ ଚର୍ଚ୍ଚା ଜୋର ଧରିଛି । ତାଙ୍କର କୌଣସି ଏକ ଦଳରେ ଯୋଗଦାନ ପ୍ରତିପକ୍ଷ ଦଳଙ୍କୁ କ୍ଷତି ପହଞ୍ଚାଇବ ବୋଲି ଆଶଙ୍କା କରାଯାଉଛି।

କଂଗ୍ରେସ ପକ୍ଷରୁ କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଗଣେଶ୍ୱର ବେହେରା, ରାଜନଗର ପାଇଁ ଅଂଶୁମାନ ମହାନ୍ତି ଓ ଆଳି ପାଇଁ ଦେବେନ୍ଦ୍ର ଶର୍ମାଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି । ସେହିପରି ଭାଜପା ପକ୍ଷରୁ ରାଜନଗର ନିମନ୍ତେ ଅଲେଖ ଚନ୍ଦ୍ର ଜେନା ଓ ଆଳି ପାଇଁ ଦୋଳ ଗୋବିନ୍ଦ ନାୟକଙ୍କୁ ପ୍ରାର୍ଥୀ କରିବା ଲାଗି ସ୍ଥିର କରାଯାଇଛି । ଶନିବାର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଜିଲାର ପାଟକୁରା ଓ ମହାକାଳପଡା ବିଧାନସଭା କ୍ଷେତ୍ର ପାଇଁ କୌଣସି ରାଜନୈତିକ ଦଳ ସେମାନଙ୍କ ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିଲେ। ସେହିପରି ଭାଜପା ପକ୍ଷରୁ ଏହି ୨ଟି ଆସନ ସହ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ମନୋନୟନ କରାଯାଇନାହିଁ । ଇତିମଧ୍ୟରେ ନିର୍ବାଚନ ପାଇଁ ଘୋଷିତ ପ୍ରାର୍ଥୀମାନେ ନିଜ କ୍ଷେତ୍ରରେ ପ୍ରଚାର ଆରମ୍ଭ କରିଦେଇଛନ୍ତି । ରାଜନୈତିକ ବିଶ୍ଳେଷକ ଅମରବର ବିଶ୍ୱାଳ, ରାଧାକାନ୍ତ ମହାନ୍ତି, ଆଶିଷ କୁମାର ସେନାପତିଙ୍କ କହିବାନୁସାରେ, ଆସନ୍ତା ନିର୍ବାଚନରେ ଆଞ୍ଚଳିକ ସମସ୍ୟାକୁ ଗୁରୁତ୍ୱ ଦିଆଯିବ । ଏଥିସହ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ । ଗତ ସାଧାରଣ ନିର୍ବାଚନରେ ଜିଲାରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହି ନିଜର ସ୍ଥିତି ଜାହିର କରିଥିଲା । ତେବେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭାଜପା ୨ୟ ସ୍ଥାନରେ ରହିଛି । ଏହି ୨ ନିର୍ବାଚନରେ ଜିଲାର ପାଟକୁରାକୁ ଛାଡିଦେଲେ ଅନ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀଗୁଡିକରେ ବିଜେଡି ଭୋଟ ୫ରୁ ୧୦ ପ୍ରତିଶତ ହ୍ରାସ ପାଇଛି। କେନ୍ଦ୍ରାପଡା ଜିଲାର ୩୨ଟି ଜିଲା ପରିଷଦ ଜୋନରୁ ୧୦ଟି ଆସନ ପାଇଁ ଭାଜପା ନିଜର ଉପସ୍ଥିତି ଜାହିର କରିଥିବାବେଳେ କଂଗ୍ରେସ ଏଥିରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଅପରପକ୍ଷରେ ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ଓ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା ନିଜର ଗଡରକ୍ଷା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ସେହିପରି ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଆସନ୍ତା ସାଧାରଣ ନିର୍ବାଚନରେ ଓହ୍ଲାଇ ନିଜର ପୂର୍ବ ଗୌରବକୁ ଫେରାଇ ଆଣିବାକୁ ଚେଷ୍ଟା ଚଳାଇଛନ୍ତି । ଏବେ ଦଳର ଅସନ୍ତୁଷ୍ଟ ନେତାଙ୍କୁ ନିଜ ସପକ୍ଷକୁ ଆଣିବା ବିଭିନ୍ନ ରାଜନୈତିକ ପ୍ରାର୍ଥୀଙ୍କ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି। ଏନେଇ ଜୋରଦାର ରଣନୀତି ପ୍ରସ୍ତୁତି ଚାଲିଥିବା ବେଳେ, ଆଗାମୀ ସମୟ ରାଜନେତାଙ୍କ ପାଇଁ କଠିନ ପରୀକ୍ଷାର ସମୟ ଆସୁଛି ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

## ବେଢ଼ଜାଲରୁ ବଉଳା କୁମ୍ଭୀର ମୃତଦେହ ଉଦ୍ଧାର

**ରାଜନଗର,୨୩।୩(ଡି.ଏନ୍.ଏ.)**



କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଭିତରକନିକା ଜାତୀୟଉଦ୍ୟାନ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀର ଗୁରୁବାର ଏକ ବଉଳା କୁମ୍ଭୀରର ମୃତଦେହ ଉଦ୍ଧାର ହୋଇଛି। ନଦୀର ନଳିତାପାଟିଆ ନିକଟରେ ବସାଯାଇଥିବା ବେଢ଼ ଜାଲ(ମାଛ ଧରିବାରେ ବ୍ୟବହୃତ ଜାଲ)ରେ ପଡ଼ିଯିବାରୁ ତାର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ଏହା ଏକ ମାଈ କୁମ୍ଭୀର ହୋଇଥିବା ବେଳେ ଲମ୍ବ ୮ଫୁଟ ୪ ଇଞ୍ଚ । ମୃତ କୁମ୍ଭୀରର ତଳିପେଟରେ ଏକ କ୍ଷତଚିହ୍ନ ରହିଛି। ବନ ବିଭାଗ ପକ୍ଷରୁ ମୃତ କୁମ୍ଭୀରକୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପରେ ଜାତୀୟ ଉଦ୍ୟାନ ମଧ୍ୟରେ ପୋତି ଦିଆଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ,ବ୍ରାହ୍ମଣୀ ନଦୀର ନଳିତାପାଟିଆ ନିକଟରେ ବେଢ଼ଜାଲ ବସିଥିଲା। ମତ୍ସ୍ୟଜୀବୀମାନେ ଏହାକୁ ଉଠାଇବା ବେଳେ ସେଥିରେ କୁମ୍ଭୀର ଲାଗିଥିବା ଦେଖିବାକୁ ମିଳିଥିଲା। ମତ୍ସ୍ୟଜୀବୀମାନେ ଜାଲରୁ ବାହାର କରିବା ବେଳକୁ ତାର ମୃତ୍ୟୁ ହୋଇସାରିଥିଲା। ସୂଚନାଯୋଗ୍ୟ, ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ନଦୀନାଳରେ ମାଛ ଜାଲ ବସାଯାଇ ବେଆଇନ ଭାବେ ମାଛ ଧରାଯାଉଛି। ବହୁ ସମୟରେ ଏହି ଜାଲରେ ନଦୀନାଳରେ ବସବାସ କରୁଥିବା କୁମ୍ଭୀରଗୁଡିକ ପଡିଯିବାରୁ ସେମାନଙ୍କ ମୃତ୍ୟୁ ଘଟୁଛି।

## ଦାନଗଦୀ ବ୍ଲକ ଅଧ୍ୟକ୍ଷା, ସ୍ୱାମୀ ବିଜେଡିରୁ ନିଲମ୍ବିତ

**କଳିଙ୍ଗନଗର,୨୩।୩(ଡି.ଏନ.ଏ)**

ଦାନଗଦୀ ବ୍ଲକ ଅଧ୍ୟକ୍ଷା ଲୋପାମୁଦ୍ରା ନାୟକ ଓ ତାଙ୍କ ସ୍ୱାମୀ ହଳଧର ନାୟକଙ୍କୁ ଦଳ ବିରୋଧୀ କାର୍ଯ୍ୟ ଯୋଗୁ ଗତ ୨୧ ତାରିଖ ବିଜେଡିରୁ ନିଲମ୍ବନ କରାଯାଇଥିବା ନେଇ ଯାଜପୁର ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର ପ୍ରେସ୍ ଇସ୍ତାହାରରେ ପ୍ରକାଶ କରିଛନ୍ତି। ସେଥିରେ ଉଲ୍ଲେଖ କରାଯାଇଛି ଯେ, ବ୍ଲକ ଅଧ୍ୟକ୍ଷା ନାୟକ ଏବଂ ତାଙ୍କ ସ୍ୱାମୀ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପିସି ନେଉଛନ୍ତି, ଫଳରେ ବ୍ଲକର ଆଦିବାସୀ, ହରିଜନ ଓ ଅବହେଳିତ ଲୋକେ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ଏଥିସହ ବିଜେଡିରେ ଥାଇ ବିରୋଧି ଦଳ ନେତାଙ୍କ ସହ ସମ୍ପର୍କ ରଖି ଦଳରେ ବିବାଦର ସୂତ୍ରପାତ କରିବାକୁ ହୀନ ଉଦ୍ୟମ ମଧ୍ୟ କରୁଛନ୍ତି। ଫଳରେ ଦାନଗଦୀ ବ୍ଲକର ଜନସାଧାରଣଙ୍କ ସହିତ ଦଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଦାନଗଦୀ ବ୍ଲକ ଅଧ୍ୟକ୍ଷା ଓ ତାଙ୍କ ସ୍ୱାମୀଙ୍କୁ ଦଳରୁ ନିଲମ୍ବନ କରାଯାଇଛି ବୋଲି ପ୍ରେସ ଇସ୍ତେହାରରେ ଜିଲା ବିଜେଡି ସଭାପତି ଦର୍ଶାଇଛନ୍ତି। ଏ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷା ନାୟକଙ୍କୁ ପଚାରିବାରୁ, ସେ ସ୍ୱାଧୀନ ଭାବେ ଯଖପୁରା ପଞ୍ଚାୟତରେ ସମିତିସଭ୍ୟା ଭାବେ ନିର୍ବାଚନ ଜିତି ବ୍ଲକ ଅଧ୍ୟକ୍ଷା ହୋଇଛନ୍ତି। ସେ ବିଜେଡିର ପ୍ରାଥମିକ ସଦସ୍ୟା ନ ଥିବାବେଳେ ତାଙ୍କୁ ଦଳରୁ କିପରି ନିଲମ୍ବନ କରାଗଲା ବୋଲି ପ୍ରଶ୍ନ କରିଛନ୍ତି। ଏହା ସହିତ ସେ ଆହୁରି ମଧ୍ୟ କହିଛନ୍ତି ଯେ, ବିଧାୟକ ପ୍ରତ୍ୟେକ ବ୍ଲକ କାମରେ ହସ୍ତକ୍ଷେପ କରୁଥିବାରୁ ସେ ମାନସିକ ଚିନ୍ତାରେ ରହୁଥିଲେ। ଏ ସମ୍ପର୍କରେ ସେ ଜିଲାପାଳଙ୍କୁ ମଧ୍ୟ ଜଣାଇଥିଲେ ବୋଲି କହିଛନ୍ତି।

## ଖରସ୍ରୋତାରେ ଭାସିଯାଇ ଯୁବକ ମୃତ

**ରସୁଲପୁର,୨୩।୩(ଡି.ଏନ.ଏ.)**

ଯାଜପୁର ବ୍ଲକ ଅନ୍ତର୍ଗତ ଜଇପୁର ଗ୍ରାମର ଯୁବକ ନିରଞ୍ଜନ ପାରମାଣିକ(୨୦) ଶୁକ୍ରବାର ଖରସ୍ରୋତା ନଦୀରେ ବୁଡିଯାଇ ପ୍ରାଣ ହରାଇଛନ୍ତି। ହୋଲିରେ ରଙ୍ଗ ଖେଳି ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ଗଭୀର ଜଳକୁ ନିରଞ୍ଜନଙ୍କ ଗୋଡ ଖସିଯିବାରୁ ସେ ନିଖୋଜ ହୋଇଯାଇଥିଲେ। ଯାଜପୁର ଓ ରସୁଲପୁର ଦମକଳ ବାହିନୀ ବହୁ ଖୋଜାଖୋଜି କରିବାପରେ ନିରଞ୍ଜନଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ଘଟଣା ସ୍ଥଳରେ ଯାଜପୁର ସଦର ଥାନା ଅଧିକାରୀ ଓ ଯାଜପୁର ବିଡିଓ ପହଞ୍ଚି ଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ଏନେଇ ପୋଲିସ ଥାନାରେ ଏକ ଅପମୃତ୍ୟୁମାମଲା(ନଂ.୦୨/୧୯)ରୁଜୁକରିଛି।

## ମା’ ହେଲେ ନାବାଳିକା, ପ୍ରେମିକ ଫେରାର

### ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା

**ଚଣ୍ଡିଖୋଲ,୨୩।୩ (ଡି.ଏନ.ଏ.)**

ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଗର୍ଭବତୀ କରିବା ପରେ ପ୍ରେମିକ ଫେରାର ହୋଇଯାଇଥିଲେ। ଗତ ୧୫ ଦିନ ତଳେ ସମ୍ପୃକ୍ତ ନାବାଳିକା କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଅଭିଯୋଗରେ ନାବାଳିକା ଜଣକ ବୁଧବାର ମାନବାଧିକାର କମିଶନ (ଭୁବନେଶ୍ୱର)ଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ପାଇଁ ଦାବି କରିଛନ୍ତି।

ପ୍ରକାଶ ଯେ, ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କର ଉକ୍ତ ଥାନା ଅନ୍ତର୍ଗତ ଅଚ୍ୟୁତବସନ୍ତ ଗ୍ରାମର ରାଜା ଦଳେଇ (୨୬)ଙ୍କ ସହ ପ୍ରେମ ସମ୍ପର୍କ ଥିଲା। ପରେ ୨୦୧୮ ଅଗଷ୍ଟରେ ରାଜା ନାବାଳିକାଙ୍କୁ ଭୁବନେଶ୍ୱର ନେଇଯାଇଥିଲେ। ସେଠାରେ ୨ ଦିନ ରହିବା ପରେ ଧର୍ମଶାଳା ଥାନା ଅନ୍ତର୍ଗତ ଗଡ଼ମଧୁପୁର ନିକଟ ପନ୍ତୁରି ଗ୍ରାମରେ ଏକ ଭଡ଼ାଘରେ ରହୁଥିଲେ। ପରେ ବିବାହ ପ୍ରତିଶ୍ରୁତି ଦେଇ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ଗର୍ଭବତୀ ହେବାରୁ ରାଜା ତାଙ୍କୁ ଗର୍ଭପାତ କରିବା ପାଇଁ ବାଧ କରିଥିଲେ। ନାବାଳିକା ଏଥିରେ ରାଜିନ ହେବାରୁ ରାଜା ତାଙ୍କୁ କିରୋସିନ ଢାଳି ପୋଡ଼ିଦେବାକୁ ଧମକ ଦେଇଥିଲେ। ଏ ନେଇ ୨୦୧୮ ଅକ୍ଟୋବର ୪ ତାରିଖରେ ନାବାଳିକା ଜଣକ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନାବାଳିକାଙ୍କୁ ନେଇ ତାଙ୍କ ଶାଶୁ ଘର ଅଚ୍ୟୁତବସନ୍ତ ଗ୍ରାମରେ ଛାଡ଼ିଥିଲା। ସେଠାରେ ଶାଶୁ ଓ ଶ୍ୱଶୁର ମାରଧର କରିବାରୁ ସେ ତାଙ୍କ ବାପ ଘରକୁ ପଳାଇ ଆସିଥିଲେ। ଗତ ୧୫ ଦିନ ତଳେ ସମ୍ପୃକ୍ତ ନାବାଳିକା ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିବା ବେଳେ ପ୍ରେମିକ ଫେରାର ଅଛନ୍ତି। ନାବାଳିକା ନ୍ୟାୟ ପାଇଁ ଥାନାକୁ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ମାନବାଧିକାର କମିଶନ (ଭୁବନେଶ୍ୱର)ଙ୍କ ଦ୍ୱାରସ୍ଥ ହେବା ସହ ତୁରନ୍ତ ନ୍ୟାୟ ମିଳିବାକୁ ସେ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ବାଲିଚନ୍ଦ୍ରପୁର ଥାନାଧିକାରୀ ସୁକାନ୍ତ କୁମାର ପାତ୍ରଙ୍କୁ ପଚାରିବାରୁ, ସେ ନୂଆ ଆସିଛନ୍ତି। ଘଟଣା ସମ୍ପର୍କରେ କିଛି ଜାଣିନାହାନ୍ତି। ସମ୍ପୂର୍ଣ୍ଣ ଘଟଣା ଜାଣିବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।




## ୩ ଲୁଟେରା ଗିରଫ

**ଯାଜପୁରରୋଡ,୨୩।୩(ନି.ପ୍ର.)**

ଯାଜପୁରରୋଡ ପୋଲିସ ଶୁକ୍ରବାର ୩ ଲୁଟେରାଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ସୌମ୍ୟକାନ୍ତ ତ୍ରିପାଠୀ, ସନ୍ତୋଷ ନାୟକ, ଶ୍ରୀକାନ୍ତ ସ୍ୱାଇଁ। ପୋଲିସ ତାଙ୍କଠାରୁ ୨ ମୋଟରସାଇକେଲ୍, ଟଙ୍କା ଓ ୪ ମୋବାଇଲ ଜବତ କରିଛି। ଯାଜପୁରରୋଡ ପୋଲିସ ଏକ ମାମଲା (ନଂ.୫୬/୧୯) ରୁଜୁ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୧୨ ତାରିଖ ରାତିରେ ସୁଶାନ୍ତ କୁମାର ସାହୁ ରାଛିପୁର-ଭିକିପୁର ରାସ୍ତାରେ ଯାଉଥିବା ବେଳେ ଉକ୍ତ ୩ ଲୁଟେରା ତାଙ୍କୁ ମାରଣାସ୍ତ୍ର ଦେଖାଇ ମୋଟରସାଇକେଲ, ମୋବାଇଲ ଓ ୫୦୦୦ ଟଙ୍କା ଲୁଟି ନେଇଥିଲେ। ସୁଶାନ୍ତ ୧୪ ତାରିଖରେ ଯାଜପୁରରୋଡ ଥାନାରେ ଅଭିଯୋଗ କରିଥିଲେ।

### ■ ନାବାଳିକାଙ୍କୁ ଅପହରଣ ପରେ ବିବାହ ଅଭିଯୋଗ

## ଜେଲ ଗଲେ ଯୁବକ

**ଦଶରଥପୁର,୨୩।୩(ଡି.ଏନ.ଏ.)**

ନାବାଳିକାଙ୍କୁ ଅପହରଣ ପରେ ବିବାହ କରିବା ଅଭିଯୋଗରେ ମଙ୍ଗଳପୁର ପୋଲିସ ଗୁରୁବାର ଜଣେ ଯୁବକଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ବିଞ୍ଝାରପୁର ଥାନା ଅନ୍ତର୍ଗତ କପିଳା ପଞ୍ଚାୟତ କପିଳା ଗ୍ରାମର ନାରାୟଣ ମଲ୍ଲିକ (୨୩)। ଏ ନେଇ ପୋଲିସ ଏକ ମାମଲା (ନଂ.୫୫/୧୯) ରୁଜୁ କରି ବୁଧବାର ରାତିରେ ନାରାୟଣଙ୍କୁ ଗିରଫ କରିଥିଲା। ପରେ ପୋଲିସ୍ ନାବାଳିକାଙ୍କ ବୟାନ ରେକର୍ଡ କରିବା ସହ ଉଭୟଙ୍କ ଡାକ୍ତରୀମାଇନା କରିବା ପରେ ନାବାଳିକାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରିଥିଲା। ଜାମିନ୍ ନାମଞ୍ଜୁର ନାରାୟଣ ଜେଲ୍ ଯାଇଥିବା ମଙ୍ଗଳପୁର ଥାନାଧିକାରୀ ଅସିତ୍ ମହାନ୍ତି କହିଛନ୍ତି। ପ୍ରକାଶ ଯେ, ଗତ ୧୩ ତାରିଖରେ ଦଶରଥପୁର ବ୍ଲକ୍ ମଙ୍ଗଳପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ନାରାୟଣ ଅପହରଣ କରିନେଇଥିଲେ। ପରେ ନାରାୟଣ ସମ୍ପୃକ୍ତ ନାବାଳିକାଙ୍କୁ ଏକ ମନ୍ଦିରରେ ବିବାହ କରିଥିଲେ। ନାରାୟଣ ନାବାଳିକାଙ୍କୁ ଅପହରଣ କରି ବିବାହ କରିଥିବା ନେଇ ପୀଡ଼ିତାଙ୍କ ବାପା ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅପହୃତାଙ୍କର ପ୍ରାପ୍ତ ବୟସ ହୋଇଛି କି ନାହିଁ, ସେ ସମ୍ପର୍କରେ ଜାଣିବା ପାଇଁ ପୋଲିସ ନାବାଳିକା ଜରକ ପଢୁଥିବା ବିଦ୍ୟାଳୟକୁ ଯାଇ କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଅପହୃତା ଜଣକ ନାବାଳିକା ବୋଲି ଜାଣିବାକୁ ପାଇଥିଲେ।



For a test drive, SMS 'KWID' to 53030 or call on 1800 300 44444 (Open from Monday to Sunday 7:00 am -11:00 pm). Also available in CSD. Special offers for Defence Personnel, Government, PSU and Corporate employees.
*Terms and conditions apply. #Price mentioned is for the base variant for ex-showroom Bhubaneswar and is exclusive of local taxes. Offers may vary across variants and cities. Benefits are applicable only on select variants of 2019 manufacturing. Additional offers available on select stocks only. The abovementioned offers are valid till 31st March, 2019. *** 0% Rate of Interest is calculated on a loan amount of ₹2,05,312 for a tenure of 18 months. Rate of interest may vary based on loan amount and tenure. Finance at the sole discretion of Renault Finance. **Warranty of 4 years include (Manufacturer Warranty of 2 Years or 50,000 km + Extended Warranty of 2 Years or 50,000 km). For detailed offers, visit www.renault.co.in/offers. Accessories, features, colours shown may not be part of the standard fitment and will differ variant-wise. Renault India Pvt. Ltd. reserves the right to change or cancel the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India, and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in
SHOWROOMS: ODISHA: BHUBANESWAR: RENAULT Bhubaneswar North Mob: +91 9643800532, RENAULT Bhubaneswar Mob: +91 8860076082. BALANGIR: RENAULT Balangir Mob: +91 9643800378. JHARSUGUDA: RENAULT Jharsuguda Mob: +917290055349. ROURKELA: RENAULT Rourkela Mob: + 91 8860875802, + 91 9778845542. SAMBALPUR: RENAULT Sambalpur Mob: +91 8860048351.
L&K | SAATCHI & SAATCHI



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୪ ମାର୍ଚ୍ଚ, ୨୦୧୯

ବୁନ୍ଦାଏ ବିଷ ଯେପରି ହାଣ୍ଡିଏ କ୍ଷୀରକୁ ନଷ୍ଟ କରିଦିଏ, ସେହିପରି ଟିକିଏ ମିଛ କହିବା ଦ୍ୱାରା ସାରାଜୀବନ ନଷ୍ଟ ହୋଇଯାଏ।
- ମହାତ୍ମା ଗାନ୍ଧୀ



# ଆଜି ନୟାଗଡ଼ ଆସୁଛନ୍ତି ମୁଖ୍ୟମନ୍ତ୍ରୀ

**ନୟାଗଡ଼ ଅଫିସ, ୨୩।୩**

୨ ବର୍ଷ ୩ ମାସର ବ୍ୟବଧାନ ପରେ ରବିବାର ନୟାଗଡ଼ ଜିଲା ଗସ୍ତ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଶାଳ କର୍ମୀ ସମାବେଶ ତଥା ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମରେ ଯୋଗଦେଇ ଉଦ୍‌ବୋଧନ ଦେବେ ମୁଖ୍ୟମନ୍ତ୍ରୀ । ଜିଲାରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖିବେ ବୋଲି ଆଲୋଚନା ହେଉଛି। ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହେଲା ପରେ ମୁଖ୍ୟମନ୍ତ୍ରୀଙ୍କ ଏହା ପ୍ରଥମ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମ। ସେ ଦୃଷ୍ଟିରୁ ଦଳୀୟ ପ୍ରଚାର ପ୍ରସାର ପାଇଁ ତାଙ୍କ ଅଭିଭାଷଣ ଗୁରୁତ୍ୱ ବହନ କରିବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଯୋଗୁ ଜିଲା ବିଜେଡିର କର୍ମୀ ଓ ନେତାଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି । ଜିଲାର ୪ଟି ନିର୍ବାଚନମଣ୍ଡଳୀରୁ ନେତା ଓ କର୍ମୀମାନେ ସମାବେଶରେ ଯୋଗଦେବେ ବୋଲି ସୂଚନା ମିଳିଛି। ବିଶେଷ କରି ନୟାଗଡ଼ ନିର୍ବାଚନମଣ୍ଡଳୀର ନେତାମାନେ ସଭାସ୍ଥଳ ପରିଦର୍ଶନ କରି ବ୍ୟବସ୍ଥା ଉପରେ ଟିକ୍‌ନିଖି ଖବର ବୁଝୁଛନ୍ତି। ସମାବେଶ କିପରି ସଫଳ


ସଭାସ୍ଥଳ ପ୍ରସ୍ତୁତ ସମୟରେ କର୍ମୀମାନେ ତଦାରଖ କରୁଛନ୍ତି।

- ଦଳୀୟ ସମାବେଶରେ ଉଦ୍‌ବୋଧନ ଦେବେ
- ଜିଲା ବିଜେଡିରେ ଉତ୍ସାହ
- ୭ ପ୍ଲାଟୁନ୍ ଫୋର୍ସ ମୁତୟନ

ହେବ ସେଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନୟାଗଡ଼ ସହରର ଷ୍ଟାଡିୟମ ଠାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ୩୦ ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେବେ ବୋଲି ସୂଚନା ମିଳିଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହିତ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୭ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଏସ୍‌ପି ଶଶିଭୂଷଣ ଶତପଥୀ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟା ୩୦ରେ ଭୁବନେଶ୍ୱରରୁ ହେଲିକପ୍ଟର ଯୋଗେ ଆସି ୧୧ଟା ୫୦ରେ ନୟାଗଡ଼ ଷ୍ଟାଡିୟମଠାରେ ପହଞ୍ଚିବେ। ଏହା ପରେ ମଧ୍ୟାହ୍ନ ୧୨ଟା ୩୦ରେ ଭୁବନେଶ୍ୱରକୁ ଫେରିଯିବେ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୩ ଡିସେମ୍ବର ୨୦୧୬ରେ ନୟାଗଡ଼ ଜିଲାକୁ ଗସ୍ତ କରି ପିଟିଏସ୍ ପଡ଼ିଆଠାରେ ଅନୁଷ୍ଠିତ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ବାଇକ୍ ଦୁର୍ଘଟଣା: ୨ ଯୁବକ ଗୁରୁତର

**ନୂଆଗାଁ, ୨୩।୩ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ଥାନା ନୂଆଗାଁ ବ୍ଲକ ଛକ ନିକଟରେ ଶୁକ୍ରବାର ଏକ ବାଇକ୍ ଦୁର୍ଘଟଣାରେ ୨ ଯୁବକ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେମାନେ ହେଲେ ନୂଆଗାଁର ଲକ୍ଷ୍ମୀଧର ରାଓଙ୍କ ନାତି ପପୁ ରାଓ ଓ ମହୀପୁର ଗ୍ରାମର ଶୁଭରଞ୍ଜନ ଦାସ (କାହ୍ନା)। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ଯୁବକଦ୍ୱୟ ହୋଲି ଖେଳୁଥିବା ବେଳେ ଅତ୍ୟଧିକ ମଦ୍ୟପାନ କରି ବାଇକ୍ ଯୋଗେ ଏଣେତେଣେ ବୁଲୁଥିଲେ। ଅଧିକ ନିଶା ହୋଇଯାଇଥିବାରୁ ସେମାନେ ବ୍ଲକ ଛକ ପାଖ ରାଜରାସ୍ତା କଡରେ ଥିବା ଡ୍ରେନରେ ବାଇକ୍ ଧକ୍କା କରିଥିଲେ। ଫଳରେ ଉଭୟେ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ନୂଆଗାଁ ଦମକଳବାହିନୀ ଉଭୟଙ୍କୁ ଉଦ୍ଧାର କରି ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ କାହ୍ନାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।


ଗୁରୁତର କାହ୍ନା।

## ସଂକ୍ଷେପରେ

### ନୀଳମାଧବ ଜୀଉଙ୍କ ଚନ୍ଦନ ଲାଗି ଆରମ୍ଭ



**ଖଣ୍ଡପଡା, ୨୩।୩(ସ୍ୱ.ପ୍ର.):** ଜଗନ୍ନାଥ ସଂସ୍କୃତିର ଆଦି ଦେବତା କଣ୍ଟିଲୋସ୍ଥିତ ଶ୍ରୀନୀଳମାଧବ ଜୀଉଙ୍କ ସର୍ବାଙ୍ଗ ଚନ୍ଦନ ଲାଗି ବେଶ ଗୁରୁବାର ଦୋଳ ପୂର୍ଣ୍ଣମୀଠାରୁ ଆରମ୍ଭ ହୋଇଛି। ମାନବ ସମାଜ ଉପରେ ଋତୁଚକ୍ରର ଯେପରି ପ୍ରଭାବ ପଡ଼ିଥାଏ ସେହିପରି ଦେବଦେବୀଙ୍କ ପାଇଁ ଋତୁ ଅନୁସାରେ ବିଭିନ୍ନ ନୀତିର ବ୍ୟବସ୍ଥା ହୋଇଥାଏ। ଶ୍ରୀନୀଳମାଧବ ଜୀଉ ମାର୍ଗଶିର ମାସ ଷଷ୍ଠୀଠାରୁ ଶୀତରୁ ରକ୍ଷା ପାଇବା ପାଇଁ ଶ୍ରୀପଞ୍ଚମୀ ପର୍ଯ୍ୟନ୍ତ ଓଢ଼ଣ ଲାଗି ବେଶ ଓ ଶ୍ରୀପଞ୍ଚମୀଠାରୁ ଦୋଳ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଜାମାଲାଗି ବେଶ ହୋଇଥାନ୍ତି। ତେବେ ଦୋଳ ପୂର୍ଣ୍ଣମୀଠାରୁ ଗ୍ରୀଷ୍ମ ଅନୁଭୂତ ହେଉଥିବାରୁ ଶ୍ରୀଜୀଉମାନଙ୍କୁ ଗ୍ରୀଷ୍ମତାପରୁ ରକ୍ଷା ପାଇବା ପାଇଁ ସର୍ବାଙ୍ଗ ଚନ୍ଦନ ଲାଗି କରାଯାଇଥାଏ। ଗୁରୁବାର ଦୋଳ ପୂର୍ଣ୍ଣମୀ ଅବସରରେ ମନ୍ଦିର ପ୍ରଶାସନ ପକ୍ଷରୁ ସନ୍ଧ୍ୟାରେ ଠାକୁରଙ୍କୁ ଚନ୍ଦନଲାଗି ତଥା ସର୍ବାଙ୍ଗ ବେଶ କରାଯାଇଥିଲା। ଏହି ବେଶ ଦର୍ଶନ ପାଇଁ ଶତାଧିକ ଶ୍ରଦ୍ଧାଳୁ ସମାଗମ ହୋଇଥିଲେ।

### ରଣପୁରରେ ହୋଲି ପର୍ବ

**ରଣପୁର, ୨୩।୩(ସ୍ୱ.ପ୍ର.):** ରଣପୁର ଓ ଏହାର ଆଖପାଖ ସୁନାଖଳା, ଗୋପାଳପୁର, ଚାନ୍ଦପୁର, ଦର୍ପନାରାୟଣପୁର ଅଞ୍ଚଳରେ ଶୁକ୍ରବାର ଭାଇଚାରାର ପର୍ବ ହୋଲି ପାଳିତ ହୋଇଯାଇଛି। ସକାଳୁ ସକାଳୁ ଯୁବକ, ବୃଦ୍ଧ, ମହିଳା ଓ ପିଲାମାନେ ପରସ୍ପରକୁ ରଙ୍ଗମାରି ଏହି ପର୍ବ ପାଳନ କରିଥିଲେ। କେତେକ ସ୍ଥାନରେ ବାଦ୍ୟଯନ୍ତ୍ର ତାଳେ ତାଳେ ପିଲାମାନେ ନାଚି ନାଚି ରଙ୍ଗ ବୋଳି ହୋଇଥିଲେ। ରଣପୁର ଉପକାରାଗାରରେ ରହୁଥିବା କଏଦୀମାନେ ଜେଲ ପରିସରରେ ହୋଲି ପର୍ବ ପାଳନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ରଣପୁର ପୋଲିସ ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

### ଜଳିଗଲା ୩ ବଖରା



**ଦଶପଲ୍ଲା, ୨୩।୩(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ ମଧଖଣ୍ଡ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ନିକଟରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୩ ବଖରା ପୋଡି ପାଉଁଶ ହୋଇଯାଇଛି। ଉପେନ୍ଦ୍ର ରଣା, ରମେଶ ରଣା ଓ ଦୀନବନ୍ଧୁ ରଣାଙ୍କର ଘର ପୋଡ଼ିଯାଇଥିବା ସ୍ଥାନୀୟ ଅଗ୍ନିଶମ ବିଭାଗ ସୂତ୍ରରୁ ଜଣାପଡିଛି। ଅଗ୍ନିବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ନୀଳମାଧବ ଜୀଉଙ୍କ ଦୋଳ ଉତ୍ସବ ଓ ମେଣ୍ଢାଶାଳ ପୋଡ଼ି

**ଖଣ୍ଡପଡା, ୨୩।୩(ସ୍ୱ.ପ୍ର.):** କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ଅନ୍ୟାନ୍ୟ ପର୍ବ ପର୍ବାଣି ଭଳି ଦୋଳ ଓ ମେଣ୍ଢାଶାଳ ପୋଡି ଅନ୍ୟତମ । ଫାଲ୍‌ଗୁନ ଦଶମୀ ବା ଫଗୁ ଦଶମୀଠାରୁ ଶ୍ରୀଜୀଉଙ୍କ ଦୋଳ ଉତ୍ସବ ଆରମ୍ଭ ହୋଇଥାଏ। ବୁଧବାର ସନ୍ଧ୍ୟାରେ ଠାକୁରଙ୍କ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ ସିଂହଦ୍ୱାରସ୍ଥିତ ଦୋଳବେଦିକୁ ହାନ୍ଦୋଳାରେ ବିଜେ କରାଇ ପୂଜାର୍ଚ୍ଚନା ପରେ ଫଗୁ ଖେଳ ନୀତି ହୋଇଥିଲା। ଏହାପରେ ଦୋଳବେଦି ନିକଟରେ ଦେବୋତ୍ତର ବିଭାଗ ଦ୍ୱାରା ନିର୍ମିତ ଏକ ଚାଳଘରକୁ ଅଗ୍ନି ସଂଯୋଗ କରାଯାଇଥିଲା। ଏହି ସମୟରେ ଶ୍ରୀ ଜୀଉଙ୍କୁ ପୋଡିଯାଉଥିବା ଗୃହ ଚତୁଃପାର୍ଶ୍ୱରେ ୭ଥର ପରିକ୍ରମା କରାଯାଇଥିଲା। ପରେ ଠାକୁର ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପୁରାଣ ତଥା ଲୋକକଥା ଅନୁଯାୟୀ ମେଷାସୁର (ମେଣ୍ଢାସୁର)ର ଅତ୍ୟାଚାରରୁ ଲୋକମାନଙ୍କୁ ରକ୍ଷା କରିବା ପାଇଁ ଶ୍ରୀକୃଷ୍ଣ ତା'ର ମୁଖ୍ୟ ଗହ୍ୱର ମଧ୍ୟକୁ ପ୍ରବେଶ କରି ବଧ କରିଥିଲେ । ଏହି ସମୟରେ ଶ୍ରୀକୃଷ୍ଣଙ୍କ ଅଙ୍ଗରେ ଲାଗିଥିବା ରକ୍ତ ଛିଟାକୁ ଭୂମିରେ ପଡିବାକୁ ନ ଦେଇ ଗୋପାଙ୍ଗନାମାନେ ଶ୍ରୀକୃଷ୍ଣଙ୍କ ଦେହରେ ଫଗୁ ବା ଅବିର ବୋଳି ଦେଇଥିଲେ। ଅତ୍ୟାଚାରୀର ବଧ ପରେ ଗୋପାଙ୍ଗନାମାନେ ଆନନ୍ଦରେ ବିହ୍ୱଳିତ ହୋଇ ଅସୁରର ଗୃହକୁ ପୋଡିଦେଇଥିଲେ। ଏହାକୁ ମେଣ୍ଢାଶାଳ ପୋଡି କୁହାଯାଏ ।

■ ରଣପୁରରେ ଭିନ୍ନ ଏକ ପଞ୍ଚୁଦୋଳ ଯାତ୍ରା

# ସିଂହଦ୍ୱାରରୁ ମେଳନ ପଡ଼ିଆ


ମେଳନ ପଡ଼ିଆରେ ଦୋଳ ଠାକୁର।

**ରଣପୁର, ୨୩।୩(ସ୍ୱ.ପ୍ର.)**

ଫଗୁଣ ମାସ ଦୋଳ ପୂର୍ଣ୍ଣିମାର ୫ଦିନ ପରେ ଅନୁଷ୍ଠିତ ହୋଇଥାଏ ରଣପୁରର ପଞ୍ଚୁଦୋଳ ଯାତ୍ରା। ଅଧିଷ୍ଠାତ୍ରୀ ଦେବୀ ମା' ମଣିନାଗ ଓ ପଞ୍ଚ ମହାଦେବଙ୍କ ଚଳନ୍ତି ପ୍ରତିମାଙ୍କ ନେତୃତ୍ୱରେ ୧୦୮ ଠାକୁରଙ୍କ ମେଳନ ହୋଇଥାଏ ପଞ୍ଚୁଦୋଳ ମେଳନ ପଡିଆରେ। ରଣପୁର ସିଂହଦ୍ୱାରଠାରୁ ଏ ନେଇ ଏକ ବିରାଟ ଆଟୋପ ଶୋଭାଯାତ୍ରା ବାହାରେ ମେଳନ ପଡିଆକୁ। ଶୋଭାଯାତ୍ରା ଆଗରେ ଘୋଡାନାଚ, ଅସୁର, କଳା ଘୋଡା, ସାପ ସାପୁଆଣି, ନାଗାନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଉପଭୋଗ୍ୟ ହୋଇଥାଏ । ରାତ୍ର ପ୍ରାୟ ୧୧ଟାରେ ଶୋଭାଯାତ୍ରା ଆରମ୍ଭ ହୁଏ । ରଣପୁର ସହର ପରିକ୍ରମା କରି ମେଳନ ପଡିଆରେ ଶୋଭାଯାତ୍ରା ପହଞ୍ଚିଲା ବେଳକୁ ପ୍ରାୟ ସକାଳ ହୋଇଯାଇଥାଏ। ମେଳନ ପଡିଆରେ ଥିବା ୧୦୮ ମଣ୍ଡପରେ ୧୦୮ ଅଞ୍ଚଳରୁ ଆସିଥିବା ଠାକୁରମାନଙ୍କ ଚଳନ୍ତିପ୍ରତିମା ଆସିନ ହୋଇଥାନ୍ତି। ପଞ୍ଚୁଦୋଳ ଯାତ୍ରା ପାଇଁ ମେଳନ ପଡିଆ ସହିତ ରଣପୁର ରାଜରାସ୍ତାରେ ବସେ ଅସ୍ଥାୟୀ ଦୋକାନ ବଜାର । ଚଳନ୍ତି ପ୍ରତିମାମାନେ ମଣ୍ଡପରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରହିଥାନ୍ତି। ସେ ସମୟରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିବା ସହିତ ଫଗୁ ଖେଳିଥାନ୍ତି। ପରେ ସମସ୍ତ ଠାକୁର ଦୋଳବିମାନରେ ମେଳନ ପଡିଆରୁ ସିଂହଦ୍ୱାର ଅଭିମୁଖେ ବାହାରିଥାନ୍ତି। ଏହାକୁ ଦେଖିବା ପାଇଁ ହଜାର ହଜାର ସଂଖ୍ୟକ ଲୋକ ରୁଣ୍ଡ ହୋଇଥାନ୍ତି। ଶୋଭାଯାତ୍ରା ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଠାକୁରମାନେ ନିଜ ନିଜ ଆସ୍ଥାନକୁ ବାହୁଡ଼ି ଯାଇଥାନ୍ତି। ଏହି ଯାତ୍ରା କାହିଁ କେଉଁ କାଳରୁ ଏଠାରେ ପାଳିତ ହୋଇଆସୁଛି । ସାଂସ୍କୃତିକ ଭାବନା ଉଦ୍ରେକ ସାଙ୍ଗକୁ ପରସ୍ପର ମଧ୍ୟରେ ଭାଇଚାରା ଭାବ ପ୍ରତିଷ୍ଠା କରିବା ଏହି ଯାତ୍ରାର ଲକ୍ଷ୍ୟ। ନୟାଗଡ଼ ଜିଲା ସମେତ କାସମାଳ, ବୋଲଗଡ଼, ଟାଙ୍ଗୀ, ଜଙ୍କିଆ, ଖୋର୍ଦ୍ଧା ଅଞ୍ଚଳରୁ ଲୋକେ ବହୁ ସଂଖ୍ୟାରେ ଆସି ଏହି ଯାତ୍ରାରେ ନିଜକୁ ହଜାଇ ଦେଇଥାନ୍ତି। ପୂର୍ବରୁ ପଞ୍ଚାୟତ ଦ୍ୱାରା କମିଟି ଗଠନ କରାଯାଇ ଯାତ୍ରା ଅନୁଷ୍ଠିତ ହେଉଥିଲା । ୩ବର୍ଷ ହେଲା ରଣପୁର ଏନ୍‌ଏସି ପକ୍ଷରୁ ଯାତ୍ରା ପାଳିତ ହୋଇଆସୁଛି। ସେ ସମୟରେ ବାଣ, ରୋସଣି, କଳା ଘୋଡା ଓ ମଶାଲ ଶୋଭାଯାତ୍ରା ଦେଖିବାକୁ ଲୋକେ ଦୂରଦୂରାନ୍ତରୁ ଧାଇଁ ଆସୁଥିଲେ । ମାତ୍ର ଏବେ ମଶାଲ ପରିବର୍ତ୍ତେ ଆଲୋକ ସାଜସଜା ଓ କିନ୍ନରମାନଙ୍କ ନାଚ ଦେଖିବାକୁ ମିଳୁଛି । ଏହା ଦ୍ୱାରା ଯାତ୍ରାର ମାନ କମିବାରେ ଲାଗିଛି ବୋଲି କିଛି ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।

■ ଦୋଳ ମଣ୍ଡପରେ ନୂତନ ପାଞ୍ଜି ପଠନ

# ବନ୍ୟା, ବାତ୍ୟା, ଭୂକମ୍ପ ମାତ୍ରା ଅଧିକ ରହିବ

**ଖଣ୍ଡପଡା, ୨୩।୩(ସ୍ୱ.ପ୍ର.)**

ଗୁରୁବାର ଦୋଳ ପୂର୍ଣ୍ଣମୀ ଅବସରରେ ଶ୍ରୀ ନୀଳମାଧବ ଜୀଉଙ୍କ ସିଂହଦ୍ୱାରସ୍ଥିତ ଦୋଳ ମଣ୍ଡପକୁ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ହାନ୍ଦୋଳାରେ ବିଜେ କରାଯାଇଥିଲା । ଦୋଳ ମଣ୍ଡପ ପରିସରରେ ପୂଜକ ସମାଜ ପକ୍ଷରୁ ଆରମ୍ଭ ହୋଇଥିବା ଅନନ୍ତମୁଖୀ ଯଜ୍ଞପରେ ଗ୍ରାମବାସୀ ଆଣିଥିବା ଚଣା, ଖଜା, ଆମ୍ବ ସହ ଫଳ ପୁଷ୍ପକୁ ଠାକୁରଙ୍କ ପାଖରେ ପୂଜାର୍ଚ୍ଚନା କରାଯାଇଥିଲା। ଠାକୁରଙ୍କୁ ଅବିର ପ୍ରଲେପ ଦେବା ସହ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ପୂଜକମାନେ ଅବିର ଲଗାଇଥିଲେ। ଏହାପରେ ଠାକୁରଙ୍କ ପାଖରେ ଚଳିତବର୍ଷର ନୂତନ ପାଞ୍ଜି ପୂଜା କରାଯାଇ ଶ୍ରୀ ଜୀଉଙ୍କ ଜ୍ୟୋତିଷ ସନ୍ତୋଷ କୁମାର ଶିରୋମଣି ୨୦୧୯-୨୦ର ପାଞ୍ଜି ପଠନ କରି ୩୬୫ ଦିନର ଶୁଭାଶୁଭ ଫଳ ଓ ପର୍ବପର୍ବାଣି ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରଚଳିତ ମହାମହୋପାଧ୍ୟାୟ ପଠାଣି ସାମନ୍ତଙ୍କ ପଞ୍ଜିକାନୁସାରେ ଚଳିତବର୍ଷ ଦେଶରେ ବନ୍ୟା, ବାତ୍ୟା, ଝଡ ତୋଫାନ, ଭୂକମ୍ପ ଓ ଅଂଶୁଘାତ ମାତ୍ରା ଅଧିକ ରହିବ । ୮୦ଦିନ ପାଳକ ରହିବ । ଅଗଷ୍ଟରୁ ଡ଼ିସେମ୍ବର ମଧ୍ୟରେ ପଞ୍ଚଗ୍ରହ କୂଟ, ଆକସ୍ମିକ ଝଡବାତ୍ୟା, ଦୁର୍ଘଟଣା ସହିତ ଦରଦାମ୍ ବୃଦ୍ଧି ଘଟିବ । ଆଷାଢ଼, କାର୍ତ୍ତିକ ଓ ଫାଲଗୁନ ଯଥାକ୍ରମେ ଜୁଲାଇ ୧୧, ନଭେମ୍ବର ୭ ଓ ୨୦୨୦ ମାର୍ଚ୍ଚ ୫ ତାରିଖରେ ୩ଟି ସୁଦଶାବ୍ରତ ପଡିବ । ଜୁଲାଇ ୧୬ରେ ଚନ୍ଦ୍ର ଗ୍ରହଣ ଓ ଡ଼ିସେମ୍ବର ୨୬ ତାରିଖରେ ସୂର୍ଯ୍ୟୋପରାଗ ଅନୁଷ୍ଠିତ ହେବ । ଗ୍ରହମାନଙ୍କ ଅଶୁଭ ଦୃଷ୍ଟି ଯୋଗୁ କଳହ, ମନାନ୍ତର, ଦୈବ ଦୁର୍ଘଟଣା, ଚୋରି, ଡକାୟତି ବୃଦ୍ଧି ପାଇବ। ସୂଚନାଯୋଗ୍ୟ ଓଡ଼ିଶାର ସିଦ୍ଧାନ୍ତ ଦର୍ପଣ ଗଣନାରେ ନୟାଗଡ଼ ଜିଲା ଖଣ୍ଡପଡା ନିବାସୀ ପଠାଣି ସାମନ୍ତଙ୍କ ଲିଖିତ ପାଞ୍ଜି ୧୮୬୫ ମସିହା ଅର୍ଥାତ୍ ୧୫୦ବର୍ଷ ପୂର୍ବେ ପ୍ରକାଶିତ ହୋଇଥିଲା । ସେହିବର୍ଷ ମଧ୍ୟ ଉକ୍ତ ପାଞ୍ଜି ଶ୍ରୀ ମନ୍ଦିରରେ ପ୍ରଚଳିତ ହୋଇଥିଲା । ଦୋଳ ପର୍ବରେ ନୂତନ ପାଞ୍ଜି ପ୍ରଚଳନର ପରମ୍ପରା ରହିଛି । ଶୁକ୍ରବାର ସନ୍ଧ୍ୟାରେ ଶ୍ରୀ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମାକୁ ସିଂହଦ୍ୱାରସ୍ଥିତ ଦୋଳମଣ୍ଡପକୁ ବିଜେ କରାଯାଇ ହଳଦୀରେ ଠାକୁରଙ୍କୁ ହୋଲି ଖେଳାଯାଇଥିଲା।


ଦୋଳମଣ୍ଡପରେ ନୂତନ ପାଞ୍ଜି ପଠନ କରାଯାଉଛି।

■ ନବନିର୍ମାଣ କୃଷକ ସଙ୍ଗଠନର ଚେତାବନୀ

# ୨ରେ ହେବ ଭୋଟ ବର୍ଜନ ସମାବେଶ

**ନୟାଗଡ଼ ଅଫିସ, ୨୩।୩**

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏପ୍ରିଲ ୨ ତାରିଖରେ ଭୋଟ ବର୍ଜନ ସମାବେଶ ଅନୁଷ୍ଠିତ ହେବ। ଏ ନେଇ ଗୁଣ୍ଡିଚା ମନ୍ଦିରଠାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲା ସଂଯୋଜକ ମହେଶ୍ୱର ଜେନାଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ଜିଲାର ବିଭିନ୍ନ ପଞ୍ଚାୟତରୁ ଚାଷୀମାନେ ସମାବେଶରେ ଯୋଗଦେବାକୁ ଅତିଥିମାନେ ଅନୁରୋଧ କରିଥିଲେ । ଚାଷୀମାନଙ୍କୁ ପ୍ରାଇସ୍,ପ୍ରେଷ୍ଟିଜ୍ ଓ ପେନସନ୍ ଦାବିରେ ଏହା କରାଯାଉଥିବା ନେଇ ବୈଠକରେ ସୂଚନା ଦିଆଯାଇଥିଲା। ସେହିପରି ଶନିବାର ଜିଲାରେ ଧାନର ଅଭାବୀ ବିକ୍ରି, ଧାନ ସଂଗ୍ରହ କରି ନେଇଥିବା ମିଲର ଚାଷୀଙ୍କୁ ଅଖା ନ ଫେରାଇବା କିମ୍ବା ଅଖା ପଇସା ନ ଦେବା, କ୍ୱିଣ୍ଟାଲ ପିଛା ୪ କିଲୋ ଲେଖାଏ କାଟିବା ଘଟଣାରେ ମିଲରମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ନବନିର୍ମାଣ କୃଷକ ସଙ୍ଗଠନ। ଏ ନେଇ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୨ ମାସ ତଳେ ଦାବି କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହାର କୌଣସି ସମାଧାନ ହୋଇ ପାରି ନ ଥିବା ଚାଷୀ ନେତାମାନେ ପ୍ରକାଶ କରିଛନ୍ତି। ଏହି ଦାବିଗୁଡ଼ିକ ପୂରଣ କରା ନ ଗଲେ ଆଗାମୀ ଦିନରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି। ମହେଶ୍ୱର ଜେନା, ମମତା ନାଥ, ପ୍ରସନ୍ନ କୁମାର ପ୍ରଧାନ, ରଣଜିତ ଦଳବେହେରାଙ୍କ ସମେତ ବହୁ ଚାଷୀ ଦାବିପତ୍ର ପ୍ରଦାନ କରିବା ସହ ବୈଠକରେ ଉପସ୍ଥିତ ଥିଲେ।


ବୈଠକରେ ଯୋଗଦେଇଥିବା ଚାଷୀ ଓ ଚାଷୀ ନେତା।

■ ନୂଆଗାଁ ବ୍ଲକର ବଦଲିପୁର ଗ୍ରାମରେ ପାନୀୟଜଳ ସମସ୍ୟା

# ପ୍ରକଳ୍ପ ନିର୍ମାଣ ପରେ ବି ସମାଧାନ ହେଉନି


ନିର୍ମାଣ ପରେ ଅଚଳ ହୋଇପଡିଥିବା ବଦଲିପୁର ପମ୍ପ ହାଉସ।

**ନୂଆଗାଁ, ୨୩।୩ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଲାଗିରହିଛି। ଏ ନେଇ ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ସୁଫଳ ମିଳିପାରୁ ନାହିଁ। ଭାତହାଣ୍ଡିରୁ ଗୋଟିଏ ଦେଖିବା ଭଳି ବେରହାଁବାରି ପଞ୍ଚାୟତର ବଦଲିପୁର ଗ୍ରାମର ସ୍ଥିତି ପ୍ରସଙ୍ଗରେ ଆଲୋଚନା କରାଯାଇପାରେ। ଏଠାରେ ସରକାରୀ ଅନୁଦାନରେ ଦୁଇ ଦୁଇଟା ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ୍ୟ ଗ୍ରାମବାସୀଙ୍କ ସମସ୍ୟା ସମାଧାନ ହୋଇପାରି ନାହିଁ। ବଦଲିପୁର ଗ୍ରାମରେ ବସବାସ କରୁଥିବା ପ୍ରାୟ ୭୦୦ ଲୋକଙ୍କ ପାନୀୟ ଜଳ ଅସୁବିଧାକୁ ଅନୁଭବ କରି ସରକାରଙ୍କ ତରଫରୁ ଗ୍ରାମ ନିକଟରେ ଏକ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ବହୁ ଅର୍ଥ ବ୍ୟୟ କରି ଏହା ନିର୍ମାଣ କରାଯାଇଥିଲେ ବି ସେଥିରେ ପାଣି ହୋଇ ନ ଥିଲା। ଫଳରେ ସେହି ପ୍ରକଳ୍ପ ସେପରି ପଡିରହିଲା। ପୁନର୍ବାର ଗ୍ରାମବାସୀ ଅଭିଯୋଗ କରିବାରୁ ୨୦୧୭ରେ ଅନ୍ୟ ଏକ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ପାଇପ୍ ବିଛାଇବା, ଷ୍ଟାଣ୍ଡପୋଷ୍ଟ ନିର୍ମାଣ ଶେଷହୋଇ ତାହା ନଷ୍ଟ ହେବାକୁ ବସିଥିଲେ ମଧ୍ୟ ଲୋକମାନେ ପାଣି ଟୋପେ ପାଇପାରିଲେ ନାହିଁ । ଏହାର ମୁଖ୍ୟ କାରଣ ଥିଲା ସେହି ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ହୋଇପାରି ନ ଥିଲା। ଏ ବିଷୟରେ ଗ୍ରାମବାସୀ ତତ୍କାଳୀନ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଜଣାଇବା ପରେ ସେ ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ଏକ ଟ୍ରାନ୍ସମିଟର ବସାଇଥିଲେ ମଧ୍ୟ ଜଳ ଯୋଗାଣ ସମ୍ଭବ ହେଲା ନାହିଁ । ପରେ ଗ୍ରାମବାସୀ ଏ ନେଇ ପଞ୍ଚାୟତ ଅଧିକାରୀ, ସରପଞ୍ଚ, ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଆସୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। କେବଳ ବଦଲିପୁର ନୁହେଁ, ଏପରି ଅନେକ ସ୍ଥାନରେ ପ୍ରକଳ୍ପ ନିର୍ମାଣ କରାଯାଉଥିଲେ ମଧ୍ୟ ତାହା ନିର୍ମାଣ ସରିବା ପରେ କାର୍ଯ୍ୟକ୍ଷମ ହେଉନାହିଁ। ଏପରି ଅବ୍ୟବସ୍ଥା ବିଷୟରେ ନୂଆଗାଁ ବ୍ଲକ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ସିଲାପ୍ରିୟା ସେଠୀଙ୍କୁ ପଚାରିବାରୁ ସେ କହିଥିଲେ, ପ୍ରକଳ୍ପରେ ଲାଗିଥିବା ଟ୍ରାନ୍ସମିଟର ପୋଡିଯାଇଛି। ନୂଆ ଟ୍ରାନ୍ସମିଟର ବସାଇବା ପାଇଁ ଆମେ ବିଦ୍ୟୁତ୍ ବିଭାଗ ସହ ଯୋଗାଯୋଗ କରିଛୁ । ଏକସପ୍ତାହ ମଧ୍ୟରେ ବଦଲିପୁର ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇଦେବୁ।





ଧନ ଥିଲେ ଦାରିଦ୍ର୍ୟର ଭୟ ଅଛି। ଜ୍ଞାନରେ ଅଜ୍ଞାନର ଭୟ, ସର୍ବୋପରି ଦେହ ଥିଲେ ମୃତ୍ୟୁର ଭୟ ଅଛି। ଏହି ଜଗତର ସମୁଦାୟ ବସ୍ତୁ ଭୟଯୁକ୍ତ। କିନ୍ତୁ ଯେଉଁ ବ୍ୟକ୍ତି ସର୍ବସ୍ୱ ତ୍ୟାଗ କରିଛି ତାହାର କୌଣସି ଭୟ ନାହିଁ ସେ ଭୟ ଶୂନ୍ୟ ନିର୍ଭୀକ।

- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଦୋଳମଣ୍ଡପରେ ରଙ୍ଗ ଖେଳିଲେ ହରିହର



**ଗଣିଆ, ୨୩।୩ (ଡି.ଏନ.ଏ.):** ଗଣିଆ ବ୍ଲକର ବେଣ୍ଟପଡା ଗ୍ରାମବାସୀଙ୍କ ତରଫରୁ ଗୁରୁବାର ହାଇସ୍କୁଲ ଖେଳପଡିଆରେ ଦୋଳ ଉତ୍ସବ ପାଳିତ ହୋଇଯାଇଛି। ସନ୍ଧ୍ୟାରେ ପ୍ରଭୁ ଗୁପ୍ତେଶ୍ୱର ମହାଦେବ, ମାତା ପାର୍ବତୀଙ୍କ ବିଗ୍ରହଙ୍କୁ ସୁସଜ୍ଜିତ ଦୋଳ ବିମାନରେ ମନ୍ଦିରରୁ ବେଣ୍ଟପଡା ଗ୍ରାମକୁ ନିଆଯାଇଥିଲା। ସେହିପରି ଛାମୁଣ୍ଡିଆ ଓ ହରିପୁର ଗ୍ରାମରେ ଥିବା ମନ୍ଦିରରୁ ପ୍ରଭୁ ରାଧାମାଧବଜୀଉ ଓ ରଘୁନାଥଜୀଉଙ୍କ ବିଗ୍ରହଙ୍କୁ ବିମାନ ଯୋଗେ ଅଣାଯାଇ ହରିହର ଭେଟ କରାଯାଇଥିଲା। ଗ୍ରାମବାସୀଙ୍କ ଉଦ୍ୟମରେ ବାଣ, ବାଜା, ରୋଷଣି ସହ ଠାକୁରଙ୍କୁ ପଟୁଆରରେ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଦୋଳ ମେଳଣ ପଡିଆକୁ ନିଆଯାଇ ହରିହରଙ୍କୁ ଦୋଳ ଝୁଲଣ କରାଯିବା ସହ ଠାକୁରଙ୍କୁ ରଙ୍ଗ ଖେଳ କରାଯାଇ ଦୋଳମଣ୍ଡପରେ ବିଜେ କରାଯାଇଥିଲା। ଏହି ମେଳଣ ଉତ୍ସବ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ଶୁକ୍ରବାର ସକାଳୁ ଗଣିଆ ବ୍ଲକର ବିଭିନ୍ନ ଛକ, ବଜାର ଓ ଗାଁଗୁଡିକରେ ରଙ୍ଗର ପର୍ବ ହୋଲି ପାଳନ କରାଯାଇଥିଲା।

### କପିଳେଶ୍ୱରଦେବଙ୍କ ଗ୍ରାମ ପରିକ୍ରମା

**ଖଣ୍ଡପଡା, ୨୩।୩(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତ କୁଆହରା ଗ୍ରାମସ୍ଥ କପିଳେଶ୍ୱର ଦେବଙ୍କ ପାରମ୍ପରିକ ଦୋଳପର୍ବ ୨ଦିନ ବ୍ୟାପୀ ପାଳିତ ହୋଇଯାଇଛି। ଗୁରୁବାର ପୂର୍ଣ୍ଣମୀ ରାତି ଓ ଶୁକ୍ରବାର ହୋଲିରେ ଠାକୁରଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ସୁସଜ୍ଜିତ ବିମାନରେ ବିଜେ କରାଯାଇ ଛତ୍ରି, ମହୁରି, ଘଣ୍ଟ, ଖୋଳତାଳ ସହ କୁଆହରା, ମହୁଲପଡା, ଗୋପାଳପୁର, କଞ୍ଚନଡିପି ଓ ଦରଦା ଗ୍ରାମ ପରିକ୍ରମା କରାଯାଇଥିଲା। ବିଜେ ସମୟରେ ଗ୍ରାମବାସୀ ଦାଣ୍ଡ ଦୁଆରେ ଠାକୁରଙ୍କୁ ଚଣା, ଖଜା, ଆମ୍ବ, ମୁଆଁ, ଫଳ ଆଦି ଭୋଗ ଲଗାଇ ଚାଚେରି ଖୁଆଇଥିଲେ। ପରେ ଠାକୁରଙ୍କ ତରଫରୁ ଫଗୁ ଖେଳ ଅନୁଷ୍ଠିତ ହୋଇଥିଲା। ଦରଦା ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଗ୍ରାମସ୍ଥ ନମୋଃ ଭଗବତେ ବାସୁଦେବ ଜୀଉଙ୍କୁ ଗ୍ରାମରେ ବିଜେ କରାଯାଇ ଦୋଳ ପୂର୍ଣ୍ଣମୀ ଓ ପୂର୍ଣ୍ଣମୀବାସୀ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାମଲୀଳା ଓ ମହାଭାରତ ପରିବେଷଣ କରାଯାଇଥିଲା।

### ଫୁଲଦୋଳ ମେଳଣ



**ବୋଲଗଡ, ୨୩।୩(ଡି.ଏନ.ଏ.):** ବୋଲଗଡ ନିକଟସ୍ଥ ରାଜସୁନାଖଳା ଏବଂ ବୋଲଗଡ ବ୍ଲକ ଗେଡିଆପଲ୍ଲୀ ଠାରେ ଶନିବାର ଫୁଲଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ରାଜସୁନାଖଳା ଦୁର୍ଗାବଜାର ସ୍ଥିତ ଫୁଲଦୋଳ ପଡିଆରେ ମା' କାଉଁରୀ ଠାକୁରାଣୀଙ୍କର ଏହି ଦୋଳ ଉତ୍ସବ ପାଇଁ ଉଭୟ ବୋଲଗଡ ଏବଂ ରଣପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ଠାକୁର ମାନେ ଫୁଲ ଦୋଳଯାତ୍ରା ପଡିଆରେ ବିଜେ କରିଥିଲେ। ଶନିବାର ଅପରାହ୍ଣରେ ସମସ୍ତ ଦୋଳ ଠାକୁରମାନେ ଦୋଳବେଦୀ ପରିକ୍ରମା କରି ଫଗୁ ଖେଳିବା ପରେ ନିଜ ନିଜ ଆସ୍ଥାନକୁ ଫେରିଯାଇଥିଲେ। ସେହିପରି ଗେଡିଆପଲ୍ଲୀ ଠାରେ ଫୁଲଦୋଳମେଳଣ ପଡିଆରେ ଦୋଳମେଳଣ ଅନୁଷ୍ଠିତ ହୋଇଛି। ପ୍ରତିବର୍ଷ ପରି ଏହି ଦୋଳ ମେଳଣ ପଡିଆରେ ୭ଟି ଦୋଳ ବିମାନରେ ଆମନ୍ତ୍ରିତ ଠାକୁରମାନେ ଆସିଥିଲେ।

### ଦେଶୀ ମଦ ଜବତ, ଜଣେ ଗିରଫ

**ଗଣିଆ, ୨୩।୩ (ଡି.ଏନ.ଏ.):** ଗଣିଆ ଥାନା ଆଡକଟା ପଞ୍ଚାୟତ ଜଗନ୍ନାଥପ୍ରସାଦ ଗ୍ରାମରେ ପୋଲିସ ଶୁକ୍ରବାର ଚଢାଉ କରି ଜଣେ ଯୁବକଙ୍କୁ ଗିରଫ କରି ତାଙ୍କଠାରୁ ଦେଶୀମଦ ଜବତ କରିଛି। ଗିରଫ ଯୁବକ ହେଲେ ନୂଆଗାଁ ଥାନା ଅମେଇମୁହାଁ ଗ୍ରାମର ସଞ୍ଜୟ ଜାନି (୨୧)। ଗଣିଆ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ସଞ୍ଜୟ ଶୁକ୍ରବାର ସକାଳୁ ହୋଲି ଅବସରରେ ଏକ ଜାର୍‌କିନରେ ୫ଲିଟର ଦେଶୀମଦ ବିକ୍ରି କରିବାକୁ ଜଗନ୍ନାଥପ୍ରସାଦ ଯାଇଥିଲେ। ବିଶେଷସୂତ୍ରରୁ ଖବରପାଇ ଗଣିଆ ଥାନା ଅଧିକାରୀ ପହଞ୍ଚି ତାଙ୍କୁ ଗିରଫ କରିବା ସହ ମଦ ଜବତ କରିଥିଲେ। ଏ ନେଇ ଗଣିଆ ଥାନାରେ୧୩/୧୯ରେ ମାମଲା ରୁଜୁ କରାଯାଇ ସଞ୍ଜୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ୩ ଆନ୍ତଃ ଜିଲ୍ଲା ଡକାୟତ ଗିରଫ

**ଦଶପଲ୍ଲା/ଖଣ୍ଡପଡା/ଓଡ଼ଗାଁ, ୨୩।୩(ଡି.ଏନ.ଏ./ସ୍ୱ.ପ୍ର.)**

ଦୀର୍ଘଦିନ ଧରି ନୟାଗଡ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଡକାୟତି କରିବା ଓ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀଙ୍କୁ ଲୁଟ ମାମଲାରେ ଏକ ଡକାୟତ ଗ୍ୟାଙ୍ଗର ୩ଜଣଙ୍କୁ ଦଶପଲ୍ଲା ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ଗୋଟିଏ ମାଉଜର ସହ ନଗଦ ଟଙ୍କା ଓ ଗୋଟିଏ ବାଇକ ପୋଲିସ ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ,ଗତ ଗୁରୁବାର ଅପରାହ୍ଣରେ ଦଶପଲ୍ଲା ଥାନା ଅନ୍ତର୍ଗତ ତାଲେରା ଛକ ନିକଟରୁ ଏକ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କ ଠାରୁ ପ୍ରାୟ ଏକଲକ୍ଷ ଦୁଇ ହଜାର ଟଙ୍କା ଲୁଟକରି ସମ୍ପୃକ୍ତ ଡକାୟତମାନେ ଫେରାର ହୋଇଯାଇଥିଲେ। ଏକ ବାଇକ ଯୋଗେ ୩ଜଣ ଫେରାର ହୋଇଯାଉଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କର ପିଛା କରିଥିଲେ। ଖବର ପାଇ ଦଶପଲ୍ଲା ଓ ଗଣିଆ ପୋଲିସ ଲୁଟେରା ମାନଙ୍କ ପିଛା କରିଥିଲା। ଲୁଟେରାମାନେ ଆଡକଟା–ଖଣ୍ଡପଡା ରାସ୍ତାଦେଇ ଯାଉଥିବା ବେଳେ କୋସ୍କା ପୋଲିସ ସେମାନଙ୍କୁ ଧରିବାରେ ସଫଳ ହୋଇଥିଲା। ପୋଲିସ ଦୁଇଜଣ ଡକାୟତଙ୍କୁ ଧରିଥିବା ବେଳେ ଘଟଣାସ୍ଥଳରୁ ଜଣେ ଡକାୟତ ଫେରାର ହୋଇଯାଇଥିଲେ। ପୋଲିସର ଏକ ଟିମ୍ ବିଳମ୍ବିତ ରାତିରେ ଅଁଳାପଟା ଗ୍ରାମ ନିକଟସ୍ଥ ଜଙ୍ଗଲ ମଧ୍ୟରେ ଚଢାଉ କରି ଫେରାର ଥିବା ଡକାୟତଙ୍କୁ ଗିରଫ କରିଥିଲା। ଗିରଫ ଡକାୟତମାନେ ଶରଣକୁଳ ଥାନା ଅଧୀନ ଅସୁରଡିପ ଗ୍ରାମର ବିଶ୍ୱଭୂଷଣ ବିଶ୍ୱାଳ(୨୩), ବିଭୂତି ଭୂଷଣ ମଲ୍ଲିକ(୧୯) ଓ ରାଜ ଓରଫ ବିଭୂତି ପ୍ରଧାନ(୧୮)। ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ମାଉଜର ସହ ଲୁଟ୍‌ରେ ବ୍ୟବହୃତ ଗୋଟିଏ ବାଇକ, ନଗଦ ୫୧ହଜାର ୯୦୦ ଟଙ୍କା, ଗୋଟିଏ ମୋବାଇଲ ଫୋନ, ଗୋଟିଏ ବ୍ୟାଗ ଆଦି ଜବତ କରିଛି। ଏହି ଡକାୟତମାନଙ୍କ ନାମରେ ଗତ ଦୁଇମାସ ମଧ୍ୟରେ ନୟାଗଡ, ଓଡଗାଁ ଥାନାରେ ୩ଟି ମାମଲା ରହିଥିବା ଜଣାପଡିଛି। ସମସ୍ତ ଲୁଟେରା ମୁଖ୍ୟତଃ ଗଞ୍ଜାମ ଜିଲା ସହିତ ନୟାଗଡ ଜିଲାରେ କାର୍ଯ୍ୟକରୁଥିବା ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥାକୁ ଟାର୍ଗେଟ୍ କରୁଥିଲେ। କର୍ମଚାରୀମାନେ ବିଭିନ୍ନ ଗ୍ରାମରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଠାରୁ ଜମା ଟଙ୍କା ସଂଗ୍ରହ କରି ହେଡ୍ ଅଫିସ କିମ୍ବା ବ୍ରାଞ୍ଚ ଅଫିସକୁ ଫେରିବା ବେଳେ ସେମାନଙ୍କୁ ରାସ୍ତାରେ ମାରଣାସ୍ତ୍ର ଦେଖାଇ ଲୁଟ୍ କରୁଥିଲେ। ଅଭିଯୁକ୍ତମାନେ ଦଶପଲ୍ଲା ଥାନା ଅଞ୍ଚଳରୁ ଏକ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କୁ ମାଉଜର ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ ଉଦ୍ୟମ ବେଳେ ଖଣ୍ଡପଡା ପୋଲିସ ହାତରେ ଧରାପଡିଥିବା ବେଳେ ଦଶପଲ୍ଲା ଥାନାରେ ଏନେଇ ମାମଲା ରୁଜୁ ହୋଇଛି। ସେହିପରି ଓଡଗାଁ ଥାନା ଜାମୁପାଟଣା ଦୁତିକେଶ୍ୱର ମନ୍ଦିର ନିକଟରୁ ଦୁର୍ବୃତ୍ତମାନେ ଗତ ମାସ ୨୧ ତାରିଖରେ ଏକ ଟାବ୍‌ଲେଟ ଲୁଟ୍ କରିବା ଅଭିଯୋଗରେ ନଂ.୨୮/୧୯ରେ ମାମଲା, ୧୪ ତାରିଖରେ ଗୋଡିପଲ୍ଲି ନିକଟରେ ଫାଇନାନ୍ସ କର୍ମଚାରୀଙ୍କୁ ପାଇପରେ ମରଣାନ୍ତକ ଆକ୍ରମଣ କରି ୪୨୪୬୦ ଟଙ୍କା ଲୁଟ୍ ଘଟଣାରେ ନଂ. ୪୧/୧୯ ଏବଂ ୧୮ ତାରିଖରେ କଲେଜ ରୋଡରୁ ଅନ୍ୟ ଏକ ଫାଇନାନ୍ସ କର୍ମଚାରୀଙ୍କୁ ମାଉଜର ଦେଖାଇ ୮୮୪୫୨ ଟଙ୍କା ଲୁଟ ଘଟଣାରେ ନଂ.୪୫/୧୯ରେ ରୁଜୁ ମାମଲାରେ ଗିରଫ ଅଭିଯୁକ୍ତମାନେ ସଂପୃକ୍ତ ଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଗିରଫ ବିଶ୍ୱଭୂଷଣ ବିଶ୍ୱାଳ ପୂର୍ବରୁ ଦଶପଲ୍ଲା ଅଞ୍ଚଳର ଏକ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟ କରୁଥିଲେ। ପରେ କମ୍ପାନୀ କାର୍ଯ୍ୟ ଛାଡି ଲୁଟ୍ ପନ୍ଥାକୁ ଆପଣାଇଥିଲେ ବୋଲି ପୋଲିସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଶପଲ୍ଲା ଥାନାଧିକାରୀ ବିଶ୍ୱଜିତ ରାଉତରାୟ କହିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।



ଗିରଫ ୩ ଅଭିଯୁକ୍ତ।

## ମାଉଜର ସହ ଟଙ୍କା, ବାଇକ୍ ଜବତ



ଜବତ ଟଙ୍କା ଓ ମାରଣାସ୍ତ୍ର।

# ଟିକେଟ ଘୋଷଣା ପରେ କଂଗ୍ରେସରେ ବିଦ୍ରୋହ

**ରଣପୁର, ୨୩।୩(ସ୍ୱ.ପ୍ର.)**

**ରଣପୁର ନିର୍ବାଚନମଣ୍ଡଳୀ**

ରଣପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଭାବେ ଶୁଭଶ୍ରୀ ପଣ୍ଡା (ମିଲି)ଙ୍କୁ ଟିକେଟ ଦିଆଯାଇଛି। ଏହାକୁ ନେଇ କଂଗ୍ରେସର ବରିଷ୍ଠ ନେତା ଡ. ସନ୍ତୋଷ ଲେଙ୍କାଙ୍କ ସମେତ କେତେଜଣ କାର୍ଯ୍ୟକର୍ତ୍ତା ଓ କର୍ମୀ ଶନିବାର ବିଦ୍ରୋହ କରିଛନ୍ତି। ସୂଚନାଯୋଗ୍ୟ ଏହି ନିର୍ବାଚନମଣ୍ଡଳୀରୁ କଂଗ୍ରେସର ୪ରୁ ଊର୍ଦ୍ଧ୍ୱ ନେତା ଟିକେଟ ପାଇବା ପାଇଁ ଆଶାବାନ୍ଧି ବସିଥିଲେ। ସବୁ ଆଶା ଆଶଙ୍କାକୁ ଦୂର କରି ନୂତନ ଭାବେ କିଛିମାସ ତଳେ କଂଗ୍ରେସରେ ଯୋଗଦେଇଥିବା ଆମ ଓଡିଶା ପାର୍ଟିର ନେତ୍ରୀ ଶୁଭଶ୍ରୀ ପଣ୍ଡାଙ୍କୁ ଦଳ ତରଫରୁ ଟିକେଟ ଘୋଷଣା କରାଯାଇଛି। ଏହାକୁ ବିରୋଧ କରି ଗୋଟିଏ ଗୋଷ୍ଠୀର କଂଗ୍ରେସ କର୍ମୀ ଓ ନେତା ଶନିବାର ଅପରାହ୍ଣରେ ରଣପୁର ସୁନାଖଳା ରାସ୍ତାର ଥାନା ଆଗରେ ଟାୟାର ଜାଳି ଶୁଭଶ୍ରୀଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରିଥିଲେ। କଂଗ୍ରେସ ଦଳ ମାଓବାଦୀମାନଙ୍କୁ ସମର୍ଥନ କରୁଥିବା ନାରାବାଜି ଦେଇଥିଲେ। ଏହି ଘଟଣାକୁ ନେଇ ରଣପୁର ଅଞ୍ଚଳରେ କଂଗ୍ରେସ ଦଳରେ ଗୋଷ୍ଠୀ କନ୍ଦଳ ପଦାରେ ପଡିଥିବା ଆଲୋଚନା ହେଉଛି।

## ସାଧାରଣ ନିର୍ବାଚନ ପାଇଁ ଏସ୍‌ଭିଇଇପି କାର୍ଯ୍ୟକ୍ରମ

**ନୟାଗଡ଼ ଅଫିସ, ୨୩।୩**

ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଠାରେ ଶନିବାର ଅପରାହ୍ଣ ୪ଟାରେ ଜିଲାପାଳ ଡା. ଏନ୍ ତିରୁମାଲା ନାୟକଙ୍କ ଉପସ୍ଥିତିରେ ଏସ୍‌ଭିଇଇପି (ସିଷ୍ଟମେଟିକ୍ ଭୋଟର୍ସ ଏଜୁକେଶନ ଆଣ୍ଡ ଇଲେକ୍ଟୋରାଲ ପାର୍ଟିସିପେଶନ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟରେ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଧାରଣ ନିର୍ବାଚନ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଛାତ୍ରୀଛାତ୍ରମାନେ ବିଭିନ୍ନ ରଙ୍ଗର ପୋଷାକ ପିନ୍ଧି ବସି ଏକ ସୁନ୍ଦର ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମକୁ ଏପିଡି ସନ୍ତୋଷୀ ସାହୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ଜନସାଧାରଣ ଯୋଗ ଦେଇଥିଲେ।

# ସାଗରଗାଁରେ ଭାଜପାର କର୍ମୀ ସମ୍ମିଳନୀ

**ବୋଲଗଡ, ୨୩।୩(ଡି.ଏନ.ଏ.)**

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଭାଜପା ପକ୍ଷରୁ ବୋଲଗଡ ବ୍ଲକ ସାଗରଗାଁ ପଞ୍ଚାୟତ ଗୋଡିଆଳି ଠାରେ ଶନିବାର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଭାଜପା ନେତା ରବି ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଭାଜପା ନେତ୍ରୀ ଅପରାଜିତା ଷଡଙ୍ଗୀ ଯୋଗଦେଇ ସାଗରଗାଁ ପଞ୍ଚାୟତ ଅଞ୍ଚଳରେ ଫ୍ଲୋରାଇଡ ସମସ୍ୟା ଉଦ୍‌ବେଗ ଜନକ ସ୍ଥିତିରେ ପହଞ୍ଚିଥିଲେ ମଧ୍ୟ ବିଜେଡି ସରକାର ଅମଳରେ ଏହାର ସମାଧାନ ହୋଇପାରିନି ବୋଲି କହିଥିଲେ। ଭାଜପା ସରକାରକୁ ଆସିଲେ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ। ସେହିଭଳି ଜନସାଧାରଣଙ୍କର ସର୍ବନିମ୍ନ ଆବଶ୍ୟକତା, ମୌଳିକ ସମସ୍ୟା ଏବଂ ଜନହିତକର କାର୍ଯ୍ୟ ଗୁଡିକ ପ୍ରତି ଦୃଷ୍ଟି ଦିଆଯାଇ ବିଭିନ୍ନ ଯୋଜନା ଗୁଡିକୁ ସଫଳ ରୂପାୟନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଭଜପାରେ ଯୋଗଦେଇଥିବା ରିଷଭ ନନ୍ଦଙ୍କୁ ଫୁଲତୋଡା ଦିଆଯାଇ ଏହି ସମ୍ମିଳନୀରେ ସମ୍ବର୍ଦ୍ଧିତ କରାଯାଇଥିଲା। ଦଳର ରାଜ୍ୟ ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରକାଶ ବିଜୁଳି ଙ୍କ ସମେତ ଦଳୀୟ ନେତା ବିଶ୍ୱଜିତ ସ୍ୱାଇଁ ,ଲୋତକ ବିନ୍ଦୁ ପଟ୍ଟନାୟକ,ସୁବାସ ମିଶ୍ର,ଅଶୋକ ରାଉତ ଓ ତପନ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସମ୍ମିଳନୀରେ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ଓ ସ୍ଥାନୀୟ କର୍ମ ଯୋଗ ଦେଇଥିଲେ।

## ଆସ୍କା ଫର୍ଟି ଜବତ: ୧ ଗିରଫ

**ଓଡ଼ଗାଁ, ୨୩।୩(ସ୍ୱ.ପ୍ର.)**

ସ୍ଥାନୀୟ ଆଦର୍ଶ ଥାନା ତରଫରୁ ଏସ୍‌ଆଇ ସ୍ନେହଲତା ପ୍ରଧାନ ଶୁକ୍ରବାର ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବା ବେଳେ କୁରାଳ ଗ୍ରାମ ସଂସ୍କୃତ କଲେଜସାହି ନିକଟରୁ ବେଆଇନ ଭାବେ ଆସ୍କା ଫର୍ଟି ବିକ୍ରି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଥିଲେ। ସେ ହେଲେ ମୋହନ ଖଟେଇ(୫୨)। ମୋହନ ଘର ନିକଟସ୍ଥ ଏକ କ୍ୟାବିନରେ ମଦ ବିକ୍ରି କରୁଥିବା ବେଳେ ତାଙ୍କ ନିକଟରୁ ୫ ଲିଟରର କେତେକ ପାଉଚ ଜବତ କରାଯିବା ସହିତ ଏନେଇ ଏକ ମକଦ୍ଦମା ରୁଜୁ କରାଯାଇଛି। ଶନିବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାଯାଇଛି। ଜବତ ମଦ ପରୀକ୍ଷା ନିମନ୍ତେ ପଠାଯାଇଥିବା ତଦନ୍ତକାରୀ ଅଧିକାରୀ ହରିବନ୍ଧୁ ଜଗଦ୍ଦେବ ସୂଚନା ଦେଇଛନ୍ତି।

# ଦୋଳ ଓ ହୋଲି ଉତ୍ସବ ପାଳିତ

**ଖଣ୍ଡପଡା, ୨୩।୩(ସ୍ୱ.ପ୍ର.)**

ଖଣ୍ଡପଡା, କଣ୍ଟିଲୋ ଓ ଏହାର ଆଖପାଖ ଗ୍ରାମର ଗୋପାଳ ସମାଜ ପକ୍ଷରୁ ଗୁରୁବାର ଓ ଶୁକ୍ରବାର ଦୋଳ ଉତ୍ସବ ପାଳିତ ହୋଇଯାଇଛି। ଦୋଳ ପୂର୍ଣ୍ଣମୀରେ ସମସ୍ତ ଗୋପାଳ ନିଜ ଗାଈ, ବଳଦଙ୍କୁ ସ୍ନାନ କରାଇ ସେମାନଙ୍କ ଲାଞ୍ଜରୁ କିଛିଅଂଶ କାଟି ନଦୀରେ ପକାଇଥିଲେ। ପରେ ପ୍ରତ୍ୟେକ ଗୋରୁଙ୍କ ମୁଣ୍ଡରେ କଜଳ ଓ ଫଗୁ ବୋଳିଥିଲେ। ଭାପୁର ବ୍ଲକ ପଥରଚକଡାର ଗୋପାଳମାନେ ନିକଟସ୍ଥ ମା'ନାରାୟଣୀ ପୀଠସ୍ଥ ଗୋପୀନାଥ ଜୀଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଘରକୁ ଆସି ଗୋରୁମାନଙ୍କୁ ପୂଜା କରିଥିଲେ। ସ୍ଥାନୀୟ ଗୋପାଳ ଗୋଷ୍ଠୀ ପକ୍ଷରୁ ରାଧାକୃଷ୍ଣଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନା କରାଯାଇ ଦୋଳ ପୂର୍ଣ୍ଣମୀରେ ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାମବାସୀ ସେମାନଙ୍କ କୂଳ ଠାକୁର ରାଧାକୃଷ୍ଣଙ୍କୁ ଏକ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରାଇ ପ୍ରତ୍ୟେକଙ୍କ ଦ୍ୱାରରେ ଭୋଗ ଲାଗିକରିଥିଲେ। ପଥରଚକଡା ଗୋଡିସାହି ପକ୍ଷରୁ କାଳୀୟଦଳନ ଓ ତଳସାହିପକ୍ଷରୁ କୃଷ୍ଣସୁଦାମା ନାଟକ ମଞ୍ଚସ୍ଥ କରାଯାଇଥିଲା। ବେଣାଗାଡିଆ ପଞ୍ଚାୟତ ତେନ୍ତୁଳିଅପଲ୍ଲୀ ଗ୍ରାମବାସୀଙ୍କ ପକ୍ଷରୁ ମା' ବ୍ରାହ୍ମଣୀ ଦେବୀଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସେହିପରି ବରକୋଳି ଗ୍ରାମସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ୩ଦିନ ବ୍ୟାପୀ ହନୁମାନ ଜୟନ୍ତୀ ଓ କାଦୁଆଠାରେ ୫ଦିନ ଧରି ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଖଣ୍ଡପଡା, କଣ୍ଟିଲୋ ଓ ଅନ୍ୟାନ୍ୟ ଗ୍ରାମରେ ହୋଲି ଉତ୍ସବ ପାଳିତ ହୋଇଯାଇଛି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୨୪।୩।୨୦୧୯ (ରବିବାର)**

- ବିଜେଡ଼ିର ବିଶାଳ କର୍ମୀ ସମାବେଶ
  **ସ୍ଥାନ**–ଷ୍ଟାଡ଼ିୟମ ପଡ଼ିଆ, ନୟାଗଡ଼, **ସମୟ**– ପୂର୍ବାହ୍ଣ ୧୧ଟା
- ବିଶ୍ୱ ଯକ୍ଷ୍ମା ଦିବସ ୨୦୧୯
  **ସ୍ଥାନ:** ସିଡ଼ିଏମ୍‌ଓଙ୍କ ସମ୍ମିଳନୀ କକ୍ଷ, ନୟାଗଡ଼, **ସମୟ**– ପୂର୍ବାହ୍ଣ ୧୦ଟା
- ବିଶାଳ ୯ କୁଣ୍ଡୀୟ ଗାୟିତ୍ରୀ ମହାଯଜ୍ଞ
  **ସ୍ଥାନ :** ନିମେଶ୍ୱର ପୀଠ, କୋରପିଠା, ଓଡ଼ଗାଁ, **ସମୟ**– ସକାଳ ୯ଟା
- ନିଖିଳ ଉତ୍କଳ କଂସାର ସମାଜର ବୈଠକ
  **ସ୍ଥାନ :** କଂସାରୀ ସମାଜ କଲ୍ୟାଣ ସଦନ, କଣ୍ଟିଲୋ, ଖଣ୍ଡପଡ଼ା, **ସମୟ**– ପୂର୍ବାହ୍ଣ ୧୧ଟା

**୨୫।୩।୨୦୧୯ (ସୋମବାର)**

- ସମୂହ ବ୍ରତୋପୟନ
  **ସ୍ଥାନ :** ପଞ୍ଚମୁଖୀ ହନୁମାନ ମନ୍ଦିର, କଣ୍ଟିଲୋ, ଖଣ୍ଡପଡ଼ା, **ସମୟ**– ସକାଳ ୯ଟା

**୨୬।୩।୨୦୧୯ (ମଙ୍ଗଳବାର)**

- ଅଚ୍ୟୁତାନନ୍ଦ ଆଶ୍ରମରେ ଯଜ୍ଞର ଅଙ୍କୁରାରୋପଣ
  **ସ୍ଥାନ :** ଆଶ୍ରମ ପରିସର, ତୁଳସୀପୁର, ନୟାଗଡ଼, **ସମୟ**– ସକାଳ ୯ଟା

**୨୭।୩।୨୦୧୯ (ବୁଧବାର)**

- ନୟାଗଡ଼ ନାଟ୍ୟଶାଳାର ମଞ୍ଚାୟନ ବୈଠକ
  **ସ୍ଥାନ :** ଜନତା କମ୍ପ୍ଲେକ୍ସ, ନୟାଗଡ଼, **ସମୟ**– ସନ୍ଧ୍ୟା ୭ଟା

**୨୮।୩।୨୦୧୯ (ଗୁରୁବାର)**

- ରନ ଫର ଭୋଟ ମିନି ମାରାଥନ୍
  **ସ୍ଥାନ :** ଦକ୍ଷିଣକାଳୀ ମନ୍ଦିରଠାରୁ ପିଟିଏସ୍ ପଡ଼ିଆ, **ସମୟ**– ସକାଳ ୬ଟା

**୨୯।୩।୨୦୧୯ (ଶୁକ୍ରବାର)**

- ଅଚ୍ୟୁତାନନ୍ଦ ଆଶ୍ରମରେ ଯଜ୍ଞର ପୂର୍ଣ୍ଣାହୁତି
  **ସ୍ଥାନ :** ଆଶ୍ରମ ପରିସର, ତୁଳସୀପୁର, ନୟାଗଡ଼, **ସମୟ**– ଅପରାହ୍ଣ ୫ଟା

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| ନୟାଗଡ଼ ଅଫିସ | ରଞ୍ଜନ କୁମାର ପ୍ରଧାନ | ୯୪୩୭୭୭୫୭୩୦ |
| ଓଡ଼ଗାଁ | ଆଦର୍ଶ କୁମାର ପଟ୍ଟନାୟକ | ୯୪୩୭୩୬୫୬୬୮ |
| ନୂଆଗାଁ | ଧନେଶ୍ୱର ସାହୁ | ୯୯୩୭୬୪୮୧୧୦ |
| ଦଶପଲ୍ଲା | ପ୍ରକାଶ କୁମାର ପାଣି | ୯୪୩୯୮୪୯୦୫୫ |
| ଗଣିଆ | ସନ୍ତୋଷ କୁମାର ପ୍ରଧାନ | ୭୩୨୮୮୯୬୧୯୯ |
| ଭାପୁର | ଶୁଭେନ୍ଦ୍ର କୁମାର ପଟ୍ଟନାୟକ | ୯୪୩୮୦୪୦୯୪୩ |
| ଖଣ୍ଡପଡ଼ା | ଅଜୟ କୁମାର ମହାରଣା | ୯୮୫୩୬୪୩୨୧୧ |
| ରଣପୁର | ସୁକାନ୍ତ କିଶୋର ଡାକୁଆ | ୯୯୩୭୦୨୧୭୨୭ |

**ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନୀତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।**

# ପଞ୍ଚୁଦୋଳ ମେଳଣ ପଡ଼ିଆରେ ହାଇୱା ଜବତ



ମେଳଣ ପଡ଼ିଆ ମଣ୍ଡପ ଆଗରେ ରହିଥିବା ହାଇୱା।

**ରଣପୁର, ୨୩।୩(ସ୍ୱ.ପ୍ର.)**

ରବିବାର ରାତିରୁ ରଣପୁର ପଞ୍ଚୁଦୋଳ ପଡିଆରେ ଆରମ୍ଭ ହେବ ନିଆରା ପଞ୍ଚୁଦୋଳ ଯାତ୍ରା। ଯାତ୍ରା ଆକର୍ଷଣୀୟ କରିବାକୁ ସ୍ଥାନୀୟ ପ୍ରଶାସନ ଲାଗି ପଡିଛି। ଏପରିସ୍ଥଳେ ଠାକୁର ବିଜେ କରିବାକୁ ଥିବା କିଛି ମଣ୍ଡପ ଆଗରେ ନୟାଗଡ ପରିବହନ ବିଭାଗ ୯ମାସ ହେବ ଏକ ବାଲି ବୋଝେଇ ହାଇୱା ଜବତ କରି ରଖିଛି। ଏଥିଯୋଗୁ ଠାକୁର ଦର୍ଶନରେ ଅସୁବିଧା ସୃଷ୍ଟି ହେବା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆସନ୍ତା ସୋମବାର ରଣପୁର ମାଉସୀ ମା' ମନ୍ଦିର ନିକଟରେ ଥିବା ପଞ୍ଚୁଦୋଳ ପଡିଆରେ ୧୦୮ ଠାକୁରଙ୍କର ମହାମିଳନ ପର୍ବ ଅନୁଷ୍ଠିତ ହେବ। ଏଥିଲାଗି ପଡିଆ ଚାରିପାଖରେ ଥିବା ପିଣ୍ଡିଗୁଡିକୁ ସୁସଜ୍ଜିତ କରାଯାଉଛି। ହେଲେ କିଛି ପିଣ୍ଡିର କାର୍ଯ୍ୟ ହୋଇପାରୁ ନାହିଁ। ୯ମାସ ତଳେ ନୟାଗଡ଼ ପରିବହନ ବିଭାଗର ଏମ୍‌ଭିଆଇ ରଣପୁରରେ ଗାଡି ଯାଞ୍ଚ କରୁଥିଲା ବେଳେ ବିନା କାଗଜପତ୍ରରେ ଚାଲୁଥିବା ବାଲିବୋଝେଇ ହାଇୱା (ଓଡି୧୯ଡି–୧୦୯୩) ଜବତ କରି ପଞ୍ଚୁଦୋଳ ପଡିଆରେ ରଖିଥିଲେ। ସେବେଠାରୁ ଗାଡିଟି ସେଠାରେ ରହିଛି। ଏହାକୁ ହଟାଇବା ପାଇଁ ବାରମ୍ବାର କୁହାଯାଉଥିଲେ ମଧ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇ ନାହିଁ। ରାସ୍ତା କଡରେ ଗାଡିଟି ଥିବାରୁ ସାମାନ୍ୟ ପବନ ହେଲେ ଏଥିରେ ବୋଝେଇ ହୋଇଥିବା ବାଲି ଉଡି ବାଟୋଇଙ୍କୁ ଅସୁବିଧାରେ ପକାଉଛି।

# ବିଜେଡିର ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ଖଣ୍ଡପଡ଼ା, ୨୩।୩(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକର ୫ନଂ. ଜୋନ୍ ଓ ଖଣ୍ଡପଡା ସହରାଞ୍ଚଳରେ ବିଜେଡି ପକ୍ଷରୁ ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ରୟତଡୋଲମରା ପଞ୍ଚାୟତରୁ ଯାତ୍ରାର ଶୁଭାରମ୍ଭ ହୋଇ ଖଳିସାହି ପଞ୍ଚାୟତରେ ଶେଷ ହୋଇଥିଲା। ଏକ ବାଇକ୍ ଶୋଭାଯାତ୍ରାରେ ଦଳୀୟ କର୍ମୀ, କର୍ମକର୍ତ୍ତା ଓ ସଂଗଠକ କୁମ୍ଭାରପଡା, ବଳଭଦ୍ରପ୍ରସାଦ, କୋସ୍କା, କିଆଝର, ଗଡିଆସାହି, ସିଂଘାପଡା ଓ ଖଳିସାହି ପ୍ରଭୃତି ପଞ୍ଚାୟତ ପରିକ୍ରମା କରିଥିଲେ। ବିଭିନ୍ନ ସ୍ଥାନରେ ଆୟୋଜିତ ପଥପ୍ରାନ୍ତ ସଭାରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଅଞ୍ଚଳବାସୀଙ୍କୁ ସଚେତନ କରାଯାଇଥିଲା। ଏପ୍ରିଲ୍ ୨୩ ତାରିଖରେ ଖଣ୍ଡପଡା ବିଧାନସଭା କ୍ଷେତ୍ରରେ ଅନୁଷ୍ଠିତ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହେବେ ବୋଲି ବିଧାୟକ ମତ ଦେଇଥିଲେ। ଏ ଅବସରରେ ଖଳିସାହି ତୋଟା ହନୁମାନ ସାଂସ୍କୃତିକ କେନ୍ଦ୍ରଠାରେ ଆୟୋଜିତ ସାଧାରଣ ସଭାରେ ବ୍ଲକ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିଆରସିଂ, ଉପସଭାପତି ସର୍ବେଶ୍ୱର ସ୍ୱାଇଁ, ବରିଷ୍ଠ ନେତା ଅଖିଳ କୁମାର ମହାରଣା, ଖଳିସାହି ପଞ୍ଚାୟତ ବିଜେଡି ସଭାପତି ପ୍ରସନ୍ନ କୁମାର ମିଶ୍ର, ବିଜୟ କୁମାର ଗଣ୍ଡିଆ, ମାୟାଧର ନାୟକ, ସୁକାନ୍ତ କୁମାର ଗଣ୍ଡିଆ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଗୁଣଗାନ କରିଥିଲେ। କେନ୍ଦ୍ର ସରକାର ରାଜ୍ୟର ସ୍ୱାର୍ଥ ବିରୋଧୀ ବୋଲି ବିଜେଡି ନେତାମାନେ ଅଭିଯୋଗ କରିବା ସହ ସାଧାରଣ ନିର୍ବାଚନରେ ଉକ୍ତ ସରକାରକୁ କଡା ଜବାବ ଦେବାକୁ ଆହ୍ୱାନ ଦେଇଥିଲେ।

# ଜିଲା ଲେଖକ ପରିଷଦର ଅଷ୍ଟମ ସାମ୍ବିଧାନିକ ସଭା

**ନୟାଗଡ଼ ଅଫିସ, ୨୩।୩**

ନୟାଗଡ଼ ଜିଲା ଲେଖକ ପରିଷଦର ଅଷ୍ଟମ ସାମ୍ବିଧାନିକ ସଭା ଓ ବସନ୍ତ କବିତା ଆସର ଗୁରୁବାର ନୀଳମାଧବ କଲ୍ୟାଣମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ସଭାର ପ୍ରଥମାର୍ଦ୍ଧରେ ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ରଙ୍କ ପୌରୋହିତ୍ୟରେ ବସନ୍ତ ଆସର ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଧା ସାଂସ୍କୃତିକ ପରିଷଦର ଆବାହକ ଡ. ଆଶୁତୋଷ ମିଶ୍ର, କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ସାହିତ୍ୟ ସଂସଦର ସମ୍ପାଦକ ପ୍ରଶାନ୍ତ ଦାଶ ଏବଂ ଦଶପଲ୍ଲା ଗଠନ ପରିବାରର ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ଅତିଥିଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା କବୟିତ୍ରୀ, କବିମାନେ ବିଶ୍ୱ କବିତା ଦିବସ, ବସନ୍ତ ଋତୁ ଓ ହୋଲି ଆଧାରିତ ବିଷୟ ଉପରେ କବିତା ପାଠ କରିଥିଲେ। କବିତା ଆସର ପରେ ଦ୍ୱିତୀୟାର୍ଦ୍ଧରେ ପରିଷଦର ଅଷ୍ଟମ ସାମ୍ବିଧାନିକ ବୈଠକ ତଥା ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ଗତ ତିନିବର୍ଷର କାର୍ଯ୍ୟାବଳୀ ଉପରେ ସୂଚନା ପ୍ରଦାନ କରିଥିଲେ। ପରେ ପୁରୁଣା କମିଟିକୁ ଭଙ୍ଗ କରି ଆଗାମୀ ତିନିବର୍ଷ ପାଇଁ ନୂତନ କମିଟି ଗଠନ ଲାଗି ସୁପାରିସ କରିଥିଲେ। ବରିଷ୍ଠ କବି ପଣ୍ଡିତ ଚନ୍ଦ୍ରମଣି ପ୍ରଧାନଙ୍କୁ ଅସ୍ଥାୟୀ ସଭାପତି ଭାବେ ମନୋନୀତ କରାଯାଇ ନୂତନ କମିଟି ଗଠନ କରାଯାଇଥିଲା। ସମ୍ପାଦକ ଭାବେ ଶେଖ ଅବଦୁଲ ଖାଲିକ୍, ଡ. ସୁକାନ୍ତ ମହାନ୍ତିଙ୍କୁ ବରିଷ୍ଠ ଉପସଭାନେତ୍ରୀ, ହାଡ଼ିବନ୍ଧୁ ମହାକୁଡ଼, ପ୍ରଭାତ ମିଶ୍ର, ହରପ୍ରିୟା ଦ୍ୱିବେଦୀଙ୍କୁ ଉପସଭାପତି ଭାବେ ମନୋନୀତ କରାଯାଇଛି। ସେହିପରି ସହ ସମ୍ପାଦକ ଭାବେ ସୌଦାମିନୀ ସ୍ୱାଇଁ ଏବଂ ବିଭୂତି ମିଶ୍ର, ସୀମାଞ୍ଚଳ ଦାଶ ସାଧାରଣ ସମ୍ପାଦକ, ଅଶୋକ କୁମାର ମଲ୍ଲ କୋଷାଧ୍ୟକ୍ଷ ଏବଂ ପ୍ରଶାନ୍ତ କୁମାର ଦାଶଙ୍କୁ ସାଂସ୍କୃତିକ ସମ୍ପାଦକ, ଲକ୍ଷ୍ମୀଧର ସାହୁ ଏବଂ ନିରାକାର ସ୍ୱାଇଁଙ୍କୁ ଗଣମାଧ୍ୟମ ସଂଯୋଜକ ଭାବେ ମନୋନୀତ କରାଯାଇଛି। ଜିଲାର ୮ଟି ବ୍ଲକର ସଂଯୋଜକ ପ୍ରମୁଖ, ପରିଷଦର ଉପଦେଷ୍ଟା ମଣ୍ଡଳୀ ସଦସ୍ୟମାନଙ୍କୁ ମନୋନୀତ କରାଯାଇଥିଲା। ଚଳିତ ବର୍ଷ ଜିଲା ଲେଖକ ପରିଷଦର ୨୫ବର୍ଷ ପୂର୍ତ୍ତି ହେଉଥିବାରୁ ରୌପ୍ୟ ଜୟନ୍ତୀ ପାଳନ ପାଇଁ ପ୍ରସ୍ତାବ ଗୃହୀତ ହେବା ସଙ୍ଗେ ସଙ୍ଗେ ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କବୟିତ୍ରୀ ସୌଦାମିନୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।





କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ବିଭିନ୍ନ କର୍ମକର୍ତ୍ତା ମନୋନୀତ